ଜଗନ୍ନାଥ ପ୍ରସାଦ ଦାସ

ଈଦୃଶୀ

ଇଷ୍ଟର୍ଣ୍ଣ ମିଡିଆ

Digitized by srujanika@gmail.com

ଛଅଟି ଝିଅ

ଜଗନ୍ନାଥପ୍ରସାଦ ଦାସ

ଇଷ୍ଟର୍ଣ୍ଣ ମିଡିଆ

Digitized by srujanika@gmail.com

ଜଗନ୍ନାଥ ପ୍ରସାଦ ଦାସଙ୍କ ଅନ୍ୟତମ ଗଳ୍ପ ସଂକଳନ:

ଛଅଟି ଝିଅ

ପ୍ରଚ୍ଛଦ

ରଂଜିତ ପରିଡା

ପ୍ରଥମ ପ୍ରକାଶ:

ନବବର୍ଷ, ୧୯୮୭

ପ୍ରକାଶକ:

ଇଷ୍ଟର୍ଣ୍ଣ ମିଡିଆ

୪/ ୬୨, ନୂଆପଲ୍ଲୀ

ଭୁବନେଶ୍ୱର—୩

ମୁଦ୍ରକ:

ଉତ୍କଳ ସମ୍ବାଦ ପ୍ରକାଶନ ପ୍ରାଇଭେଟ ଲିଃ

୪/ ୬୨, ନୂଆପଲ୍ଲୀ

ଭୁବନେଶ୍ୱର—୩

ମୂଲ୍ୟ:

ସାତଟଙ୍କା

Digitized by srujanika@gmail.com

[] ପ୍ରକାଶକୀୟ []

ସମକାଳୀନ ଓଡ଼ିଆ ସାହିତ୍ୟର ସ୍ପନ୍ଦ୍ୟମାନ ଧାରାରେ ଏକ ବହୁ — ଉଚ୍ଚାରିତ ନାମ — ଶ୍ରୀ ଜଗନ୍ନାଥ ପ୍ରସାଦ ଦାସ

କବିତା, ନାଟକ, ଗଳ୍ପ — ସାହିତ୍ୟର ଏକାଧିକ ବିଭାବରେ ତାଙ୍କ ସାଧନାର ସ୍ୱାକ୍ଷର ବେଶ୍ ସ୍ପଷ୍ଟ ଆଉ ସମୁଜ୍ଜ୍ୱଳ । ଆଙ୍ଗିକ ଓ ଆତ୍ମିକ — ଉଭୟ ଦିଗରେ ତାଙ୍କର ନୂତନତା ବା ମୌଳିକତା, ତାଙ୍କୁ ସୁଧୀ ପାଠକ ମହଲରେ ଏକ ସ୍ମରଣୀୟ ପ୍ରତିଭା ରୂପେ ପରିଚିତ କରାଇପାରିଛି ।

'ଛଅଟି ଝିଅ' — ଶ୍ରୀ ଦାସଙ୍କ ନିଜସ୍ୱ ଗଳ୍ପ କାରିତାର ଆଉ ଏକ ନୂତନ ନଜିର୍ ।

ଇଷ୍ଟର୍ଣ୍ଣ ମିଡ଼ିଆ ପ୍ରକାଶନ ସଂସ୍ଥା, ସାହିତ୍ୟକୁ ବୃହତ୍ତର ପାଠକ ସମାଜ ନିକଟରେ ପହଞ୍ଚାଇବାର ଯେଉଁ ପ୍ରତିଶ୍ରୁତି ଦେଇଆସିଛି — 'ଛଅଟି ଝିଅ' ଗଳ୍ପ ଗ୍ରନ୍ଥର ପ୍ରକାଶନ ପ୍ରକୃତରେ ତାର ପ୍ରଥମ ଫଳଶ୍ରୁତି ।

Digitized by srujanika@gmail.com

ସୂଚୀ ଓ ସୂଚନା



୧॥ ସୁମିତ୍ରା

୧୧॥ ଉର୍ମିଳା

୨୮॥ ସାବିତ୍ରୀ

୪୦॥ ଅନସୂୟା

୫୭॥ ସୁନନ୍ଦା

୬୫॥ ସ୍ତୁତି

Digitized by srujanika@gmail.com

୧. ସୁମିତ୍ରା

ସୁମିତ୍ରା ନିଦରୁ ଉଠି ଅଳସ ଭାଙ୍ଗିଲା, ଶୋଇବା ଘରର ଚାରି ଆଡ଼କୁ ଅନାଇଲା ଏବଂ ମନକୁ ମନ କହିଲା, ନା ଆଜି ବି କିଛି ଭଲ ଲାଗୁନାହିଁ । ଯଦିଓ ଘରର ସବୁ ଜିନିଷପତ୍ର ସୁରୁଚିସମ୍ପନ୍ନ ଏବଂ ସୁବ୍ୟବସ୍ଥିତ ଥିଲା, ସୁମିତ୍ରାର ମନେ ହେଲା ଯେମିତି ତା ମନର ରିକ୍ତତା ସବୁ ଯାଇ ଏଇ କୋଠରୀର ସବୁ ଅଂଶରେ ଗୋଟିଏ ପରସ୍ତ ଛାଇ ଯାଇଛି ।, ଏପରିକି, ସେ ଯଦି ଝରକା ଖୋଲିଦିଏ, ଏଇ ଶୂନ୍ୟତା ଯେମିତି ତା ଆଖି ପାଉଥିବା ପର୍ଯ୍ୟନ୍ତ ଘଞ୍ଚା ଘଞ୍ଚ ଗଛ ପତ୍ର ସମେତ ଦୂର ଆକାଶକୁ ଆବୃତ କରିଦେବ ।

ସୁମିତ୍ରାର ଘରେ ସବୁ କିଛି ସୁନିୟନ୍ତ୍ରିତ ଥିଲା । ବେଡ୍ ସାଇଡ୍ ଟେବୁଲ ଉପରେ ଚାକର ଚା ରଖି ଦେଇଥିଲା । ପାଖରେ ସକାଳର ଖବର କାଗଜ ପଡ଼ିଥିଲା । ପାଖ କୋଠରୀରେ ସୁମିତ୍ରାର ସ୍ୱାମୀ ବସି କାମ କରୁଥିଲା । ଟିନା ସ୍କୁଲ ଚାଲି ଯାଇଥିଲା । ରୋଷାଇ ଘରେ ବ୍ରେକ୍‌ଫାଷ୍ଟ ତିଆରି ହେବାର ଠୁଣଠୁଣ ଶବ୍ଦ ଶୁଭୁଥିଲା । ସବୁ ନିୟମାନୁଯାୟୀ, ସମୟାନୁବର୍ତ୍ତୀ । ସୁମିତ୍ରା ବାଥ୍‌ରୁମ ଭିତରକୁ ଗଲା । ସବୁ ଯେ ଯାହା ସ୍ଥାନରେ ସୁରକ୍ଷିତ, ସଫା ସୁତୁରା, ଚକମକ । ସୁମିତ୍ରା ଭାବିଲା, ନିଜର ମନକୁ ଯଦି ସେ ନିୟନ୍ତ୍ରଣ ଭିତରକୁ ଆଣି ଏଇପରି ସମନ୍ୱିତ ସମତୁଲ କରି ଦେଇ ପାରନ୍ତା ! ଦୀର୍ଘ ନିଃଶ୍ୱାସ ନେଇ ସୁମିତ୍ରା ନିଜ ଉପରେ ପାଣି ଢାଳିଲା । ଯେମିତି ସାବୁନରେ ଦେହକୁ ଘଷି ମାଜି ସେ ନିଜର ସମସ୍ତ କ୍ଳାନ୍ତି ବିରକ୍ତି ଅବସାଦକୁ ଧୋଇ ପୋଛି ବାହାର କରି ଦେବ ।

ଦର୍ପଣ ପାଖରେ ଠିଆ ହୋଇ ସୁମିତ୍ରା ଜାଣିଲା ଏ କଥା ସମ୍ଭବ ନୁହେଁ । କାଚ ଭିତରେ ତାର ମୁହଁ ଅବସନ୍ନ ଦିଶୁଛି । ଆଖି ଦୁଇଟି ସମ୍ପୂର୍ଣ୍ଣ ଭାବ ଓ ଉତ୍ତେଜନା ବିହୀନ । ଓଠରେ ରଙ୍ଗ ନାହିଁ; ଆଖି ତଳେ କଳା ଦାଗ । ସବୁ କିଛି ଫିକା, ନିଷ୍ପ୍ରଭ, ବିବର୍ଣ୍ଣ ଓ ନିଷ୍ପ୍ରାଣ । ଖୋଲା ହୋଇ ତଳେ ପଡ଼ିଥିବା ରାତିର ପୋଷାକ ଭଳି । ଅନେକ ବାଧ୍ୟ ବାଧକତାର ସହିତ ସେ ତାର ଲୁଗା ପଟା ପିନ୍ଧିବାକୁ ଲାଗିଲା । ଡ୍ରେସିଂଟେବୁଲ ଉପରେ ସଜା ହୋଇ ରହିଥିବା କସ୍‌ମେଟିକ ସବୁ ତାର ମୁହଁରେ ସାମାନ୍ୟ ରଙ୍ଗ ଆଣି ଦେଲେ, କିନ୍ତୁ ତାର

Digitized by srujanika@gmail.com

ନିଜ ଭିତରର ଅବସାଦରେ କୌଣସି ପରିବର୍ତ୍ତନ ହେଇ ନାହିଁ । ବରଂ ଏଇ ସକାଳେ ନିଦରୁ ଉଠି ଗାଧୋଇ ନିଜକୁ ସଜାଇବା ତାକୁ ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତହୀନ ଓ ଅନାବଶ୍ୟକ ମନେହେଇ । ନିତାନ୍ତ ଅନିଚ୍ଛାର ସହିତ ସେ ଉଠି ଠିଆ ହେଇ ଏବଂ ଦିନର ସାମନା କରିବାକୁ ପାଦ ବଢ଼ାଇଲା ।

ସୁମିତ୍ରାକୁ ଦେଖି ତାର ସ୍ୱାମୀ କାଗଜ ଉପରୁ ମୁହଁ ଉଠାଇ ତା ଆଡ଼କୁ ଅନାଇଲା । ସୁମିତ୍ରା ଭାବିଲା ତାର ମୁହଁକୁ ଦେଖି ସ୍ୱାମୀ ତାର ମନର ଭାବକୁ ଜାଣି ପାରିବ ଏବଂ ସହାନୁଭୂତିର ସହିତ ପଚାରିବ, କଣ ଦେହ ଖରାପ ଅଛି ? ସେ କିନ୍ତୁ ନିଜର ଦୁର୍ବଳତାକୁ ଆଗରେ ପ୍ରକାଶ ନ କରି କହିବ, ନାଁଚ ! ମାତ୍ର ଏପରି କିଛି ହେଇ ନାହିଁ । ତାର ସ୍ୱାମୀ କହିଲା, "ତମେ କଣ ସବୁ କିଣିବ ବୋଲି କହୁଥିଲ, ଆଜି ଖବରକାଗଜରେ ବାହାରିଛି ସାତ ଦିନ ସେଇ୍ ଅଛି । କୋଡ଼ିଏ ପରସେଣ୍ଟ ଡିସକାଉଣ୍ଟ ।"

ସୁମିତ୍ରା ନିରାଶ ହେଇ ଏବଂ ସ୍ୱାମୀ ସହିତ କୌଣସି ଆଳରେ କଳି କରିବା ଉଦ୍ଦେଶ୍ୟରେ କହିଲା, "ମୁଁ ତମକୁ ଯୋଉ ଔଷଧ ଆଣିବାକୁ କହିଥିଲି, କଣ ହେଇ ?" ତାର ଦୁର୍ଭାଗ୍ୟକୁ ସ୍ୱାମୀ ଔଷଧ ଆଣି ରଖିଥିଲା ଏବଂ ତାକୁ ସୁମିତ୍ରା ଆଡ଼କୁ ବଢ଼ାଇ ଦେଇ କହିଲା, "କାଲି ଠାରୁ ଆଣିଲିଣି; ଦବାକୁ ଭୁଲି ଯାଇଥିଲି ।" ସୁମିତ୍ରା ଔଷଧ ବୋତଲକୁ ଏପାଖ ସେପାଖ ଘୁରିଆଡୁ ବୁଲାଇ ଦେଖିଲା । ନା, ଔଷଧ ଠିକ୍ ଅଛି; ସିଲ ବନ୍ଦ ଅଛି । ଏକ୍ସପାୟାରି ଡେଟ୍ ଆହୁରି ଅନେକ ଦିନ ଅଛି । କିଛି ବି ତ୍ରୁଟି ନାହିଁ ସେଇ ଔଷଧ ବୋତଲରେ ଯାହାକୁ ନେଇ ସେ ଆଉ ଏକ କଟୁତାପୂର୍ଣ୍ଣ ବାଦ ବିବାଦର ଆରମ୍ଭ କରିବ ।

ହତାଶ ହୋଇ ସେ ଶେଷେଇ ଘରକୁ ଗଲା । ଏଠାରେ ସେ ଘରକର ବିଭିନ୍ନ ପ୍ରକାରର ଭୁଲ ଭ୍ରାନ୍ତି ଓ ଅକର୍ମଣ୍ୟତାକୁ ନେଇ ନିଜର କ୍ରୋଧ ଓ ବିରକ୍ତିକୁ ସବାକ ରୂପ ଦେଇ ପାରିଥାନ୍ତା । କିନ୍ତୁ ସେ ସ୍ୱାମୀ ସହିତ କଥାବାର୍ତ୍ତା ପରେ କ୍ଲାନ୍ତ ବୋଧ କରୁଥିଲା ଏବଂ ଆଉ ଯୁକ୍ତି ତର୍କ ଅଥବା ଭର୍ତ୍ସନା କରିବାର ମନସ୍ଥିତିରେ ନ ଥିଲା । ବରଂ ସେ ମନକୁ, ମନ କହିଲା, ଯାଉ, ସବୁ ଯାଉ । ଟୋଷ୍ଟ ଜଳି ପୋଡ଼ି ଯାଉ । କପ୍ ପ୍ଲେଟ ଭାଙ୍ଗି ଯାଉ । ଚା ଥଣ୍ଡା ହୋଇ ଯାଉ । ଯିଏ ଯାହା କରୁଚ, କର । ମୁଁ ଆଉ କାହାରିକି କିଛି କହି ପାରିବି ନାହିଁ ।

ବର୍ତ୍ତମାନ ଖାଇବା ଟେବୁଲ ଉପରେ ବସି ସୁମିତ୍ରା ଓ ତାର ସ୍ୱାମୀ ବ୍ରେକଫାଷ୍ଟ ଖାଉଥିଲେ । ଟୋଷ୍ଟ ଠିକ ସୁନା ରଙ୍ଗର ଓ ଉପଯୁକ୍ତ ଉତ୍ତାପର ଥିଲା ।

Digitized by srujanika@gmail.com

ଅମଲେଟରେ ଲୁଣ ଠିକ୍ ଥିଲା; ଚା ଗରମ ଥିଲା ୧ ସ୍ୱାମୀ ଭଲ ମୁଡ୍‌ରେ ଥିଲା । କେବଳ ସୁମିତ୍ରା ନିଜର ମନକୁ ଆୟତ୍ତ କରି ପାରୁ ନ ଥିଲା । ତାର ସ୍ୱାମୀ କହିଲା, "ଏ ମାସରେ ଆମକୁ ବହୁତ ଲୋକଙ୍କୁ ଖାଇବାକୁ ଡାକିବାର ଅଛି ।" ସୁମିତ୍ରା ଭାବିଲା ଚିତ୍କାର କରି କହିବ, ମତେ ଏ ପାର୍ଟି ସବୁ ଆଉ ଭଲ ଲାଗୁ ନାହିଁ । ସେଇ ଏକା ଭଳି ଲୋକ; ଏକାଭଳି ମପାଚୁପା ଓ ସତର୍କ ଆଳାପ; ସେଇ ଭଦ୍ର ପୋଷାକ, ଅତ୍ୟାଧୁନିକ ବେଶଭୂଷା । ସାମାନ୍ୟ ମିଥ୍ୟାର ଆଶ୍ରିତ କଥୋପକଥନ; ନିଶାଗ୍ରସ୍ତ ଅବସ୍ଥାର ସାମୟିକ ଅନ୍ତରଙ୍ଗତା ଓ ଭଙ୍ଗୁର ପ୍ରତିଶ୍ରୁତିମାନ । ସୁମିତ୍ରାର ପୁଣି ମନେ ପଡ଼ିଲା କଟୁ ନ ଥିବା ସମୟ କଥା । ହାତ ଘଡ଼ିରେ ଅତି ମନ୍ଥର ଗତିରେ ଚାଲୁଥିବା କଣ୍ଟା; ଶୂନ୍ୟରୁ ଝୁଲି ରହିଥିବା ଘଣ୍ଟା ମିନିଟ ସେକେଣ୍ଡ ଲିଡା ବିଲିଡା, ବ୍ରେକଫାଷ୍ଟରୁ ଲଞ୍ଚ ଓ ଲଞ୍ଚରୁ ଡିନରର ବ୍ୟବଧାନର ଗୋଟିଏ ଗୋଟିଏ ସମ୍ବତ୍ସର । ତାର ବର୍ତ୍ତମାନ ଆଉ ଭୋକ ନ ଥିଲା ଏବଂ ସେ ଜାଣିଥିଲା ଯେ ସେ ଆଉ ଖାଇବ ନାହିଁ । ତଥାପି ସେ ଅମଲେଟଟିକୁ ଛୁରୀଦେଇ ଆହୁରି ଛୋଟ ଛୋଟ କରି କାଟିଲା ଏବଂ କହିଲା, "ଏ ସପ୍ତାହରେ ନୁହେଁ, ଆର ସପ୍ତାହରେ । ଏ ଭିତରେ ବରଂ ସେଇ ନୂଆ ଫିଲ୍ମ୍‌ଟା ଦେଖିବା ।"

ଦଶଟା ବେଳେ ସ୍ୱାମୀ ଅଫିସ ବାହାରିଗଲା । ପାଞ୍ଚ ମିନିଟ ପରେ ଡାକବାଲା ବେଲ୍ ଦେଲା । ଇଲେକଟ୍ରିକ ବିଲ୍‌ର ନୋଟିସ ଥିଲା । ଆଉ କିଛି ବି ଚିଠି ଆଣି ଆସେ ନାହିଁ ଡାକବାଲା । ସୁମିତ୍ରାର ମନେ ପଡ଼ିଲା କଲେଜରେ ପଢ଼ିଲା ବେଳେ ସେ ଦେଶ ବିଦେଶର ପେନ୍ ଫ୍ରେଣ୍ଡ୍‌ମାନଙ୍କୁ ଚିଠି ଲେଖୁଥିଲା ଏବଂ ପ୍ରତିଦିନ ଡାକରେ ତା ପାଖକୁ ରଙ୍ଗବେରଙ୍ଗ ଲଫାପାରେ ଅନେକ ଚିଠି ଆସୁଥିଲା । ଆଜିକାଲି ଡାକରେ କେବଳ ଅବୈକ୍ତିକ ଟେଲିଫୋନ ବିଲ, ଡିସକାଉଣ୍ଟରେ ମିଳୁଥିବା ଶାଢ଼ିର ବିଜ୍ଞାପନ, ନିମନ୍ତ୍ରଣ ପତ୍ର । ଇଲେକଟ୍ରିକ ବିଲର ଲଫାପାକୁ ନ ଖୋଲି ସେ ଯେମିତି ଟେବୁଲ ଉପରେ ରଖିଦେଲା ଏବଂ କେତେଦିନ ତଳେ ଅଧା ପଢ଼ି ରଖି ଦେଇଥିବା ବହିଟିକୁ ଖୋଜିବାକୁ ଗଲା ।

ଟେଲିଫୋନ ବାଜିଲା ଏବଂ ରିସିଭର ଉଠାଇ କିଛି କହିବା ପୂର୍ବରୁ ସେ ପାଖରୁ ମିସେସ ଶର୍ମାଙ୍କର ଅନିବାର୍ଯ୍ୟ କଣ୍ଠସ୍ୱର ଭାସି ଆସିଲା, "ବୁଝିଲେ, ମୁଁ ପାଞ୍ଚଥର ଡାଏଲ କରି ସାରିବା ପରେ ଆପଣଙ୍କର ନମ୍ବର ପାଇଲି । ଆଜିକାଲି ଟେଲିଫୋନ ସର୍ଭିସ ଯାହା ହେଲଣି ନା !" ସୁମିତ୍ରା କହିଲା, "ଆମ ଟେଲିଫୋନ ବି ବେଶ୍ କିଛି ଦିନ ହେଲା ଖରାପ ଥିଲା ।" ମିସେସ୍ ଶର୍ମା

Digitized by srujanika@gmail.com

କହିଲେ, 'ଖାଲି ଟେଲିଫୋନ ତ ନୁହେଁ, ଏ ପାଖରେ ଇଲେକଟ୍ରିକ ବି ବନ୍ଦ ଅଛି । କାଲି ରାତିରେ ବି ବିଜୁଳି ବନ୍ଦ ରହିଲା ଅନେକ ସମୟ ପର୍ଯ୍ୟନ୍ତ; ଟି.ଭି. ରେ ପ୍ରୋଗ୍ରାମ ମିସ୍ କଲୁ ।" ସୁମିତ୍ରା କହିଲା, "ଖବର କାଗଜରେ ବାହାରିଥିଲା କୋଉ ସମୟରେ କୋଉ ଅଞ୍ଚଳରେ ଲୋଡ୍ ଶେଡିଙ୍ଗ ହେବ ।" ମିସେସ ଶର୍ମା କହିଲେ, "ସତରେ ? କିନ୍ତୁ କିଏ ଏତେ ଟିକନିଖି କରି ଖବର କାଗଜ ପଢୁଛି ?" ସୁମିତ୍ରା ଭାବିଲା, ସକାଳର ଖବରକାଗଜରେ ସେ ଦିନ ପାଣି ସପ୍ଲାଇ ବନ୍ଦ ହେବା ବିଷୟରେ ବାହାରିଥିଲା ବୋଲି କହିବ, କିନ୍ତୁ ମିସେସ ଶର୍ମା ତାକୁ କଥା କହିବାର ଅବସର ନ ଦେଇ କହି ଚାଲିଥିଲେ, "ସେଇ ମର୍ଡର କେସ କଥା ଏତେ ବିସ୍ତାରରେ ବାହାରୁଛି ଯେ, ସେଇ ଖବର ତକ ପଢୁ ପଢୁ ସମୟ ଚାଲି ଯାଉଛି ।"

ସୁମିତ୍ରା ଭାବିଲା, କଣ ଦରକାର ଏଇ ଜବରଦସ୍ତି ସ୍ତ୍ରୀ ଲୋକ ସହିତ କୋଉ ମର୍ଡର କେସ ବିଷୟରେ ଆଲୋଚନା କରି । କିନ୍ତୁ ସେ କହିଲା, "ଆଉ କୋଉ ଖବରକାଗଜରେ କୁଆଡ଼େ ବାହାରି ଥିଲା ଯେ ସେ ଝିଅର ପରିବାରର ଲୋକମାନେ ବି କେମିତି ଏଇ ହତ୍ୟା ସହିତ ଜଡ଼ିତ ।" ମିସେସ ଶର୍ମା କହିଲେ, "ସତରେ ? କଣ କିଛି ପ୍ରେମ ପ୍ରେମ କଥା ଅଛି କି ?" ସୁମିତ୍ରା ଭାବିଲା ଟେଲିଫୋନକୁ କାଟି ଦେଇ ଏଇ ଅଯଥା ଆଗ୍ରହୀ ସ୍ତ୍ରୀ ଲୋକର ଅସୁସ୍ଥ କୌତୂହଳକୁ ଆଉ ପ୍ରଶ୍ରୟ ଦେବ ନାହିଁ । କଣ ଆସେ ଯାଏ ତା'ର ସେଇ ଝିଅଟିର ତା'ର ପଡ଼ୋଶୀ ସହିତ ପ୍ରେମ ଥିଲା କି ନାହିଁ ସେ କଥାରୁ ? ସୁମିତ୍ରା କାନ୍ଥ ଘଣ୍ଟାକୁ ଦେଖିଲା ଏବଂ କହିଲା, "ପୋଲିସ ସବୁ ଚିଠିପତ୍ର ଜବତ କରି ଦେଇଛନ୍ତି... ।" ତା କଥାକୁ କାଟି ମିସେସ ଶର୍ମା କହିଲେ, "ବାହାରେ କିଏ ବେଲ୍ ଦେଉଛି । ମୁଁ ଟେଲିଫୋନ ରଖୁଚି । ଟିକିଏ ପରେ ପୁଣି ଫୋନ କରିବି ।"

ସୁମିତ୍ରାର ଉଚିତ ଥିଲା ଆଗରୁ ଟେଲିଫୋନ କାଟି ଦେବା । ବର୍ତ୍ତମାନ ରିସିଭରକୁ ରଖୁ ରଖୁ ସୁମିତ୍ରା ନିଷ୍ପତ୍ତି କଲା ଯେ ଏଥରକ ନିଶ୍ଚୟ ମିସେସ ଶର୍ମା କଥା କହୁଥିବା ବେଳେ ରିସିଭର ରଖି ଦେବ । ଏହି ନିର୍ଣ୍ଣୟ ନେଇ ସେ ପୁଣି ଥରେ ଟେଲିଫୋନ ଘଣ୍ଟି ବାଜିବାକୁ ଜଗି ବସିଲା । କିନ୍ତୁ ଏଇ ଧୈର୍ଯ୍ୟର ଖେଳରେ ହାର ହେଲା ସୁମିତ୍ରାର । ମିସେସ ଶର୍ମା ଆଉ ଟେଲିଫୋନ କଲେ ନାହିଁ ।

ଟେଲିଫୋନ ବହିରୁ ସୁମିତ୍ରା ଅଭିଜିତର ନମ୍ବର ବାହାର କରି ତାକୁ ଫୋନ କଲା । ଦୁଇଥର ଟେଲିଫୋନ ଏନଗେଜ୍‌ଡ୍ ଆସିଲା । କାଳେ ନମ୍ବର

Digitized by srujanika@gmail.com

ଭୁଲ ଥାଇପାରେ ବୋଲି ସେ ବହିରୁ ପୁଣି ଥରେ ନମ୍ବର ମିଳାଇ ଦେଖିଲା । ଏଥରକ ସେ ପାଖରୁ ଝିଅର କଣ୍ଠସ୍ୱର ଆସିଲା । ଏଇଟି ଅଭିଜିତର ହିଁ ନମ୍ବର ଥିଲା ଏବଂ ତା'ର ସେକ୍ରେଟେରୀ ଜାଣିବାକୁ ଚାହୁଁଥିଲା କିଏ ଅଭିଜିତ ସହିତ କଥାବାର୍ତ୍ତା କରିବାକୁ ଚାହେଁ । ବିରକ୍ତ ହୋଇ ସୁମିତ୍ରା କହିଲା, 'ମିସେସ ଶର୍ମା ।' ପୁଣି ଥରେ ଲାଇନ କଟିଗଲା; ଝିଅଟି ଅଭିଜିତ ସହିତ କଥା କହି ସୁମିତ୍ରାକୁ ତା'ର ଠିକଣା ପଚାରିଲା । ଏଥରକ ସୁମିତ୍ରା ତା'ର ଠିକ୍ ଠିକଣା ଦେଲା ଏବଂ ଅଭିଜିତ ଲାଇନକୁ ଆସିବାରେ ତାକୁ କହିଲା, "ସେ ଝିଅକୁ କହିଦିଅ ତମକୁ ଲାଇନ ଦବା ଆଗରୁ ମତେ ଅଧଘଣ୍ଟାଏ ଡେରି କରିବ ନାହିଁ ।"

ତା'ର କଥାକୁ ଗୁରୁତ୍ୱ ନ ଦେଇ ଅଭିଜିତ କହିଲା, "ମୁଁ ବର୍ତ୍ତମାନ ଟିକିଏ ବ୍ୟସ୍ତ ଅଛି । କଣ କଥା ଥିଲା ?" ସୁମିତ୍ରା କହିଲା, "ମୋରି ବେଳକୁ ତମର ସବୁ ବ୍ୟସ୍ତତା । କଣ ଏମିତି ଜରୁରୀ କାମ କରୁଚ ବର୍ତ୍ତମାନ ?" ଅସମଂଜସରେ ଥାଇ ଅଭିଜିତ ଜବାବ ଦେଲା, "ପରେ କହିବି । ନ ହେଲେ ତମେ ଟେଲିଫୋନ ପାଖରେ ଥାଅ, ମୁଁ ପାଞ୍ଚ ମିନିଟି ଭିତରେ ଟେଲିଫୋନ କରିବି ।"

"ନାଁ; ମୁଁ ବାହାରୁ ଟେଲିଫୋନ କରୁଛି; ଅପେକ୍ଷା କରି ପାରିବିଁ ନାହିଁ । ତମେ ଏବେ ଆସି ମତେ ଦେଖା କର ।"

"କୋଉଠି ?" ଅଭିଜିତ ପଚାରିଲା ।

"କଫି କର୍ନରରେ । ବର୍ତ୍ତମାନ ଦଶଟା ପଞ୍ଚତିରିଶ ହେଲା । ଠିକ୍ ଏଗାରଟା ବେଳକୁ ସେଠି ଯେମିତି ପହଞ୍ଚିବ ।"

"ଦେଖ, ବର୍ତ୍ତମାନ ଟିକିଏ ଅସୁବିଧା ଅଛି..."

"ମୁଁ ସୁବିଧା ଅସୁବିଧା କଥା ଜାଣେ ନାହିଁ । ମୁଁ କଫି କର୍ନରକୁ ଯାଉଛି ।"

"ଆଚ୍ଛା, ଟିକିଏ ଧର," ଅଭିଜିତ କହିଲା । ଏଥରକ ସେ ବୋଧହୁଏ ପାଖରେ ଥିବା ଲୋକମାନଙ୍କୁ ବିଦାୟ ଦେଲା ଏବଂ ଏକାକୀ ହେବା ପରେ କହିଲା, "କଣ ହେଲା ? ଏତେ ଦିନ ଯାଏ କିଛି ଖବର ନାହିଁ, ଆଜି ହଠାତ୍ କାହିଁକି ଆସିବାକୁ କହୁଚ ?"

"ମୁଁ ଟେଲିଫୋନରେ ଏତେ ଜବାବ ଦେଇ ପାରିବି ନାହିଁ । ତମେ ନ ଆସିଲେ ନ ଆସ । ତମ ଇଚ୍ଛା । ମୁଁ କିଛି ତମକୁ ବାଧ୍ୟ କରୁନାହିଁ ।"

Digitized by srujanika@gmail.com

"ଆଚ୍ଛା, କଫି କର୍ନର ନ ଯାଇ ସେଇ ଷ୍ଟେସନ ପାଖରେ ଯୋଉ ରେଷ୍ଟୋରାଁ ଅଛି, ସେଠିକି ଗଲେ ହବ ?"

"ମୁଁ କୋଉ ରେଷ୍ଟୋରାଁ ଦେଖିନାହିଁ ।"

"ଏଇ ତ ସେଦିନ ଯାଇଥିଲେ ଉପରବେଳା ! ଠିକ୍ ଷ୍ଟେସନ ସାମନାରେ । ତମେ ସେଇଠିକି ଆସ ।"

"ମୁଁ ସେଠିକି ରାସ୍ତା ଜାଣେନା । ମୁଁ କଫି କର୍ନରକୁ ଯାଉଛି । ତମ ଇଚ୍ଛା ହେଲେ ଆସିବ ।" ଏତିକି କହି ସୁମିତ୍ରା ଟେଲିଫୋନକୁ ଜୋରରେ ରଖିଦେଲା ।

ଏଥରକ ସେ ଟେଲିଫୋନ ପାଖରୁ ଧୀରେ ଉଠିଲା ଓ ଶାଢ଼ି ବଦଳା-ଇବାକୁ ଗଲା । ତା'ର କୌଣସି ବ୍ୟସ୍ତତା ନ ଥିଲା । ସେ ଚାକରକୁ ଚା କରିବାକୁ କହିଲା । ଚା ପିଇ ସାରି ଟ୍ୟାକ୍ସି ନେଇ ସେ ଯେତେବେଳେ କଫି କର୍ନରରେ ପହଞ୍ଚିଲା, ଏଗାରଟା ଚାଳିଶ ବାଜିଥିଲା । ଅଭିଜିତ ଗୋଟିଏ କଣରେ ବସି କଫି ପିଉଥିଲା ଏବଂ ବିରକ୍ତ ହୋଇ ନିଜର ଘଡ଼ି ଦେଖୁଥିଲା । ସୁମିତ୍ରା ତା ପାଖକୁ ଆସିବାରୁ କହିଲା, "ମୁଁ ଘଣ୍ଟାଏ ହେଲା ଆସି ଏଠାରେ ବସିଲିଣି ।"

ସୁମିତ୍ରା ବସୁ ବସୁ କହିଲା, "ମୋ ପାଖରେ ତ ଆଉ ଗାଡ଼ି ନାହିଁ ଯେ ପାଞ୍ଚ ମିନିଟ୍ ଭିତରେ ଆସି ପହଞ୍ଚିବି ? ଟ୍ୟାକ୍ସି ମିଳିବାକୁ ଡେରି ହେଲା ।"

ଅଭିଜିତ କହିଲା, "କଣ ଚା ପିଇବ, ନା କଫି ? ମତେ ସାଢ଼େ ବାରଟା ଭିତରେ ଅଫିସ ଫେରିଯିବାକୁ ହେବ ।"

ସୁମିତ୍ରା କହିଲା, "ତମେ ତା ହେଲେ ଯାଅ । ମୁଁ ମୋର ଅର୍ଡର ଦେବି ।" ଏଥରକ ସୁମିତ୍ରା ରାସ୍ତା ଆଡ଼କୁ ମୁହଁ ବୁଲାଇ ବସିଲା ଏବଂ ବ୍ୟାଗରୁ କଳା ଚଷମା କାଢ଼ି ପୁଣି ଆଖିରେ ଲଗାଇଲା । ଅଭିଜିତ ଟେବୁଲ ଉପରେ ତା ହାତ ଉପରେ ହାତ ରଖିଲା, କହିଲା—"ଆଚ୍ଛା ବାବା, ତମେ ଯେତେବେଳେ ଯାଏ କହିବ, ରହିବି । ଏଥରକ କହ କଣ ନବ ?"

ସୁମିତ୍ରା ଆଖିରୁ ଚଷମା ଖୋଲିଲା, କହିଲା— "ଚାଲ, ତମେ ଯୋଉ ଷ୍ଟେସନ ପାଖ ରେଷ୍ଟୋରାଁ କଥା କହୁଥିଲ, ସେଠିକି ଯିବା ।"

"ସେ ତ ଅନେକ ଦୂର ! ପ୍ରଥମରୁ ଯାଇଥିଲେ ହୋଇଥାନ୍ତା । ଆଜି ଏଇଠି ବସିବା ।"

Digitized by srujanika@gmail.com

"ନାଁ, ସେଇ ଜାଗାଟା ଭଲ ।" ସୁମିତ୍ରା କହିଲା, "ତମ ପାଖରେ ତ ଗାଡ଼ି ଅଛି; ଚାଲ ।"

"ଦେଖ, ଆଜି..." ଏତିକି କହି ଅଭିଜିତ ଚୁପ୍ ରହିଲା, କାରଣ ସୁମିତ୍ରା ପୁଣି କଳାଚଷମା ଲଗାଇ ବାହାରକୁ ଅନାଇ ଥିଲା ।

ତା'ର କଫିର ବିଲ ଦେଇ ଅଭିଜିତ ସୁମିତ୍ରାକୁ ନେଇ ବାହାରକୁ ଆସିଲା । ଗାଡ଼ିରେ ବସି ଷ୍ଟେସନ ଆଡ଼କୁ ଯିବାବେଳେ ଅଭିଜିତ କହିଲା, "ଆଜି ହଠାତ୍ କେମିତି ତମର ମନେ ପଡ଼ିଲା ।"

କଥାର ସିଧା ସଳଖ ଜବାବ ନ ଦେଇ ସୁମିତ୍ରା ପ୍ରହେଳିକା କଲା, "ମୁଁ ତମ ଭଳି ନୁହେଁ ।" ଏହାର କୌଣସି ଅର୍ଥ ନ ଥିଲା । ତେଣୁ ଏ କଥାକୁ ଆଉ କୌଣସି ବ୍ୟାଖ୍ୟା ନ କରି ଅଭିଜିତ କହିଲା, "କଣ କିଛି ଜରୁରୀ କଥା ଥିଲା ?" ସୁମିତ୍ରା କହିଲା, "ଆମର ଏତେ ଦିନ ପରେ ଦେଖା ହଉଚି, ସେଇଟା କଣ ଜରୁରୀ କଥା ନୁହେଁ ?"

ଅଭିଜିତ ଏଥରକ ଚୁପ୍‌ଚାପ୍ ଗାଡ଼ି ଚଳାଇଲା । ଷ୍ଟେସନ ପାଖ ରେସ୍ତୋରାଁ ଭିତରେ ପଶି ସେ କଣର ଟେବୁଲ ଖୋଜିଲା, କିନ୍ତୁ ଟେବୁଲ ଖାଲି ନ ଥିଲା । ଯୋଉ ଗୋଟିଏ ଟେବୁଲ ଖାଲି ଥିଲା, ସେଥିରେ ସୁମିତ୍ରାକୁ ବସାଇ ଅଭିଜିତ କହିଲା, "ତମେ ଗୋଟାଏ ମିନିଟ ବସିଥାଅ, ମୁଁ ଅଫିସ୍‌କୁ ଫୋନ କରି ଦେଇ ଆସେ ।"

ଅଭିଜିତ ଯେତେବେଳେ ଫେରିଲା, ସୁମିତ୍ରା ଉଦାସ ହୋଇ ବସିଥିଲା । ତା'ର ହାତକୁ ହାତରେ ନେଇ ଅଭିଜିତ କହିଲା, "କଣ ହୋଇଚି ତମର ?" ସୁମିତ୍ରା ଅଭିଜିତର ଆଖିକୁ ଅନାଇଲା, ତାର ହାତକୁ ହାତରେ ଜୋରରେ ମୁଠାଇ ଧରିଲା, ଆଉ କହିଲା, "ମତେ କିଛି ଭଲ ଲାଗୁନାହିଁ ।"

"କଣ ତମର ଦେହ ଖରାପ ?"

"ତମେ କିଛି ବୁଝି ପାରିବ ନାହିଁ ।" ସୁମିତ୍ରା ବିରକ୍ତ ହୋଇ କହିଲା । ଟିକିଏ ପରେ କହିଲା, "ତମେ ଅଫିସରୁ କେତେ ସମୟ ପାଇଁ ଛୁଟି ନେଲ ? ଲଞ୍ଚ ଖାଇବ ତ ଅର୍ଡର ଦିଅ । ମତେ ଭୋକ ନାହିଁ ।"

"କଫି ପିଇବ, ନା ଚା ?"

"ନା, ମୋର କିଛି ଦରକାର ନାହିଁ ।"

"ତେବେ ଆମେ ଏତେ ବାଟ ଆସିଲେ କାହିଁକି ?"

Digitized by srujanika@gmail.com

"ତମକୁ ସେଇ କଫି କର୍ନରରେ ଭୟ ଲାଗୁଥିଲା ବୋଲି । କାଳେ କିଏ ଦେଖିଦବ ତମକୁ !"

ୱେଟର ଆସି ସେମାନଙ୍କ ହାତରେ ମେନୁ କାର୍ଡ ଦେଇଲା । ତାର ପୃଷ୍ଠା ଓଲଟାଇ ସୁମିତ୍ରା କହିଲା, "ତମେ କେତେ ସମୟ ରହି ପାରିବ, କହ । ମୁଁ ସେଇ ଅନୁସାରେ ଅର୍ଡର ଦେବି ।" ପୁଣି ଏକ ତର୍କ ବିତର୍କ ଭିତରକୁ ନ ପଶିବା ପାଇଁ ଅଭିଜିତ କହିଲା, "ମୁଁ ଆଉ ଅଫିସକୁ ଫେରିବି ନାହିଁ ।" ସୁମିତ୍ରା ୱେଟରକୁ କହିଲା, "ଦୁଇଟା ଆଇସ୍‌କ୍ରିମ ।" ୱେଟର ଚାଲିଯିବା ପରେ ଅଭିଜିତ କହିଲା, "ଏତେବେଳେ ଆଇସ୍‌କ୍ରିମ୍ ?" ସୁମିତ୍ରା କହିଲା, "ମୁଁ ଯେତେବେଳେ ଅର୍ଡର ଦେଲି, କହିଲ ନାହିଁ କାହିଁକି ? ଯଦି ନ ଖାଇବ, ମୁଁ ୱେଟରକୁ ଡାକି ଅର୍ଡର ବଦଳାଇ ଦେଉଛି ।" ଅଭିଜିତ କହିଲା, "ଥାଉ ।"

ଏଥରକ ଦୁହେଁ ଚୁପ୍‌ଚାପ୍ ବସିଲେ । ଅଭିଜିତ ଜାଣିଥିଲା ସେ ବର୍ତ୍ତମାନ ଯାହା ବି କହିବ, ସୁମିତ୍ରା ତାର ଏକ ଅଦ୍ଭୁତ ଅର୍ଥ ବାହାର କରି ଏକ ନୂଆ ତର୍କର ସୂତ୍ରପାତ କରିବ । ଆଇସକ୍ରିମ ଆସିବାରୁ ଅଭିଜିତ ତାକୁ ଖାଇବାକୁ ଆରମ୍ଭ କଲା, କିନ୍ତୁ ସୁମିତ୍ରା ତାକୁ ଛୁଇଁଲା ନାହିଁ ଏବଂ ଆଇସକ୍ରିମକୁ ପ୍ଲେଟ ଉପରେ ତରଳି ଯିବାକୁ ଦେଲା । ଅଭିଜିତ ଯେତେବେଳେ 'ତମେ ଖାଇବ ନାହିଁ' ପଚାରିଲା, ତା'ରି ଖାଲି ପ୍ଲେଟକୁ ଚାହିଁ ସୁମିତ୍ରା କହିଲା, "ତମପାଇଁ ଆଉ କିଛି ଅର୍ଡର ଦେବି ?"

ପୁଣି କିଛି ସମୟ ଚୁପ୍‌ଚାପ୍ ବସିବାପରେ ଅଭିଜିତ ଘଡ଼ି ଦେଖିଲା । ସୁମିତ୍ରା କହିଲା, "ତମର ଅଫିସ ସମୟ ହୋଇଗଲା ବୋଧହୁଏ ?" ଅଭିଜିତ କହିଲା, "ନା, ମୁଁ ଆଉ ଅଫିସ ଯିବିନାହିଁ । ତମର କଣ ହୋଇଚି, କୁହ ।"

ସୁମିତ୍ରା ତା' ଉପରେ ରାଗିଯାଇ କହିଲା, "ମୋର କିଛି ହୋଇ ନାହିଁ । ମୋର କିଛି ହେବା ନ ହେବାରେ ତମର କଣ ? କେବେ ଖବର ନେଇଥିଲ ? ତମର ଆଜି ମୁଡ୍ ଠିକ୍ ନାହିଁ । ମୋର ତମକୁ ଏଠିକି ଆସିବା ପାଇଁ ବାଧ୍ୟ କରିବା ଉଚିତ ନ ଥିଲା । ଚାଲ, ଯିବା ଏଥରକ । ଅଭିଜିତର ଅନୁରୋଧକୁ ନ ମାନି ସୁମିତ୍ରା ୱେଟରକୁ ବିଲ ଆଣିବାକୁ କହିଲା ଓ ଜିଦ କରି ନିଜେ ପଇସା ଦେଇଦେଲା । ବାହାରକୁ ଆସି ଅଭିଜିତ କହିଲା, "ତମେ କୋଉଠିକି ଯିବ, କହ । ମୁଁ ଛାଡ଼ି ଦେବି ।" ସୁମିତ୍ରା କହିଲା, "ନା ମୁଁ ଟ୍ୟାକ୍‌ସି

Digitized by srujanika@gmail.com

ନେଇଯିବି । ତମେ ତମର ଅଫିସକୁ ଯାଅ । ଅନେକ ଜରୁରୀ କାମ ଥିବ ତମର ।"

ଅଭିଜିତ ଶେଷଥର ପାଇଁ ଅନୁନୟ କରି କହିଲା, "ସୁମିତ୍ରା ଦେଖ, ମୁଁ ଟୁରରେ ଚାଲିଯିବି କିଛିଦିନ ପାଇଁ । କଣ କହିବାର ଥିଲା କୁହ ।" ସୁମିତ୍ରା ତା କଥାକୁ ଅଶୁଣା କରିଦେଇ, ଟ୍ୟାକ୍ସି ଡାକିଲା ଏବଂ ଟ୍ୟାକ୍ସିରେ ବସୁ ବସୁ କହିଲା, "ତମର ଯେତେବେଳେ ମୋ ସାଙ୍ଗରେ କଥାବାର୍ତ୍ତା କରିବାପାଇଁ ଇଚ୍ଛା ଓ ସମୟ ହେବ, ମତେ ଫୋନ କରିବ ।"

ଟିନା ଘରକୁ ଫେରିଲା ଦୁଇଟାବେଳେ । ସୁମିତ୍ରା ମୁହଁକୁ ସାମାନ୍ୟ ହସ ଆଣି ତାକୁ ସ୍କୁଲରେ କଣ ସବୁ ହେଲା ପଚାରିଲା । ଟିନା ଏକ ବିସ୍ତୃତ ବିବରଣ ଦେବାକୁ ଆରମ୍ଭ କରିବାରୁ ସୁମିତ୍ରା କହିଲା, "ଥାଉ, ଥାଉ । ଖାଇ ସାରିଲେ ବାକି ସବୁ କଥା ଶୁଣିବି ।" ନିଜେ ଖାଉ ଖାଉ ସୁମିତ୍ରା ଟିନାକୁ ଖୁଆଇଲା ଏବଂ ଖାଇସାରି ଶୋଇବା ଘରକୁ ଆସିଲା । ତା ପଛେ ପଛେ ଟିନା ଆସି ତା'ର ବହି ଧରି ଛିଡ଼ାହେଲା, କହିଲା, "ମତେ ଏ ଗପଟା କହ ।" ସୁମିତ୍ରା ସାମାନ୍ୟ ବିରକ୍ତିର ସହ କହିଲା, "ମୋର ଏବେ ଦେହ ଭଲ ନାହିଁ । ଶୋଇ ସାରି ଉଠିଲେ କହିବି ।" ତା' କଥା ଶୁଣି ଅତ୍ୟନ୍ତ ବିନୀତ ଭଳି ଟିନା ଚାଲି ଯାଉଥିଲା । କି ଅଦ୍ଭୁତ ପିଲା, ସୁମିତ୍ରା ଭାବିଲା, ସବୁକଥା ଏମିତି ଚୁପ୍‌ଚାପ୍ ମାନି ଯାଉଛି ! ଜିଦ୍ କରି ତ କହି ପାରିଥାନ୍ତା ନା, ମୁଁ ଗପ ଶୁଣିବି । ଏବେ, ଏଇ ମୁହୂର୍ତ୍ତରେ ।

ସୁମିତ୍ରା ଟିନାକୁ ପଛରୁ ଡାକିଲା, କହିଲା, "ଆଚ୍ଛା, ହଉ । ମୁଁ ତତେ ଏବେ ଗପଟା କହୁଛି ।" ଟିନା ଆସିବାରୁ ସୁମିତ୍ରା ତା'ର ସ୍କୁଲ ପୋଷାକ ବଦଳାଇ ଅନ୍ୟ ଜାମା ପିନ୍ଧାଇଲା ଆଉ ବିଛଣା ଉପରେ ଶୋଇ ଶୋଇ ବହିରୁ ଗପଟି ପଢ଼ି ତାକୁ ଶୁଣାଇଲା । ଟିନା କ୍ଳାନ୍ତ ଥିଲା ଏବଂ ଅଧା ଗପରୁ ଶୋଇବାକୁ ଆରମ୍ଭ କଲା । ତାକୁ ଉଠାଇ ସୁମିତ୍ରା କହିଲା, "ଯା ତୋ ଖଟରେ ଯା ଶୋଇବୁ ।"

ସୁମିତ୍ରା ସେଇ ବହିଟା ଖୋଜିଲା ଯାହାକୁ ସେ କିଛିଦିନ ତଳେ ଅଧା ପଢ଼ି ରଖି ଦେଇଥିଲା । କିନ୍ତୁ ବହି ମିଳିଲା ନାହିଁ । ସେ ଝରକାର ପର୍ଦ୍ଦା ଟାଣି ଦେଲା ଏବଂ ବିଛଣା ଉପରେ ଆଖିବୁଜି ଶୋଇ ନିଜ ଉପରେ ବିରକ୍ତ ହେଲା, କୋଉଠି ସେ ବହିଟା ରଖିଦେଇଛି ବୋଲି । ପାଖ ଖଟ ଉପରେ ଟିନାର ନିଦରେ ଶୋଇଯିବାର ଦୀର୍ଘନିଃଶ୍ୱାସ ଶୁଣୁଶୁଣୁ ସୁମିତ୍ରା ନିଜେ କେତେବେଳେ ଶୋଇଗଲା, ଜାଣିପାରିଲା ନାହିଁ ।

Digitized by srujanika@gmail.com

ତା'ର ଯେତେବେଳେ ନିଦ ଭାଙ୍ଗିଲା, ଘର ଭିତର ଅନ୍ଧାର ଥିଲା । ସୁମିତ୍ରା ଯାଇ ଝରକାର ପର୍ଦ୍ଦା ଖୋଲି ବାହାରକୁ ଅନାଇଲା । ଶୀତ ଦିନର ଗୋଧୂଳି ଆକାଶ ଅତ୍ୟନ୍ତ ମ୍ଲାନ ଓ ମଳିନ ଦେଖା ଯାଉଥିଲା । ସୁମିତ୍ରା ବାହାରୁ ଆଖି ଫେରାଇ ଘର ଭିତରକୁ ଅନାଇଲା । ଟିନା ଉଠି ଚାଲି ଯାଇଥିଲା ଏବଂ କୋଠରୀ ଶୂନଶାନ୍ ଥିଲା । ସୁମିତ୍ରା ଅନୁଭବ କଲା ଯେପରି ଏକ ଉଦାସୀ ବିଷଣ୍ଣତାର ଆସ୍ତରଣ ଧୀରେ ଧୀରେ ତା'ର କୋଠରୀର ସମସ୍ତ ଜିନିଷକୁ ଆଛନ୍ନ କରି ଯାଉଛି । ଦୀର୍ଘ ନିଃଶ୍ୱାସ ନେଇ ସୁମିତ୍ରା ମନକୁ ମନ କହିଲା, ନା, କିଛି ବି ଭଲ ଲାଗୁ ନାହିଁ ।

–୦–

Digitized by srujanika@gmail.com

୨ . ଉର୍ମିଳା

ଉର୍ମିଳା ସୁନ୍ଦରୀ, ଉଚ୍ଚ ଶିକ୍ଷିତା, ବୁଦ୍ଧିମତୀ ଓ ଅଧ୍ୟବସାୟୀ ଥିଲା । କିନ୍ତୁ ଏ ସବୁ ଗୁଣମାନ ତାକୁ ଉପଯୁକ୍ତ ଚାକିରି ପାଇବାରେ କୌଣସି ସହାୟତା କଲେ ନାହିଁ । ଏମ୍.ଏ. ଓ ଏମ୍.ଫିଲ୍. କରିସାରିବା ପରେ ଅନ୍ୟ କିଛି କାମ ମିଳି ନ ଥିବାରୁ ସେ ପି.ଏଚ୍.ଡି. ପାଇଁ ପ୍ରସ୍ତୁତି କରୁଥିଲା ଏବଂ ଚାକିରି ଖୋଜୁଥିଲା । ସେ ନାରୀମାନଙ୍କ ପାଇଁ ସ୍ୱାତନ୍ତ୍ର୍ୟ ଓ ସମାନତା ତଥା ଉଇମେନ୍ସ ଲିବ୍‌ରେ ବିଶ୍ୱାସ କରୁଥିଲା ଏବଂ ସ୍ଥିର କରିଥିଲା ଯେ ନିଜର ବିଦ୍ୟା ବୁଦ୍ଧି ବଳରେ ଚାକିରି କରି ପୁରୁଷମାନଙ୍କ ସହିତ ସମକକ୍ଷ ହେବ । ଯଦିଓ ତା'ର ଘରେ ଏଥିପାଇଁ କୌଣସି ବାଧ୍ୟବାଧକତା ନ ଥିଲା ଏବଂ ତାକୁ ବାହା କରାଇ ଦେଇଥିଲେ ତାର ବାପା ମା ଖୁସି ହୋଇଥାନ୍ତେ, ସେ ନିଜର ସ୍ୱାଧୀନ ଭାବରେ ଜୀବନ କଟାଇବାର ନିର୍ଣ୍ଣୟରେ ଅଟଳ ଥିଲା ।

ନିଜର ଭବିଷ୍ୟତର ଯୋଜନାମାନଙ୍କରେ ଉର୍ମିଳା ଯେଉଁ ବିଷୟକୁ ହିସାବକୁ ନେଇ ନ ଥିଲା, ସେଇଟି ଥିଲା ସାମାଜିକ ଅବସ୍ଥା । କଲେଜର ଅଡିଟୋରିୟମରେ ବକ୍ତୃତା ଦେଲାବେଳେ ସମସ୍ୟାସବୁ ସିଧାସଳଖ ଓ କଳାଧଳାରେ ପର୍ଯ୍ୟବସିତ ଥିଲା; ପ୍ରତିଟି ପ୍ରଶ୍ନର ଦୁଇଟି ଦିଗ ଥିଲା ଏବଂ ଉର୍ମିଳା ପାଇଁ କୌଣସି ଦ୍ୱନ୍ଦ୍ୱ ନ ଥିଲା ସଠିକ ରାସ୍ତା ଖୋଜି ନେବାରେ । କିନ୍ତୁ ଉଇମେନ୍ସ କଲେଜର ପାଚେରି, ଲେଡିଜ୍ ସ୍ପେଶାଲ ବସ୍ ଓ ସହପାଠିନୀ ବାନ୍ଧବୀମାନଙ୍କ ବାହାରେ ଯେଉଁ ପୃଥିବୀଟି ଥିଲା ତା ଉର୍ମିଳାର ସଂପୂର୍ଣ୍ଣ ଅପରିଚିତ ଥିଲା । ଏହି ନୂତନ ପୃଥିବୀ ସହିତ ଉର୍ମିଳାର ପ୍ରଥମ ପରିଚୟ ହେଲା ସେ ଯେତେବେଳେ ଚାକିରି ଖୋଜିବା ପାଇଁ ବାହାରିଲା ।

ସର୍ବସାଧାରଣଙ୍କର ବସ୍ ତାଙ୍କର କଲେଜକୁ ଯାଉଥିବା ଲେଡିଜ୍ ସ୍ପେଶାଲ ଭଳି ଆଦୌ ନ ଥିଲା । ତା ଭିତରକୁ ଯିବାପାଇଁ କୁସ୍ତି କସରତ

Digitized by srujanika@gmail.com

କରିବାକୁ ପଡୁଥିଲା ଏବଂ ଏ ବସ୍‌ମାନଙ୍କରେ ଯାତ୍ରୀ ଓ କର୍ମଚାରୀମାନଙ୍କର ବ୍ୟବହାର ଶାଳୀନତା ବହିର୍ଭୂତ ଥିଲା । ବସ୍‌ରେ ଝିଅମାନଙ୍କ ପ୍ରତି ଅଶ୍ଳୀଳ ଆଚରଣ ବିଷୟରେ ଊର୍ମିଳା ଖବରକାଗଜରେ ପଢ଼ିଥିଲା, କିନ୍ତୁ ବର୍ତ୍ତମାନ ସେ ଏହା ଅନୁଭବ କରୁଥିଲା ନିଜେ ପ୍ରଥମ ଥର ପାଇଁ । ବସ୍‌ ଭିତରକୁ ପଶିବା-ବେଳେ ଅଥବା ବସ୍‌ ଭିତରେ ଭିଡ଼ରେ ଛିଡ଼ା ହୋଇଥିବା ବେଳେ କେହି କେହି ତା'ର ଛାତିରେ ହାତ ଲଗାଇ ଦେଉଥିଲେ । ପ୍ରଥମ ଥର ଊର୍ମିଳାକୁ ଏ ବ୍ୟବହାର ଅତି ଘୃଣ୍ୟ ଓ ଅପମାନଜନକ ମନେ ହୋଇଥିଲା ଏବଂ ସେ ହତଚକିତ ହୋଇ ଯାଇଥିଲା । ଗୋଟାଏ ମୁହୂର୍ତ୍ତ ପାଇଁ ସେ ଭାବିଲା ସେ ଚିତ୍କାର କରି ଏଇ ଲୋକଟିର ମୁହଁରେ ଚପେଟାଘାତ କରିବ । କିନ୍ତୁ ସାମାନ୍ୟ ଚିନ୍ତା କରି ସେ ଦେଖିଲା ଯେ ଏଇଭଳି ଗୋଟାଏ ଶସ୍ତା ତୃତୀୟ ଶ୍ରେଣୀର ଇତର ଲୋକ ପାଇଁ ସେ ନିଜର ସମୟ ଆଉ ଶ୍ରମ ଅପବ୍ୟୟ କରି ନାଟକୀୟ ପରିସ୍ଥିତିର ସୃଷ୍ଟି କରିବ ନାହିଁ । କିଛିଦିନ ବସ୍‌ରେ ଯିବା ଆସିବା ପରେ ସେ ଏକଥା ମଧ୍ୟ ଜାଣିଲା ଯେ ସ୍ତ୍ରୀଲୋକଙ୍କ ପାଇଁ ବସ୍‌ରେ ଯାତାୟାତ କରିବା ଏହିଭଳି ତିକ୍ତ ଅନୁଭୂତିସାପେକ୍ଷ, କାରଣ ସାମାନ୍ୟ ସୁଯୋଗ ପାଇଲେ କିଛି ଲୋକ ସ୍ତ୍ରୀଲୋକ-ମାନଙ୍କର ଛାତି, ଜଙ୍ଘ ଓ ଦେହକୁ ଆଘାତ କରୁଥିଲେ । ଏ କଥାରେ ବର୍ତ୍ତମାନ ଊର୍ମିଳା ଆଉ ଆଶ୍ଚର୍ଯ୍ୟାନ୍ୱିତ, ବିରକ୍ତ କିମ୍ବା ଅପମାନିତ ବୋଧ କରୁ ନ ଥିଲା । କେବଳ ମନଭିତରେ ସେଇ ଅଭଦ୍ର ଲୋକ ଉଦ୍ଦେଶ୍ୟରେ କହୁଥିଲା, ବାଷ୍ଟାର୍ଡ ।

ଏହି ଅଶାଳୀନତା କେବଳ ବସ୍‌ ଭିତରେ ହିଁ ସୀମିତ ନ ଥିଲା । ରାସ୍ତା ଘାଟ, ଦୋକାନ ବଜାର, ଅଫିସ, ହୋଟେଲ, ରେଳ ଷ୍ଟେସନ ସବୁଆଡ଼େ ପରିବ୍ୟାପ୍ତ ଥିଲେ ଏଇ ଜାରଜମାନେ । ଯେପରିକି ଜଣେ ସ୍ତ୍ରୀ ଲୋକ ପକ୍ଷରେ ସମ୍ମାନର ସହିତ ଚଳପ୍ରଚଳ କରିବା ଏ ଦେଶରେ ଅସମ୍ଭବ ! ଊର୍ମିଳା କ୍ରମଶଃ ସ୍ୱୀକାର କରିନେଲା ଯେ ରାସ୍ତାରେ ଯିବାବେଳେ ନର୍ଦ୍ଦମାର ରୋମିଓମାନେ ଅଶ୍ଳୀଳ ଇଙ୍ଗିତ କରିବେ, ଦୋକାନରେ ଲୋକେ ଅଯଥା ଅନ୍ତରଙ୍ଗ ହେବାକୁ ଚେଷ୍ଟା କରିବେ ଏବଂ ପଡ଼ୋଶୀ ବୟସ୍କ ଭଦ୍ରବ୍ୟକ୍ତି ବ୍ୟଙ୍ଗ ପରିହାସ କରିବାକୁ ନିଜର ଅଧିକାର ମନେ କରିବେ । ଊର୍ମିଳା କିନ୍ତୁ ହାର ମାନିବାକୁ ପ୍ରସ୍ତୁତ ନ ଥିଲା । ସେ ନିଜକୁ କହିଲା, ସେ କେବେହେଲେ ନିଜର ନିଷ୍ପତ୍ତିରୁ ଓହ୍ଲାଇ ଯିବ ନାହିଁ ଏବଂ ଏଇ ପୁରୁଷପ୍ରଧାନ ସମାଜରେ ନିଜର ସ୍ଥାନ ନିର୍ଦ୍ଧାରିତ କରିବ ହିଁ କରିବ ।

ଚାକିରି ପାଇଁ ଆଉ କାହାରି ସହାୟତା ନ ନେଇ ସେ ନିଜେ ଖବର-କାଗଜରୁ ବିଜ୍ଞପ୍ତିମାନ ଦେଖି ବିଭିନ୍ନ ସ୍ଥାନକୁ ଦରଖାସ୍ତ ଦେଲା । ତା'ର ପ୍ରଥମ

Digitized by srujanika@gmail.com

ଇଣ୍ଟରଭିଉ ଥିଲା କୌଣସି ଏକ ଏକ୍‌ସପୋର୍ଟ ହାଉସର ଚାକିରି ପାଇଁ । ଇଣ୍ଟର-ଭିଉର ଜାଗା ଥିଲା କମ୍ପାନୀ ଡାଇରେକ୍ଟରଙ୍କର ବ୍ୟକ୍ତିଗତ ଘର, ଯାହାର ବାହାର କୋଠରୀରେ ତା' ଭଳି ଆଉ କେତେଜଣ ଝିଅ ଅପେକ୍ଷା କରୁଥିଲେ । ଡାକରା ପାଇ ସେ ଯେତେବେଳେ ଭିତରକୁ ଗଲା, ଦେଖିଲା ସେଇଟି ଗୋଟିଏ ସୁଦୃଶ୍ୟ ଡ୍ରଇଂରୁମ୍ ମାତ୍ର । ଏଇ କୋଠରୀର ସୋଫା ଉପରେ ତିନିଜଣ ଭଦ୍ରବ୍ୟକ୍ତି ବସିଥିଲେ, ଯେଉଁମାନଙ୍କର ଚେହେରା ସହିତ ହିନ୍ଦି ଫିଲ୍ମର ଖଳ-ନାୟକଙ୍କର ଅନେକ ସାମଞ୍ଜସ୍ୟ ଥିଲା । ଏହି ଦୃଶ୍ୟକୁ ସଂପୂର୍ଣ୍ଣ କରିବା ପାଇଁ ସେମାନଙ୍କ ସାମନାରେ ମଦବୋତଲ, ଗ୍ଲାସ ଓ ସୋଡ଼ା ରଖା ହୋଇଥିଲା ଏବଂ ସେମାନେ ହାତରେ ଗ୍ଲାସ ଧରି ନିଜ ନିଜ ଭିତରେ କୌଣସି ରୋଚକ ଆଲୋଚନାରେ ବ୍ୟସ୍ତଥିଲେ । ଊର୍ମିଳା ବସିବା କ୍ଷଣି ଏଇ ଦଳର ସର୍ଦ୍ଦାର ଭଳି ଦେଖା ଯାଉଥିବା ଲୋକଟି ତା ହାତକୁ ଗୋଟିଏ ଗ୍ଲାସ ବଢ଼ାଇଦେଇ କହିଲା, "ପ୍ଲିଜ୍......"

ଊର୍ମିଳା ଏ ପରିସ୍ଥିତିରେ ସାମାନ୍ୟ ହତଚକିତ ହେଲା ଏବଂ ପାଖ କୋଠରୀରେ ଆଉ କେତେଜଣ ଝିଅ ବସି ନ ଥିଲେ ସେ ବୋଧହୁଏ ଆତଙ୍କିତ ବୋଧ କରିଥାନ୍ତା । ଯାହାହେଉ, ସେ ବର୍ତ୍ତମାନ ନିଶ୍ଚିତ କରିନେଲା ଯେ ସେ ଏଇ କମ୍ପାନୀରେ ଚାକିରି କରିବାକୁ ଯାଉନାହିଁ । ତଥାପି ସେ ତା'ର ଇଣ୍ଟର-ଭିଉକୁ କେମିତି ହେଲେ ଶୀଘ୍ର ନିର୍ବାହ କରିବାକୁ ଚାହୁଁଥିଲା । ସେ କହିଲା, "ନା, ମୁଁ ପିଏ ନାହିଁ ।"

ସର୍ଦ୍ଦାର କହିଲା, "ଦେଖନ୍ତୁ ଊର୍ମିଳା ଦେବୀ, ଆମର ହେଲା ଏକ୍‌ସପୋର୍ଟ ବିଜିନେସ୍ । ସମୟ ଅସମୟରେ ଆମର ଫରେନ ବାୟର୍ସ ଆସନ୍ତି । ତା'ଛଡ଼ା ଏଠାରେ ସରକାରୀ ଅଫିସରଙ୍କ ସାଙ୍ଗରେ ଆମର ସବୁବେଳେ କାମ । ସେମାନଙ୍କୁ ଏଣ୍ଟରଟେନ ତ କରିବାକୁ ହେବ ! ଆମେ ଯୋଉ ପୋଷ୍ଟପାଇଁ ବିଜ୍ଞପ୍ତି ଦେଇଥିଲୁ, ସେ ଚାକିରିର ପ୍ରଧାନ କାମ ହେଲା ଏଇ ଅତିଥିମାନଙ୍କର ଯତ୍ନ କରିବା......... ।"

ଊର୍ମିଳା କହିଲା, "ଧନ୍ୟବାଦ । ମୁଁ ଏ କାମ କରି ପାରିବି ନାହିଁ ।" ସର୍ଦ୍ଦାର କହିଲା, "ଭବି ଦେଖନ୍ତୁ । ଆମର ଦରମା ଭଲ । ତା'ଛଡ଼ା... ।" ଊର୍ମିଳା, କହିଲା "ନା, ମୋର ଏ ଚାକିରି ଦରକାର ନାହିଁ ।" ସର୍ଦ୍ଦାର ଗ୍ଲାସରେ ମଦ ଢାଳୁ ଢାଳୁ କହିଲା, "ଆପଣଙ୍କର ଯେମିତି ଇଚ୍ଛା । କଣ ଚା' କି କଫି କିଛି ପିଇବେ ?" ଊର୍ମିଳା କହିଲା "ନା ଧନ୍ୟବାଦ ।"

Digitized by srujanika@gmail.com

କୋଠରୀରୁ ବାହାରି ସେ ଅନ୍ୟ ଝିଅମାନଙ୍କ ପାଖରେ ଆସି କିଛି ସମୟ ବସିଲା । ସେ ଜାଣିଥିଲା ତା ଅପେକ୍ଷା କାହାର ଚାକିରିର ପ୍ରୟୋଜନ ବେଶୀ ଥିବ ଏବଂ କେହି ନା କେହି ଚାକିରିଟି ଗ୍ରହଣ କରିବ । ଊର୍ମିଳା ପୁଣି ଭାବିଲା, ହୁଏ ତ ସେଇ ଲୋକଟି ଠିକ୍ କହୁଥିଲା ଚାକିରି ବିଷୟରେ । ଏକ୍‌ସପୋର୍ଟ ଧନ୍ଦାରେ ନିଶ୍ଚୟ ଲୋକମାନଙ୍କୁ ଆପ୍ୟାୟିତ କରିବାକୁ ପଡୁଥିବ ଏବଂ ହୋଷ୍ଟେସ୍‌ମାନଙ୍କର ଆବଶ୍ୟକତା ଥିବ । ଊର୍ମିଳା ନିଜକୁ ସେଇ ତିନିଜଣ ଲୋକଙ୍କ ପାଖରେ ବସି ଏଇ କାମ ପାଇଁ ଗୋଟିଏ ଝିଅକୁ ବାଛିବାର କଳ୍ପନା କଲା ଏବଂ ସେଠାରୁ ବାହାରି ଆସିଲାବେଳେ କଣରେ ବସିଥିବା ଲାଲ ସ୍ୱେଟର ପିନ୍ଧା ସୁନ୍ଦରୀ ଝିଅଟିକୁ ମନେ ମନେ ଏଇ କାମ ପାଇଁ ପସନ୍ଦ କଲା ।

ଏ ଥିଲା ଊର୍ମିଳା ପାଇଁ ପ୍ରଥମ ପାଠ । ଏଇ ଅଭିଜ୍ଞତାରୁ ସେ ଶିଖିଲା ଯେ ସେ ଆଉ ଏକ୍‌ସପୋର୍ଟ ହାଉସ ଭଳି ସନ୍ଦେହଜନକ ଅଫିସ୍‌ର କାମ ପାଇଁ ଦରଖାସ୍ତ କରିବ ନାହିଁ, କେବଳ ସରକାରୀ ଓ ଅର୍ଦ୍ଧ ସରକାରୀ ଅଫିସରେ ହିଁ ଚେଷ୍ଟା କରିବ । ସେଥିପାଇଁ ତାକୁ ସରକାରୀ ଶ୍ରମ ବିନିଯୋଗ ଅଫିସରେ ନିଜ ନାଁ ରେଜିଷ୍ଟର କରିବାକୁ ହେଲା ଏବଂ ବିଭିନ୍ନ ପ୍ରକାରର ପ୍ରତିଯୋଗିତା-ମୂଳକ ପରୀକ୍ଷା ଦେବାକୁ ପଡ଼ିଲା । ଏଇ ପରୀକ୍ଷାମାନ ଦେବାପାଇଁ ସେ ନିଜର ପି.ଏଚ.ଡି. କାମ ଛାଡ଼ିଦେଲା ଏବଂ ଚାକିରି ଖୋଜିବାରେ ନିଜର ସମସ୍ତ ସମୟ ବିନିଯୋଗ କଲା ।

ଏଇଭଳି ପ୍ରାୟ ଗୋଟିଏ ବର୍ଷ ବିତିଗଲା, କିନ୍ତୁ ତାକୁ କୌଣସି ଚାକିରି ମିଳିଲା ନାହିଁ । ସେ ପୁଣି ଛୋଟ ଛୋଟ ଅଫିସମାନଙ୍କୁ ଦରଖାସ୍ତ କରି ବିଭିନ୍ନ ପ୍ରକାରର ଇଣ୍ଟରଭିଉର ସମ୍ମୁଖୀନ ହେଲା । ଅନେକ ଇଣ୍ଟରଭିଉକୁ ଯଦିଓ ସେ ସଫଳତା ପୂର୍ବକ ନିର୍ବାହ କରୁଥିଲା, ଜଣେ ଝିଅ ହୋଇଥିବା ହିଁ ତା ବିପକ୍ଷରେ ଯାଉଥିଲା । ତାକୁ ଏ ଭଳି ଅନେକ ପ୍ରଶ୍ନ ପଚରା ଯାଉଥିଲା: ଏ ଚାକିରିରେ ଅନେକ ଟୁର କରିବାକୁ ପଡ଼ିବ, ଆପଣ ଯାଇ ପାରିବେ ତ ? ଅଥବା ଆମେମାନେ ଆପଣଙ୍କର ଟ୍ରେନିଂରେ ଅନେକ ଟଙ୍କା ଖର୍ଚ୍ଚ କରିବୁ; ଆପଣ ବାହା ସାହା ହୋଇ ଚାକିରି ଛାଡ଼ିଦେବେ ନାହିଁ ତ ? ଅଥବା, ଏ କାମରେ ଫିଲ୍‌ଡକୁ ଯାଇ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ କାମ ତଦାରଖ କରିବାକୁ ହେବ; ପାରିବେ ?. ଊର୍ମିଳାର କହିବାକୁ ଇଚ୍ଛା ହେଉଥିଲା, ହଁ, ପାରିବି । ଏଇ ବାହାରେ ଇଣ୍ଟରଭିଉ ଦବାକୁ ବସିଥିବା ଅଧମଣ ଯୁବକମାନଙ୍କ ଠାରୁ ମୁଁ କୌଣସି [illegible] ଦେବିନାହିଁ । ଚାକିରି କରିବି । ଟୁର୍‌ରେ

Digitized by srujanika@gmail.com

ଯିବି । ଖଗରେ ଛିଡ଼ାହୋଇ କୋଡ଼ିଏ ଜଣ ପୁରୁଷଙ୍କର କାମକୁ ତତ୍ତ୍ୱାବଧାନ କରିବି । ମତେ କାମ ଦେଇ ତ ଦେଖ !

କିନ୍ତୁ ତାକୁ କେହି ଘକିରି ଦେଲେ ନାହିଁ । ସେ ବିରକ୍ତ ହୋଇ ଶର୍ଟହ୍ୟାଣ୍ଡ ଓ ଟାଇପିଙ୍ଗ୍ କୋର୍ସ କଲା । କ୍ଲାସରେ ଟାଇପରାଇଟର ସାମନାରେ ବସି କାମ ଶିଖୁଥିଲା ବେଳେ ପାଖରେ ବସିଥିବା ଯୁବକମାନଙ୍କୁ ଦେଖି ସେ ନିଜର କୌଣସି ନ୍ୟୂନତା ଅନୁଭବ କରି ପାରୁ ନ ଥିଲା । ବରଂ ତା ସହିତ ଆତ୍ମୀୟତା କରିବାକୁ ଚେଷ୍ଟା କରୁଥିବା ଯୁବକମାନଙ୍କୁ ସେ ବିରକ୍ତି ଅଥବା କ୍ରୋଧରେ ନୁହେଁ, ଦୟାର ସହିତ ଦେଖୁଥିଲା ।

ଯଦିଓ ସେ ଘକିରି ପାଇବାରେ ସମର୍ଥ ହୋଇ ନ ଥିଲା, ଏଇ ବର୍ଷଟି ଊର୍ମିଳା ପାଇଁ ଅଭିଜ୍ଞତା ବହୁଳ ଥିଲା ଏବଂ ସେ ପୃଥିବୀକୁ ଏକ ସମ୍ପୂର୍ଣ୍ଣ ନୂତନ ଏବଂ ବ୍ୟାବହାରିକ ଦୃଷ୍ଟିକୋଣରୁ ଦେଖିବାକୁ ଆରମ୍ଭ କଲା । ଏଇ ନୂଆ ଆଭିମୁଖ୍ୟରେ ରୋମାଣ୍ଟିକ ବିଦ୍ରୋହର ଭବ ଅଥବା ତା'ର କଲେଜ ବେଳର ଅନାବଶ୍ୟକ ଦାମ୍ଭିକତା ନ ଥିଲା । ରାସ୍ତାକଡ଼ ରୋମିଓର ଅଶ୍ଳୀଳ ଟିପ୍‌ପଣୀକୁ ସେ ବର୍ତ୍ତମାନ ଅଶୁଣା କରି ଦେଉଥିଲା ଏବଂ ବସ୍‌ର ଭିଡ଼ରେ ତା' ଦେହରେ କେହି ହାତ ଲଗାଇଲେ ସେ ଲଜ୍ଜା ଅଥବା ବିରକ୍ତି ପ୍ରକାଶ ନ କରି ଲୋକ ଆଡ଼କୁ ଉଗ୍ର ଭବରେ ଅନାଉଥିଲା ଏବଂ ସେଠାରୁ ଘୁଞ୍ଚି ଆସୁଥିଲା । ଇଣ୍ଟରଭିଉରେ ତାକୁ କିଏ କୌଣସି ବ୍ୟକ୍ତିଗତ ପ୍ରଶ୍ନ ପଘରିଲେ ସେ ଆଉ ବିଚଳିତ ହେଉ ନ ଥିଲା । ଅନେକ ସମୟରେ ତାକୁ ପଘରୁଥିଲେ, "ବିବାହ ବିଷୟରେ ଆପଣ କଣ ଭବୁଛନ୍ତି ?" ଶାନ୍ତ ଭବରେ ଊର୍ମିଳା ଜବାବ ଦେଉଥିଲା, "ମୁଁ ଠିକ୍ କରିଛି ବିବାହ କରିବି ନାହିଁ ।"

ଊର୍ମିଳାର ଏ ଉତ୍ତର କେବଳ ଏକ ଔପଘରିକ ଉତ୍ତର ଥିଲା; ଏ କଥା ସତ ନ ଥିଲା । ସେ ଅନେକ ଦିନରୁ ଉଦୟନକୁ ଭଲ ପାଉଥିଲା ଏବଂ ତାକୁ ହିଁ ବାହାହେବ ବୋଲି ଠିକ୍ କରିଥିଲା । କିନ୍ତୁ ଉଦୟନ ଯେତେବେଳେ ମଝିରେ ମଝିରେ ତାକୁ ବାହାହେବା କଥା କହୁଥିଲା, ଊର୍ମିଳା ତା କଥାକୁ ଟାଳି ଦେଉଥିଲା । କହୁଥିଲା, "ମୁଁ ପ୍ରଥମେ ଘକିରି କରି ନିଏ ।" ଉଦୟନ ସହିତ ତା'ର ସମ୍ପର୍କରେ ସେ ସମାନତାର ବିଶ୍ୱାସ କରୁଥିଲା; ତେଣୁ ବାହା ହୋଇ ସେ ସ୍ୱାମୀ ଉପରେ ଏକ ଭର ହେବାକୁ ଘହୁଁ ନ ଥିଲା । ଉଦୟନ ଘକିରି କରି ପାଖ ସହରରେ ରହୁଥିଲା । ସେମାନେ ନିୟମିତ ପତ୍ର ବିନିମୟ କରୁଥିଲେ ଏବଂ ମଝିରେ ମଝିରେ ଉଦୟନ ତା ପାଖକୁ ଆସୁଥିଲା । ଘକିରି ଖୋଜିବା ସହିତ ଉଦୟନର ପତ୍ରକୁ

Digitized by srujanika@gmail.com

ଅପେକ୍ଷା କରିବା ଊର୍ମିଳାର ଏକ ଦୈନିକ କାର୍ଯ୍ୟକ୍ରମ ଥିଲା । ସେ ତା'ର ପ୍ରତିଦିନର କୌତୁକପୂର୍ଣ୍ଣ ଅଭିଜ୍ଞତାମାନ ଉଦୟନ ପାଖକୁ ବିସ୍ତାର ଭାବରେ ଲେଖୁଥିଲା । ଉଦୟନ ଅନେକ ସମୟରେ ବ୍ୟସ୍ତହୋଇ ଲେଖୁଥିଲା, "ତମର ଚାକିରି ଖୋଜିବା ଅନେକ ହେଲା । ଏଥରକ ସବୁ ଛାଡ଼ି ଦେଇ ଚାଲିଆସ ।" ଊର୍ମିଳା ଉତ୍ତରରେ ଲେଖୁଥିଲା, "ନା, ମୁଁ ପ୍ରଥମେ କିଛିଦିନ ଚାକିରି କରି ନିଏ । ତା' ପରେ ପଛେ ତମ ପାଖକୁ ଚାଲି ଆସିବି ।"

ଚାକିରି ପାଇବାରେ ଅସମର୍ଥ ହୋଇ ଏଥରକ ଊର୍ମିଳା ମନରେ ବ୍ୟର୍ଥତା ଉପୁଜିଲା । ଥରେ ଥରେ ମନେ ହେଲା ସେ ତା'ର ଏଇସବୁ ପ୍ରଚେଷ୍ଟାକୁ ଛାଡ଼ିଦେଇ ଉଦୟନ ପାଖକୁ ଚାଲିଯିବ । କିଏ ଆଉ ଏତେ ସହିପାରିବ ବାରମ୍ବାର ପ୍ରତ୍ୟାଖ୍ୟାନ, ରାସ୍ତାଘାଟର ଟିକା ଟିପ୍ପଣୀ ଏବଂ ଝିଅ ହୋଇ-ଥିବାର ସାର୍ବଜନିକ ଅବମାନନା ? ଯେଉଁଦିନ ଅଫିସ୍ ସାମ୍ନାରେ ପାଞ୍ଚଘଣ୍ଟା ବସିବା ପରେ ସେ ଜାଣିଲା ଯେ ସେ ଇଣ୍ଟରଭିଉରେ ଡାକରା ପାଇଁ ମଧ୍ୟ ମନୋନୀତ ହୋଇ ନାହିଁ, ତା'ର ମନ ଅବସନ୍ନ ହୋଇଗଲା ଓ ସେ ଘରକୁ ଫେରି ଉଦୟନ ପାଖକୁ ଦୀର୍ଘ ଚିଠି ଲେଖିଲା । କିନ୍ତୁ କିଛି ସମୟ ପରେ ପ୍ରକୃତିସ୍ଥ ହୋଇ ସେ ଚିଠିଟିକୁ ଚିରିଦେଲା ଏବଂ ସ୍ଥିରକଲା ଯେ ସେ ନିଜ ଜୀବନକୁ ଏପରି ଉଦ୍ଦେଶ୍ୟହୀନ ଭାବରେ ଇତସ୍ତତଃ ବିକ୍ଷିପ୍ତ ହେବାକୁ ଦେବନାହିଁ ।

ଊର୍ମିଳାର ସୌଭାଗ୍ୟ ଯେ ଘରେ ତାକୁ କେହି ତା'ର କାର୍ଯ୍ୟକଳାପରେ ବାଧା ଦେଉ ନ ଥିଲେ । ସେମାନେ ଉଦୟନକୁ ଜାଣିଥିଲେ ଏବଂ ଊର୍ମିଳା ସହିତ ତା'ର ସଂପର୍କ ବିଷୟରେ ଅବଗତ ଥିଲେ । ଉଦୟନ ମଝିରେ ମଝିରେ ଆସି ଊର୍ମିଳା ସହିତ ସାକ୍ଷାତ କରୁଥିଲା ଏବଂ ଊର୍ମିଳା ଏ କଥା କାହାରି ପାଖରେ ଅଜ୍ଞାତ ରଖୁ ନ ଥିଲା । ସେଥର ଛୁଟିରେ ଆସି ଊର୍ମିଳା ସହିତ ଦେଖା କଲାବେଳେ ଉଦୟନ ପୁଣି ସେଇକଥା ଉଠାଇଲା; କହିଲା, "ମୁଁ ଆଉ ତମକୁ ଛାଡ଼ି ରହିପାରିବି ନାହିଁ । ତମେ ମୋ ପାଖକୁ ଚାଲିଆସ !" ଊର୍ମିଳା ହସିଲା । କହିଲା, "ଆଚ୍ଛା ହଉ, ମୁଁ ଚାଲିଆସି ତମ ପାଖରେ ରହିବି । କିନ୍ତୁ ଆମେ ବାହା ହବା ମୁଁ ଚାକିରି କରିସାରିଲେ ।" ଉଦୟନ କହିଲା, "କିଏ ତମକୁ ମନା କରୁଛି ବାହା ହେବା ପରେ ଚାକିରି କରିବାକୁ ? ତମେ ସେଇ କଲେଜ ଦିନର ଡିବେଟିଂ ସୋସାଇଟିର ତର୍କ କରିବା ଭଳି କଥା କହୁଛ । ତମେ ନିଜେ ଜାଣ ମୋ ଚାକିରି ପାଇଁ କେତେ କଷ୍ଟ କରିବାକୁ ହେଲା । ପୁଣି ତମେ ଚାକିରି ପାଇଲେ ବି କୋଉଠି ଚାକିରି ମିଳିବ କିଛି ଠିକ୍

Digitized by srujanika@gmail.com

ନାହିଁ । କେମିତି ଏକାଠି ରହିବା ?" ତା'ର ଯୁକ୍ତି ସବୁକୁ ହସରେ ଉଡ଼ାଇ-ଦେଇ ତା' ହାତକୁ ହାତ ମୁଠାରେ ନେଇ ଊର୍ମିଳା କହିଲା, "ତମେ ଦେଖିବ ସବୁ ଠିକ୍ ହୋଇଯିବ । ଟିକିଏ ଖାଲି ଅପେକ୍ଷା କରିଯାଅ ।"

ଶେଷରେ ଊର୍ମିଳାର ଅଧ୍ୟବସାୟର ଶେଷ ହେଲା ଏବଂ ତାକୁ ଭଲ ଚାକିରି ମିଳିଲା । ଏକ ସରକାରୀ ସଂସ୍ଥାରେ ଗବେଷଣା କାମ । ଚାକିରିରେ ଯୋଗ ଦେବାକୁ ଗଲାବେଳେ ରାସ୍ତାରେ ଡାକଘରକୁ ଯାଇ ସେ ଉଦୟନକୁ ଛୋଟ ଚିଠି ଲେଖିଲା, "ଏଥର ଆମର ଅପେକ୍ଷାର ଶେଷ ହେଲା ।" ପ୍ରଥମ ଦିନ ଅଫିସରେ କାଗଜପତ୍ର ସବୁ ଦସ୍ତଖତ କରିସାରିବା ପରେ ସେ ବଡ଼-ବାବୁଙ୍କ ସହିତ ଦେଖାକରି ତା'ର ବସିବାର ଜାଗା ଠିକ୍ କଲା । ଟେବଲ୍ ଉପରେ ଜମା ହୋଇଥିବା ଫାଇଲକୁ ଓଲଟାଇ ଦେଖିଲା । ନିଜ ଚାରିପାଖେ ବସିଥିବା ଅନ୍ୟ ଅଫିସରମାନଙ୍କୁ ଅନାଇ ସେମାନଙ୍କୁ ଅନୁଶୀଳନ କଲା । ଉପର-ବେଳା ବଡ଼ବାବୁ ଆସି ତାକୁ କହିଲେ, "ଆପଣ ଯାଇ ଡାଇରେକ୍ଟରଙ୍କୁ ଦେଖାକରି ଆସନ୍ତୁ ।"

ଡାଇରେକ୍ଟର ଏଇ ଅଫିସର ସର୍ବୋଚ୍ଚ କର୍ତ୍ତା ଥିଲେ । ଊର୍ମିଳା ନିଜର କଲମ ବନ୍ଦ କରି ଉଠି ଠିଆହେଲା । ବଡ଼ବାବୁ ତାକୁ ଡାଇରେକ୍ଟରଙ୍କ କୋଠରୀ ପର୍ଯ୍ୟନ୍ତ ସାଙ୍ଗରେ ନେଇଗଲେ ଏବଂ କବାଟ ପାଖରେ ଛାଡ଼ି ଦେଉ ଦେଉ କହିଲେ, "ଡାଇରେକ୍ଟର ଖୁବ୍ ଭଲ ଲୋକ, କିନ୍ତୁ କାମରେ ବେଶ୍ କଡ଼ା ।" ଊର୍ମିଳା ମନେ ମନେ ଭାବିଲା, ସେଇ ଭଲ । ସେ ଭିତରକୁ ଗଲା ବେଳକୁ ଡାଇରେକ୍ଟର କ'ଣ କାମ କରୁଥିଲେ । କହିଲେ, "ବସ" । ଊର୍ମିଳା ଭଦ୍ରବ୍ୟକ୍ତିଙ୍କ ମୁହଁକୁ ଅନାଇ ଦେଖିଲା । ଏଭଳି ବିଭିନ୍ନ ଅଫିସ୍‌ର କର୍ତ୍ତାମାନଙ୍କ ସହିତ ବିଭିନ୍ନ ଇଣ୍ଟରଭିଉ ପର୍ବମାନଙ୍କ ଦେଇ ତା'ର ଆଗରୁ ପରିଚୟ ଥିଲା । ଡାଇରେକ୍ଟରଙ୍କ ମୁହଁ ଦେଖି ତାଙ୍କର ଚରିତ୍ରକୁ ବିଶ୍ଳେଷଣ କରିବାକୁ ଚେଷ୍ଟା କଲା ଊର୍ମିଳା । ହଁ, ଭଲ ଲୋକ । କିନ୍ତୁ କାମରେ ରୁକ୍ଷ ଓ କଠୋର ହୋଇଥାଇ ପାରେ । କାଗଜ ଉପରୁ ମୁହଁ ଉଠାଇ ଏଥର ଭଦ୍ରବ୍ୟକ୍ତି ତାକୁ କହିଲେ, "ତମେ ଆଜି କାମରେ ଜଏନ୍ କଲ ବୋଧହୁଏ । ତମକୁ ଏଠାରେ ବହୁତ କାମ କରିବାକୁ ପଡ଼ିବ । କଲେଜରେ କ'ଣ ପଢୁଥିଲ ?" "ଇକନମିକ୍‌ସରେ ଏମ୍.ଏ. ଓ ଏମ୍.ଫିଲ୍. ପରେ ପି.ଏଚ୍. ଡି. କରୁଥିଲି", କହିଲା ଊର୍ମିଳା । "ଷ୍ଟାଟିଷ୍ଟିକ୍‌ସ ଥିଲା ?" "ହଁ. ବି.ଏ.ରେ ବି,ଏମ୍.ଏ.ରେ ବି ।" "ବେଶ୍ ଭଲ", ସେ ମନ୍ତବ୍ୟ ଦେଲେ. "ତମର କାମରେ ଲାଗିବ ।"

Digitized by srujanika@gmail.com

ତା'ପରେ ଡାଇରେକ୍ଟର ତାକୁ ଆଉ କୌଣସି ପ୍ରଶ୍ନ ପଗରିଲେ ନାହିଁ ଏବଂ କେତୋଟି ମୁହୂର୍ତ୍ତ ଏମିତି ଚୁପ୍‌ଚାପ୍ କଟିଗଲା । ସେ ତାକୁ ଯିବାକୁ ମଧ୍ୟ କହିଲେ ନାହିଁ ଏବଂ ଉପରକୁ ମୁହଁ ଉଠାଇ ଊର୍ମିଳା ଦେଖିଲା ଯେ ସେ ତା'ର ମୁହଁକୁ ଚାହିଁ ରହିଛନ୍ତି । ଏଥରକ ତାଙ୍କ ମୁହଁରେ କେମିତି ଏକ ଅଭିବ୍ୟକ୍ତି ଥିଲା ଏବଂ ସେ ତା' ଆଡ଼କୁ ଅପଲକ ଅନାଇଥିଲେ । ସାମାନ୍ୟ ଅପ୍ରତିଭ ହୋଇ ଊର୍ମିଳା ଉଠି ଛିଡ଼ା ହେଲା । କହିଲା "ମୁଁ ତା'ହେଲେ ଯାଉଛି ।" ସେ ବାହାରି ଯିବାକୁ ପାଦ ବଢ଼ାଇଛି, ଭଦ୍ରବ୍ୟକ୍ତି କହିଲେ, "ଶୁଣ !" ଊର୍ମିଳା ପୁଣି ତାଙ୍କ ଆଡ଼କୁ ମୁହଁ ବୁଲାଇଲା । ଭଦ୍ରବ୍ୟକ୍ତି ତା' ଆଡ଼କୁ ଚାହିଁ ସାମାନ୍ୟ ଇତସ୍ତତଃ ହୋଇ କହିଲେ, "ତମେ ଆଜି ସନ୍ଧ୍ୟାରେ ଫ୍ରି ଅଛ ?"

ଓଃ, ନୋ, ଊର୍ମିଳା ମନକୁ ମନ କହିଲା । ପୁଣି ସେଇ ପୁରୁଷ ପ୍ରାଧାନ୍ୟର ପୁନରାବୃତ୍ତି । ତାକୁ ହେୟ ଓ ବ୍ୟକ୍ତିତ୍ୱ ରହିତ କରି ଦେଉଥିବା ନିମନ୍ତ୍ରଣ । ସେ ଯେ ଗୋଟିଏ ଅସହାୟ ସ୍ତ୍ରୀ ମାତ୍ର, ତା' ପ୍ରମାଣ କରିବାର ପ୍ରଚେଷ୍ଟା । ନା, ଏଇ କଥାର ଏଠାରେ ପରିସମାପ୍ତି କରିବା ଦରକାର । ସବୁ-ଦିନ ପାଇଁ । ସାମାନ୍ୟ ବି ବିଚଳିତ ନ ହୋଇ ଊର୍ମିଳା ଭଦ୍ରବ୍ୟକ୍ତିଙ୍କ ଆଖିକୁ ସିଧାସଳଖ ଅନାଇଲା ଏବଂ କହିଲା, "ନା, ମୁଁ ଆଜି ସନ୍ଧ୍ୟାରେ ଫ୍ରି ନାହିଁ । ତା' ଛଡ଼ା ମୁଁ କାହାରି ସହିତ ସନ୍ଧ୍ୟାବେଳେ ନିମନ୍ତ୍ରଣ ରଖି କୁଆଡ଼େ ଯାଏ ନାହିଁ ।" ତା' ସ୍ୱର ବେଶ୍ ଦୃଢ଼ ଓ ନିଶ୍ଚିତ ଥିଲା ଏବଂ ଭଦ୍ରବ୍ୟକ୍ତିଙ୍କ ମୁହଁ ସାମାନ୍ୟ ବିବର୍ଣ୍ଣ ହୋଇଗଲା । ହତଭମ୍ବ ହୋଇ ସେ ପୁଣି କାଗଜ ଉପରକୁ ମୁହଁ ନୁଆଁଇ ନେଲେ । ବିଜୟ ଦର୍ପରେ କୋଠରୀରୁ ବାହାରି ଆସୁ ଆସୁ ଊର୍ମିଳା ମନକୁ ମନ କହିଲା, ବାଷ୍ଟାର୍ଡ ! ଡାଇରେକ୍ଟରଙ୍କ କୋଠରୀରୁ ତା' ନିଜ ଟେବଲ୍‌କୁ ଆସିବାର ଅଳ୍ପ କେତୋଟି ପାଦର ଦୂରତ୍ୱ ଭିତରେ ସେ ନିଜର ମନକୁ ଠିକ୍ କରି ନେଲା । ସେ ସରକାରୀ ଚାକିରି କରୁଛି, କାହାରି ବ୍ୟକ୍ତିଗତ କାମ ନୁହେଁ । ସେ ନିଜକୁ ଅପମାନିତ ହେବାକୁ ଦେବ ନାହିଁ ଏବଂ ଭଲ କାମ କରି ପ୍ରମାଣ କରିଦେବ ଯେ ସେ ଅନ୍ୟମାନଙ୍କର ସମକକ୍ଷ । ନିଜ ଟେବଲ୍ ପାଖକୁ ଆସି ସେ ସ୍ୱସ୍ତିର ନିଃଶ୍ୱାସ ନେଲା ଏବଂ ନିଜର କାମକୁ ବୁଝିବାକୁ ଚେଷ୍ଟା କଲା ।

ବସ୍‌ରେ ଘରକୁ ଫେରିବା ବେଳେ ସେ ସେଦିନ ଅଫିସ୍‌ରୁ ପାଇଥିବା ଆଇଡେନ୍‌ଟିଟି କାର୍ଡକୁ ଓଲଟାଇ ଦେଖିଲ । ତା'ର ବର୍ତ୍ତମାନ ଏକ ସ୍ୱତନ୍ତ୍ର ଆଇ-

Digitized by srujanika@gmail.com

ତେନ୍‌ଟିଟି, ଏକ ସ୍ୱତନ୍ତ୍ର ପରିଚୟ ଥିଲା । ସେ କେବଳ କାହାରି କନ୍ୟା ବା ପ୍ରିୟ-ତମା ନ ଥିଲା । ସେ ଥିଲା ଗୋଟିଏ ସରକାରୀ ଫାର୍ମାର ରିସର୍ଚ୍ଚ ଅଫିସର । ତା'ର ବର୍ତ୍ତମାନ ନିଜସ୍ୱ ରୋଜଗାର ଥିଲା ଏବଂ ସେ କାହାରି ଉପରେ ନିର୍ଭର ନ କରି ନିଜ ଗୋଡ଼ରେ ଛିଡ଼ା ହୋଇଥିଲା । ଏଇ ଛୋଟ କାଗଜଟି ତା ଭିତରେ ଆଣି-ଦେଲା ଅନେକ ଶାନ୍ତି ଓ ତୃପ୍ତି । ଏପରିକି ସେ ଡାଇରେକ୍ଟରଙ୍କର ସେଇ ସାମୟିକ ବିଚ୍ୟୁତିକୁ ମଧ୍ୟ ମନେ ମନେ କ୍ଷମା କରିଦେଲା । ମନେ ମନେ କହିଲା, ମୁଁ ମୋର ଏଇ ନିଜସ୍ୱକୁ କେବେହେଲେ ହାତରୁ ଛାଡ଼ି ଦେବିନାହିଁ । ନା ସୁରକ୍ଷା ପାଇଁ; ନା ସ୍ୱଚ୍ଛନ୍ଦତା ପାଇଁ । ଏପରିକି ପ୍ରେମ ପାଇଁ ମଧ୍ୟ ନୁହେଁ । ଘରକୁ ଯାଇ ସେ ଉଦୟନ ପାଖକୁ ଲମ୍ବା ଚିଠି ଲେଖିଲା ଏବଂ ଶେଷରେ ଲେଖିଲା, "ତମେ ଏଥରକ ଆସିଲେ ଆଉ ସେଇ ସାଙ୍ଗ ଘରେ ରହିବ ନାହିଁ । ଏଥରକ କୋଉ ହୋଟେଲରେ ରୁମ୍ ନେଇ ରହିବ । ମୁଁ ତମକୁ ସେଇଠି ଆସି ଦେଖା କରିବି ।"

ପରଦିନଠାରୁ ସେ ନିଜର କାମରେ ମଜ୍ଜିତ ହୋଇଗଲା ଏବଂ ଅଳ୍ପ-ଦିନ ଭିତରେ ସେ ଏକଥା ମଧ୍ୟ ଜାଣିପାରିଲା ଯେ ତା'ର କାମରେ ସେ କାହାରିଠାରୁ ନ୍ୟୂନ ନୁହେଁ । ଏ କଥା ତା ମନରେ ଏକ ନୂଆ ପ୍ରତ୍ୟୟ ଆଣି-ଦେଲା । ଉଦୟନ ପାଖକୁ ସେ ଚିଠି ଲେଖିଲା, "ମୁଁ ମୋର ଚାକିରିରେ ଖୁବ୍ ଖୁସି ଅଛି । ତମେ ଆସିଲେ ଅଫିସ୍‌ର ସବୁ ମଜା ମଜା କଥା ତମକୁ କହିବି ।" ମାସକ ପରେ ଉଦୟନ ଯେତେବେଳେ ଆସି ତାଙ୍କୁ ଅଫିସରେ ଦେଖାକଲା, ଊର୍ମିଳା ଗୋଟାଏ ବଡ଼ ଷ୍ଟେଟ୍‌ମେଣ୍ଟ୍ ନେଇ କାର୍ଯ୍ୟବ୍ୟସ୍ତ ଥିଲା । ଉଦୟନକୁ ପାଖ ଚଉକିରେ ବସାଇ ଊର୍ମିଳା କହିଲା, "ତମେ ଟିକିଏ ଅପେକ୍ଷା କର, ମୁଁ ଏଇ ଫାଇଲ୍‌ଟାକୁ ଡାଇରେକ୍ଟରଙ୍କ ପାଖକୁ ପଠାଇଦେଲେ ବାହାରକୁ ଯିବା ।" ଉଦୟନ ସାମାନ୍ୟ ବିରକ୍ତ ଜଣାପଡ଼ିଲା, କିନ୍ତୁ ତା ପାଖରେ ବସି ଅପେକ୍ଷା କଲା । ସେମାନେ ଯେତେବେଳେ ବାହାରକୁ ଆସିଲେ, ଊର୍ମିଳା କହିଲା, "ତମକୁ ଆମ ଅଫିସ୍ କେମିତି ଲାଗିଲା ?" ଅଫିସ୍‌ର ଯେଉଁ କୋଠରୀରେ ଊର୍ମିଳା ବସୁଥିଲା, ସେଠାରେ ଆଉ କେହି ଝିଅ ବସୁ ନ ଥିଲେ ଏବଂ ଏତେ ପୁରୁଷମାନଙ୍କ ଭିତରେ ଊର୍ମିଳାର ବସି ରହିଥିବା ଉଦୟନକୁ କେମିତି ଅପ୍ରୀତି-କର ଲାଗିଥିଲା । ତଥାପି ସେ କହିଲା, "ଭଲ ଅଫିସ୍ ।"

ଊର୍ମିଳା କହିଲା, "ମୁଁ ତମକୁ କହିଥିଲି ହୋଟେଲରେ ରହିବ ବୋଲି; ତମେ ପୁଣି ସେଇ ସାଙ୍ଗ ଘରେ ରହିଲ କାହିଁକି ?" ଉଦୟନ କହିଲା, "କାହିଁକି ମୁଁ ଏତେ ଟଙ୍କା ଖର୍ଚ୍ଚ କରିଥାନ୍ତି ?" ଊର୍ମିଳା କହିଲା, "ତମେ ଭୁଲି ଯାଉଛ

Digitized by srujanika@gmail.com

ଯେ ଆମେ ଦି'ଜଣଯାକ ଏଥର ରୋଜଗାର କରୁଛେ ! ଏବେ କୋଉଠି ଦେଖା କରିବା କୁହ ।" "କାହିଁକି ? ଆଗରୁ ଯେମିତି ଦେଖା କରୁଥିଲେ ।" ଜବାବ ଦେଲା ଉଦୟନ । "ତମେ କିଛି ବି ବୁଝିବ ନାହିଁ," ଊର୍ମିଳା କହିଲା, ମୁଁ ତମକୁ ଭିନ୍ନ ଭାବରେ ଦେଖା କରିବାକୁ ଚାହୁଁଥିଲି । ଚାଲ, ଚା' ପିଇବା ।"

ଚା' ପିଉ ପିଉ ଊର୍ମିଳା ଉଦୟନକୁ ତା'ର ନିଜ ଅଫିସ୍ କଥା କହିଲା । ଉଦୟନ ପଚାରିଲା, "ତମର ବସ୍ କେମିତି ଲୋକ ?" ଊର୍ମିଳା କହିଲା, "ଭଲଲୋକ ।" ଏ କଥା କହିସାରି ସେ ଉଦୟନକୁ ତା'ର ପ୍ରଥମ ଦିନର ଅଭିଜ୍ଞତା କଥା ମଧ୍ୟ କହିଲା । ଶୁଣିସାରି ଉଦୟନ କହିଲା, "ଶଳା........." ଏବଂ ରୁକ୍ଷହୋଇ ଊର୍ମିଳାକୁ କହିଲା, "ଏଇ ଲୋକଟାକୁ କେମିତି ଭଲ ବୋଲି କହୁଛ ?" ଊର୍ମିଳା କହିଲା, "ସେଦିନ କେମିତି କ'ଣ କହି ଦେଇ-ଥିଲେ, କିନ୍ତୁ ତା ପରଠାରୁ ମୋ ସହିତ ସେ ସମ୍ମାନର ସହିତ କଥାବାର୍ତ୍ତା କରନ୍ତି । କାମରେ ସେ ମୋ ଉପରେ ସନ୍ତୁଷ୍ଟ । ଅଫିସ୍‌ରେ ବି ସମସ୍ତେ ତାଙ୍କୁ ଭଲ ପା'ନ୍ତି ।" ଉଦୟନ ଏ କଥା ପରେ କେମିତି ଅନ୍ୟମନସ୍କ ହୋଇଗଲା ଏବଂ ଊର୍ମିଳା ତାକୁ ବିଭିନ୍ନ ବିଷୟରେ ପଚାରିବା ବେଳେ ତାକୁ ସଂକ୍ଷେପରେ ଜବାବ ଦେଲା । କିଛି ସମୟ ପରେ ଉଦୟନ ପଚାରିଲା, "ତମେ କଣ ଫାଇଲ୍ ସବୁ ସିଧାସଳଖ ଡାଇରେକ୍ଟରଙ୍କ ପାଖକୁ ପଠାଅ ?" "ପ୍ରଥମେ ପ୍ରଥମେ ଆଉ ଜଣେ ଅଫିସରଙ୍କ ବାଟଦେଇ ଫାଇଲ୍ ଯାଉଥିଲା, କିନ୍ତୁ ମୋର ଭଲକାମ ଦେଖି ଡାଇରେକ୍ଟର ତାଙ୍କ ପାଖକୁ ସିଧା ଫାଇଲ୍ ପଠାଇ-ବାକୁ ଅର୍ଡର କରିଦେଲେ ।" ଊର୍ମିଳା ଏକଥା ବେଶ୍ ଗର୍ବର ସହିତ କହିଲା; କିନ୍ତୁ ଉଦୟନ କେବଳ କହିଲା, "ହୁଁ ।"

ପୂର୍ବଥରମାନଙ୍କରେ ସନ୍ଧ୍ୟାବେଳେ ସେମାନେ ଯାଇ ପାର୍କରେ ବସୁଥିଲେ ଏବଂ ଅନ୍ଧାର ହୋଇଯିବା ପରେ ବି ସେଠାରେ ବସି ରହିବା ପାଇଁ ଉଦୟନ ତାକୁ ବାଧ୍ୟ କରୁଥିଲା । ପାର୍କର ଅନ୍ଧାରରେ ଉଦୟନ ତାକୁ ଛୁଇଁବାକୁ ଚେଷ୍ଟା କରୁଥିଲା ଏବଂ ତାକୁ ସଂଯତ କରିବା ଊର୍ମିଳା ପାଇଁ ସବୁବେଳେ ଏକ ସମସ୍ୟା ଥିଲା । ଆଜି କିନ୍ତୁ ସନ୍ଧ୍ୟାବେଳେ ଚା' ପିଇ ସାରିବା ପରେ ଉଦୟନ କାମ ଅଛି ବୋଲି କହି ଚାଲିଯିବାକୁ ବସିଲା । ଊର୍ମିଳା କହିଲା "ଚାଲ, ଅଳ୍ପ ସମୟ ବି ହଉ, ପାର୍କରେ ଯାଇ ବସିବା ।" ପାର୍କର ପରିଚିତ ଓ ଆତ୍ମୀୟ ପରିବେଶ ଭିତରେ ବସି ଆଜି ସେମାନେ ପୁଣି ପଛକୁ ଫେରିଗଲେ । ଉଦୟନ କହିଲା, "ଦେଖ ଊର୍ମିଳା, ଆଉ ଡେରି ନ କରି ଚାଲ ଶୀଘ୍ର ବାହା ହୋଇଯିବା ।" ଊର୍ମିଳା କହିଲା, "ଏତେ ବ୍ୟସ୍ତ କାହିଁକି ? ମୁଁ ତ

Digitized by srujanika@gmail.com

ଏଇ ମାତ୍ର ଚାକିରିରେ ଯୋଗଦେଲି । କିଛିଦିନ ଯାଉ ।" ଉଦୟନ ସାମାନ୍ୟ ବିରକ୍ତ ହୋଇ କହିଲା, "ମୁଁ ଆଉ ଏତେ ଦିନ ଅପେକ୍ଷା କରି ପାରିବି ନାହିଁ ।" ଊର୍ମିଳା ତାକୁ ବ୍ୟଙ୍ଗ କରି କହିଲା, "ତା' ହେଲେ ଯାଇ ଆଉ କାହାକୁ ବାହା ହୋଇ ପଡ଼ ।"

ଉଦୟନ ଗମ୍ଭୀର ହୋଇଯାଇ ତା' ପାଖରୁ ଘୁଞ୍ଚି ବସିଲା ଏବଂ ଊର୍ମିଳା ଯେତେ ଚେଷ୍ଟା କଲେ ବି ଆଉ ତା' ସହିତ ହସଖୁସିରେ କଥାବାର୍ତ୍ତା କଲାନାହିଁ । ଯେତେବେଳେ ପାର୍କ ଅନ୍ଧାର ହୋଇଗଲା, ସେତେବେଳେ ମଧ୍ୟ ଉଦୟନ ଊର୍ମିଳା ପାଖକୁ ଲାଗି ଆସିଲା ନାହିଁ । "ତମର କ'ଣ ହେଲା" କହି ଊର୍ମିଳା ବରଂ ତା' ପାଖକୁ ଘୁଞ୍ଚି ଯାଇ ବସିଲା ଏବଂ ତାକୁ ଛୁଇଁବାକୁ ଚେଷ୍ଟା କଲା । ତଥାପି ନ ତରଳିବାରୁ ଊର୍ମିଳା କହିଲା, "ଚାଲ, ଏବେ ତମେ ଯାଇ କୋଉ ହୋଟେଲରେ ରୁମ୍ ନିଅ । ନିରୋଳାରେ ବସି କଥାବାର୍ତ୍ତା କରିବା ।" ଉଦୟନ କହିଲା, "ଏଠାରେ ବି ନିରୋଳା ଅଛି ।" ତାକୁ ଚିଡ଼ାଇବା ପାଇଁ ଊର୍ମିଳା କହିଲା, "କିନ୍ତୁ ସବୁକଥା ପାଇଁ ନୁହେଁ ।"

ସେମାନେ ପାର୍କରୁ ବାହାରିବା ବେଳେ ଉଦୟନ କହିଲା, "କାଲି କେମିତି କୋଉଠି ଦେଖା ହେବ ? ମୁଁ ସନ୍ଧ୍ୟାବେଳେ ଚାଲିଯିବି ।" ଊର୍ମିଳା କହିଲା, "ତମେ ଲଞ୍ଚ ଛୁଟିବେଳେ ଆମ ଅଫିସ୍‌କୁ ଆସ ।" ଉଦୟନ କହିଲା, "ମୁଁ ତମ ଅଫିସ୍‌କୁ ଆସି ପାରିବି ନାହିଁ । ତମେ ବରଂ ଛୁଟି ନେଇ ଯାଅ ।" ଊର୍ମିଳା କହିଲା, "ମୁଁ ତ ଏଇମାତ୍ର ଚାକିରିରେ ଜଏନ୍ କରିଛି । ଛୁଟି କେମିତି ମାଗିବି ? ତମେ ବରଂ ଛୁଟି ନେଇ ଆଉ ଦିନେ ରହିଯାଅ ।" ଉଦୟନ କହିଲା, "ଅଫିସ୍‌ରେ ମୋର ବି ଜରୁରୀ କାମ ଅଛି । ଆଉ ଆମ ହାକିମ ତମ ଡାଇରେକ୍ଟରଙ୍କ ଭଳି ଏତେ ଭଲ ଲୋକ ନୁହଁନ୍ତି । ବେଶ୍ କଡ଼ା ଲୋକ ।" ଯାହା ହଉ, ବିଦାୟ ନେବା ଆଗରୁ ଊର୍ମିଳା ତାକୁ ପରଦିନ ତା'ର ଅଫିସକୁ ଆସିବାକୁ ରାଜି କରାଇଲା ।

ତା' ପରଦିନ ତାକୁ ଅଳ୍ପ ସମୟ ଦେଖା କରି ଉଦୟନ ଚାଲିଗଲା । ପୁଣି ଅଫିସ୍ କାମରେ ମନ ଦେଉ ଦେଉ ଊର୍ମିଳା ଭାବିଲା, ଉଦୟନ ବଡ଼ ଅଦ୍ଭୁତ ଲୋକ । ବିନା କାରଣରେ ରାଗ କରୁଛି । ଯାହା ହେଉ ଚିଠି ଲେଖି ସବୁ କଥା ବୁଝାଇ ଦେବି । କିନ୍ତୁ ବେଶ୍ କିଛି ଦିନ୍ ଊର୍ମିଳା ତା' ପାଖକୁ ଚିଠି ଲେଖି ପାରିଲା ନାହିଁ, କାରଣ ଅଫିସ୍‌ର କିଛି କାମ ତାକୁ ଘରକୁ ଆଣିବାକୁ ହେଲା । ଯେତେବେଳେ ସେ ଉଦୟନ ପାଖକୁ ଚିଠି ଲେଖିବାର ଅବସର

Digitized by srujanika@gmail.com

ପାଇଲା, ହାତରେ ସମୟ କମ୍ ଥିଲା ଏବଂ ସେ ମାତ୍ର କେତୋଟି ଧାଡ଼ିରେ ଚିଠି ଲେଖିଲା, ଯୋଉଥିରେ ସେ ଯେତେ ଯାହା ସବୁ ଲେଖିବାକୁ ଚିନ୍ତା କରିଥିଲା, କିଛି ବି ଲେଖିବା ସମ୍ଭବ ହେଲା ନାହିଁ ।

ଏଥରକ ଅଫିସ୍‌ରେ ଊର୍ମିଳାର କାମ ବଢ଼ି ଗ୍ଲିଲା । ସରକାରୀ ଅଫିସ୍‌ରେ ଗୋଟିଏ ନିୟମ ଅଛି ଯେ, ଯେ ଭଲ କାମ କରେ, ତାକୁ ବେଶୀ ବେଶୀ କାମ ଦିଆଯାଏ । ଊର୍ମିଳା ଏଇ ନିୟମର ଶିକାର ହୋଇଗଲା । ତା'ର ଏଥିପାଇଁ କୌଣସି କ୍ଷୋଭ ନ ଥିଲା, କାରଣ ସେ କାମରେ ତା'ର ପାରଙ୍ଗମତା ପ୍ରମାଣ କରିବା ପାଇଁ ସୁଯୋଗ ଗ୍ଲୁହୁଁଥିଲା । ବର୍ତ୍ତମାନ କୌଣସି ଜଟିଳ ବିଷୟରେ ଆଲୋଚନା କରିବାକୁ ହେଲେ ଡାଇରେକ୍ଟର ତାକୁ ଡାକୁଥିଲେ ଏବଂ ତା'ଠାରୁ ପରାମର୍ଶ ନେଉଥିଲେ । ତାଙ୍କ ବ୍ୟବହାରରେ ସେ ବର୍ତ୍ତମାନ କୌଣସି ଅସଙ୍ଗତା ଦେଖିବାକୁ ପାଉ ନ ଥିଲା । ଡାଇରେକ୍ଟର ତାକୁ ଅଫିସ୍‌ର ଅନ୍ୟମାନଙ୍କ ଭଳି ସମାନ ଦୃଷ୍ଟିରେ ଦେଖୁଥିଲେ ଏବଂ ସେ ସ୍ତ୍ରୀ ହୋଇଥିବା ତା'ପାଇଁ କୌଣସି ସୁବିଧା ଅଥବା ଅସୁବିଧାର କାରଣ ନ ଥିଲା । ଅଫିସ୍‌ରେ ଅନ୍ୟମାନଙ୍କ ସହିତ ତା'ର ଭଲ ସମ୍ପର୍କ ଥିଲା । ପ୍ରଥମେ ପ୍ରଥମେ ଯେଉଁ କେତେଜଣ ତା' ସହିତ ରୋମାଞ୍ଚକ ଭାବରେ ଆତ୍ମୀୟ ହେବାକୁ ଚେଷ୍ଟା କରିଥିଲେ, ସେମାନେ ମଧ୍ୟ ବର୍ତ୍ତମାନ ତାକୁ ଚିହ୍ନି ସାରିଥିଲେ ଏବଂ ନିଜକୁ ସଂଯତ କରି ନେଇଥିଲେ । ସେ ଅଫିସ୍‌ର ସହକର୍ମୀମାନଙ୍କ ସହିତ ସବୁ ଦିଗରୁ ସମକକ୍ଷ ଥିଲା ଏବଂ ସେମାନେ ମଧ୍ୟ ବର୍ତ୍ତମାନ ତାକୁ ଆଉ କେବଳ ତା'ର ସ୍ତ୍ରୀତ୍ୱ ଦୃଷ୍ଟିରୁ ଦେଖୁ ନ ଥିଲେ ।

ଅଫିସ୍ କାମ ବ୍ୟତୀତ ଊର୍ମିଳାର ଅଫିସ୍‌ରେ ଆଉ ଯେଉଁ କାମ ପ୍ରତି ଆଗ୍ରହ ଥିଲା, ତା ହେଉଛି ତାଙ୍କ ଅଫିସ୍‌ରେ ତଳତଳିଆ ଗ୍ଲକିରି କରୁଥିବା ସ୍ତ୍ରୀ ଲୋକମାନଙ୍କର ଭଲମନ୍ଦ ବୁଝିବା । କିନ୍ତୁ ସେମାନଙ୍କ ସହିତ କଥାବାର୍ତ୍ତା କରି ସେ ଅଳ୍ପ ସମୟ ଭିତରେ ଜାଣି ପାରିଥିଲା ଯେ ଏଇ ସ୍ତ୍ରୀ ଲୋକମାନେ ନିଜର ଭାଗ୍ୟକୁ ଆଦରି ଯେ ଯେଉଁଠାରେ ରହି ଯାଇଥିଲେ । ସେମାନଙ୍କର ନିଜ ତଥା ନିଜ କାମ ବିଷୟରେ କୌଣସି ଅଭିମାନ ନ ଥିଲା ଏବଂ ସେମାନେ ସ୍ତ୍ରୀ ହୋଇଥିବାଜନିତ ଦ୍ୱିତୀୟ ଶ୍ରେଣୀର ନାଗରିକତ୍ୱକୁ ସଂପୂର୍ଣ୍ଣଭାବେ ସ୍ୱୀକାର କରି ନେଇଥିଲେ । ସେମାନଙ୍କ ଭିତରୁ କେହି କେହି ନିଜର କାମରେ ଦୟା ଭିକ୍ଷା କରୁଥିଲେ ଏବଂ ଅନ୍ୟ କେହି କେହି ନିଜର ନାରୀତ୍ୱର ଚପଳ ରସିକତା ବିନିମୟରେ କାମରେ ସୁବିଧା ସୁଯୋଗ ନେବାକୁ ଚେଷ୍ଟା କରୁଥିଲେ । ଏମାନଙ୍କ ପାଇଁ ଊର୍ମିଳା ଆଉ କୌଣସି ସ୍ୱାଭିମାନୀ ଭବିଷ୍ୟତ ଦେଖି ପାରୁ ନ ଥିଲା ।

Digitized by srujanika@gmail.com

ଶେଷରେ ଊର୍ମିଳା ଏମାନଙ୍କର ପୃଷ୍ଠପୋଷକ ଓ ସହାୟକ ହେବାର ଇଚ୍ଛାରୁ ନିଜକୁ ଦୂରରେ ରଖିଥିଲା ।

ତା'ର ଚାକିରିକୁ ନେଇ ତା'ର ସବୁଠାରୁ ବେଶୀ ସମସ୍ୟା ହେଉଥିଲା ଉଦୟନ ସହିତ । ଉଦୟନ ତାକୁ ବାରମ୍ବାର ପ୍ରତ୍ୟକ୍ଷ ପରୋକ୍ଷରେ କହୁଥିଲା ସେ ଚାକିରି ଛାଡ଼ି ଦେଇ ତାକୁ ବାହା ହୋଇ ଘର ସଂସାର କରୁ । ଊର୍ମିଳା ତାକୁ ବୁଝାଉଥିଲା, "ଦେଖ, କେତେ କଷ୍ଟରେ ଚାକିରି ମିଳିଲା । ହଠାତ୍ ଛାଡ଼ିଦେବା କଣ ଉଚିତ ହେବ ?" ଉଦୟନ ତାକୁ କେବେ କେବେ କହୁଥିଲା, "ତମର ବୋଧହୁଏ ବାହା ହବାର ଇଚ୍ଛା ନାହିଁ । ମତେ ଠିକ୍‌କରି ତାରିଖ କହିଦିଅ, କେବେ ବାହା ହବା ।" ଊର୍ମିଳା କହୁଥିଲା, "ଏତେ ବ୍ୟସ୍ତ କାହିଁକି ? ମୁଁ ତ ତମକୁ କହୁଚି ମଝିରେ ମଝିରେ ଏଠି ଆସି ହୋଟେଲରେ ରହ । ନ ହେଲେ ଆମେ ଦୁଆଡ଼େ ଲମ୍ବା ଛୁଟି ନେଇ ଚାଲିଯିବା । ଆଉ ତିନି ମାସ ଗଲେ ମତେ ଲିଭ୍ ଟ୍ରାଭେଲ କନସେସନ୍ ବି ମିଳିବ ।"

କେବେ କେବେ ଊର୍ମିଳା ତା'ର ଅଫିସ କଥା କହୁ କହୁ କହୁଥିଲା, "ବୁଝିଲ, ମତେ ଆମର ଡାଇରେକ୍ଟର କହୁଥିଲେ ଏଥର ଫିଲ୍ଡ୍ କାମପାଇଁ ଟୁର୍‌ରେ ପଠାଇବେ । ମୁଁ ପ୍ରଥମେ ତମ ସହରକୁ ହିଁ ପ୍ରୋଗ୍ରାମ କରିବି ।" ଉଦୟନ କହୁଥିଲା, "ତମେ ଏକା କେମିତି ଟୁରରେ ଯିବ ?" ଊର୍ମିଳା କହୁଥିଲା, "ତମେ ବ୍ୟସ୍ତ ହୁଅନାହିଁ, ସବୁ ବ୍ୟବସ୍ଥା ମୁଁ କରିଦେବି, ତମକୁ ସେ କଥା ମୋଟେ ଭାବିବାକୁ ପଡ଼ିବ ନାହିଁ ।" ଦିନେ ଊର୍ମିଳା କହିଲା, ଏ ବର୍ଷର କ୍ୟାରେକ୍ଟର ରୋଲରେ ମତେ ସବୁଠାରୁ ଭଲ ମନ୍ତବ୍ୟ ମିଳିଛି ।" ଉଦୟନ କହିଲା, "କାହିଁକି ?" ଊର୍ମିଳା, ଯାହାର କି ନିଜର କାମ ବିଷୟରେ ଗର୍ବଥିଲା, କହିଲା, "କାହିଁକି ମାନେ କଣ ? ଅଫିସରେ ମୁଁ ସବୁଠାରୁ ଭଲ କାମ କରେ ବୋଲି ।" ଉଦୟନ କହିଲା, "ସବୁ ଅଫିସରେ ଝିଅମାନେ ଏମିତି ଭଲ ମନ୍ତବ୍ୟ ପାଇଥାନ୍ତି ।" ଊର୍ମିଳା କହିଲା, "ତମେ କିଛି ବି ଜାଣନାହିଁ । ଆମ ଅଫିସ୍‌ର ସବୁ ଲେଡି ଆସିଷ୍ଟାଣ୍ଟମାନଙ୍କର ସି. ସି. ଆର. ଖରାପ । ସେମାନଙ୍କୁ କେହି ବି ନିଜ ସେକ୍‌ସନ୍‌କୁ ନେବାକୁ ଚାହାଁନ୍ତି ନାହିଁ ।"

ଏଥରକ ଊର୍ମିଳା ବେଶୀ ବେଶୀ ଅଫିସ୍ କାମରେ ନିମଜ୍ଜିତ ହୋଇଗଲା ଏବଂ ଛୋଟ ଛୋଟ ଅସୁବିଧା ସବୁ ଆଉ ତାକୁ ଗୁରୁତର ଜଣାଗଲା ନାହିଁ । ଗସ୍ତାଘାଁଟର ମନ୍ତବ୍ୟ ସବୁକୁ ସେ ଅଗ୍ରାହ୍ୟ କରି ଦେଲା, କାରଣ ଏ ସବୁ ଅତି ଇତର ଜିନିଷ ଥିଲା, ଯାହାକି ସେ ଚିନ୍ତା ଅଥବା ଉଦ୍‌ବେଗର

Digitized by srujanika@gmail.com

ଉପଯୁକ୍ତ ଭବୁ ନ ଥିଲ । ଅଫିସ୍ କାମରେ ସେ ନିଜର ମନପ୍ରାଣ ଲଗାଉଥିଲ ଏବଂ ଡାଇରେକ୍ଟରଙ୍କ ସହିତ ତର୍କ କରିବା ପାଇଁ ସେ ଆଉ ଦ୍ୱିଧା କରୁ ନ ଥିଲ । ଡାଇରେକ୍ଟର ମଧ୍ୟ ତାକୁ ତା'ର ଭଲ କାମ ପାଇଁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଭୁଲ ପାଇଁ ଗାଳି ଦେବାକୁ କୁଣ୍ଠିତ ହେଉ ନ ଥିଲେ । ତାଙ୍କ ସହିତ ଉର୍ମିଳାର ସମ୍ପର୍କ ବର୍ତ୍ତମାନ ଏକ ସୁସ୍ଥ ଉପରିସ୍ଥ ଓ ଅଧସ୍ତନ କର୍ମଚାରୀର ଥିଲ । ଡାଇରେକ୍ଟର ଜଣେ ସଚ୍ଚୋଟ, କାର୍ଯ୍ୟଦକ୍ଷ ଓ ମିତଭାଷୀ ଭଦ୍ରଲୋକ ଥିଲେ ଏବଂ ଉର୍ମିଳା ତାଙ୍କୁ ସମ୍ମାନର ସହିତ ଦେଖୁଥିଲ । ତାଙ୍କ ଅଫିସ୍‌ରେ ଯେତେବେଳେ ଗୋଟିଏ ନୂଆ ଉଚ୍ଚ ଦରମାର ଚାକିରି ଖାଲିହେଲ, ତା'ର ଡାଇରେକ୍ଟର ହିଁ ତାକୁ ଉପଦେଶ ଦେଲେ ସେ ଦରଖାସ୍ତ କରୁ, କାରଣ ଚାକିରି ପାଇଁ ତା'ର ସମସ୍ତ ଉପଯୁକ୍ତ ଯୋଗ୍ୟତା ଥିଲ ।

ଉର୍ମିଳା ଯେତେବେଳେ ଉଦୟନକୁ ତାର ଦରଖାସ୍ତ କଥା କହିଲ, ଉଦୟନ ପଚାରିଲ, "ଏ ଚାକିରିର ଦରମା କେତେ ?" ତାକୁ ସେ କଥା କହି ଉର୍ମିଳା କହିଲ, "ଏତେ ଦିନ ହେଲଣି ମୁଁ ତମକୁ ପଚାରି ନାହିଁ ତମେ କେତେ ଦରମା ପାଉଛ ବୋଲି । ତମେ କେତେ ପାଅ ?"

ଉଦୟନ କହିଲ, "ତମେ ଯୋଉ ଚାକିରି ପାଇଁ ଦରଖାସ୍ତ କରିଛ, ତା' ଠାରୁ ମୁଁ ବହୁତ କମ ଦରମା ପାଉଛି ।" ଟିକିଏ ପରେ କହିଲ, "ତମେ କ'ଣ ମୋର କମ ଦରମା ଯୋଗୁଁ ମତେ ବାହା ହେବାକୁ ରାଜିହେଉ ନାହଁ ?"

"ତମେ କେମିତି ଏ କଥା ଭବୁଛ ?" ଉର୍ମିଳା କହିଲ, "ମୁଁ ତ ଜାଣି ବି ନ ଥିଲି ତମେ କେତେ ଦରମା ପାଅ, ନ ପାଅ । ଠିକ୍ ଅଛି, ଆମେ ଏଇ ବର୍ଷ ବାହା ହୋଇଯିବା ।"

"ତମେ ଯଦି ସେଇ ନୂଆ ଚାକିରିଟା ପାଅ ?"

"କ'ଣ ହେଲ ସେ ଚାକିରି ପାଇବା ନ ପାଇବାରେ ?"

ଉଦୟନ ଚୁପ୍ ରହିଲ, କିନ୍ତୁ ଉର୍ମିଳାର ମନେହେଲ ସେ ଯେମିତି ଚାହେଁ ଉର୍ମିଳା ସେ ବଡ଼ ଚାକିରିଟି ନ ପାଉ । ସେ କହିଲ, "କାହିଁକି, ତମେ କ'ଣ ଭବୁନାହଁ ଯେ ମୁଁ ସେଇ ଚାକିରିଟି ପାଇଲେ ଆମର ସୁବିଧା ହେବ ବୋଲି ?"

ଉଦୟନ କହିଲ, "ମୁଁ ସେ କଥା ଜାଣେନାହିଁ । କିନ୍ତୁ ମୁଁ ଦେଖୁଛି ଚାକିରି କରିବା ଦିନଠୁ ତମେ ବଦଳି ଯାଇଛ ।"

Digitized by srujanika@gmail.com

"ସେ ତ ସାଉବିଲ କଥା", ଉର୍ମିଳା କହିଲ. "ମୋର ବର୍ତ୍ତମାନ ନିଜର ସ୍ୱତନ୍ତ୍ର ପରିଚୟ ଅଛି । ମୁଁ ଆଉ କାହାରି ଆଶ୍ରିତ ବା ନିର୍ଭରଶୀଳ ନୁହେଁ ।"

"ତମେ କ'ଣ ଭାବୁଛ ବାହା ହୋଇଗଲେ ତମେ ତମର ଆଇଡେଣ୍ଟିଟି ହରାଇ ଦେବ ?"

"ନାଁ, କିନ୍ତୁ ଚାକିରି ଛାଡ଼ିଦେଲେ ମୁଁ ପୁଣି ପରାଶ୍ରିତ ହୋଇଯିବି ।"

"ବାହାହେଲେ ଯଦି ଚାକିରି ଛାଡ଼ିବାକୁ ପଡ଼େ ?"

ଉର୍ମିଳା ଜବାବ ଦେଲା, "ମୁଁ ଚାକିରି ଛାଡ଼ିବି ନାହିଁ । ଯାହା ପଛେ ହେଉ ।"

ଉଦୟନ କିଛି ସମୟ ଗମ୍ଭୀର ହୋଇ ବସିଲା ଓ ତା' ପରେ କିଛି ନ କହି ଉଠି ଚାଲିଗଲା । ଉର୍ମିଳା ମନକୁ ମନ କହିଲା, ନାଁ, ମୁଁ ମୋର ନିଜତ୍ୱକୁ ହାତ ମୁଠାରୁ ଛାଡ଼ିଦେବି ନାହିଁ ।

ସେଇ ନୂଆ ଚାକିରି ପାଇଁ ଦରଖାସ୍ତ କରିବା ଦିନରୁ ଉର୍ମିଳା ପାଇଁ ଅଫିସରେ ଅନେକ ସମସ୍ୟା ଉପୁଜିଲା । ଏଇ ଚାକିରିଟି ପାଇଁ ତା' ଅଫିସରୁ ହିଁ ଆହୁରି ଅନେକ ପ୍ରାର୍ଥୀ ଥିଲେ ଏବଂ ସେମାନେ ଜାଣିଥିଲେ ଯେ ଉର୍ମିଳାର ଯୋଗ୍ୟତା ସେମାନଙ୍କଠାରୁ ବେଶୀ ଥିଲା । ତାକୁ ସେମାନେ ବାରମ୍ବାର ବିଭିନ୍ନ ଭାବରେ ଏ ବିଷୟ ନେଇ ଆକ୍ଷେପ କରି କହୁଥିଲେ । ଯଥା, ଆମେ-ମାନେ ଦରଖାସ୍ତ କରିଛୁ ସିନା, ଚାକିରି ଆପଣଙ୍କର । ଆଜିକାଲି ସବୁଠାରେ ସ୍ତ୍ରୀ ଲୋକମାନଙ୍କର ଅଗ୍ରାଧିକାର । କିମ୍ବା, ଡାଇରେକ୍ଟର ଆପଣଙ୍କୁ ଏତେ ଭଲ ପାନ୍ତି, ସେ ନିଶ୍ଚୟ ଚାକିରିଟି କରେଇ ଦେବେ । ଏ ସବୁ ମନ୍ତବ୍ୟ ମୂଳରେ ଯେଉଁ ବ୍ୟଙ୍ଗ ଥିଲା ତା' ହେଲା ଆପଣ ଯଦି ଚାକିରିଟି ପା'ନ୍ତି, ତା' ହେବ ଆପଣ ସ୍ତ୍ରୀ ହୋଇଥିବାର ଏକମାତ୍ର ଯୋଗ୍ୟତା ବଳରେ । ତା'ପରେ ସେମାନେ ତାକୁ ଛୋଟ ଛୋଟ ହଇରାଣ କରିବାକୁ ମଧ୍ୟ ଆରମ୍ଭ କଲେ । ତା' ବିଷୟରେ ମିଛ ସତ କଥାବାର୍ତ୍ତା କଲେ; ତା' ବିରୁଦ୍ଧରେ ଡାଇରେକ୍ଟରଙ୍କ ପାଖରେ ଅମୂଳକ ଅଭିଯୋଗ କଲେ । ଉର୍ମିଳା ବୁଝିଲା ଯେ ଯେଉଁ ପର୍ଯ୍ୟନ୍ତ ସ୍ତ୍ରୀ ଗୋଟିଏ ଗୌଣ ଭୂମିକା ନେଇ ରହିଛି, ଠିକ୍ ଅଛି, କିନ୍ତୁ ଯେତେବେଳେ ସେ ସେମାନଙ୍କର ସମ-କକ୍ଷ ହେଉଛି କିମ୍ବା ଉପରକୁ ଯାଉଛି, ଏ କଥା କାହାରି ସହ୍ୟ ହେଉ-ନାହିଁ ।

Digitized by srujanika@gmail.com

ଏସବୁ ଶୁଣି ଉର୍ମିଳା ବିରକ୍ତ ହେଲା, ହତୋତ୍ସାହିତ ନୁହେଁ । ସେ ଏଇ ପୁରୁଷ ଆଧିପତ୍ୟମୟ ପୃଥିବୀରୁ ଆଉ କଣ ବା ଆଶା କରିଥାନ୍ତା କେବଳ ମଝିରେ ମଝିରେ ଉଦୟନର ବ୍ୟବହାର ତାକୁ ବ୍ୟତିବ୍ୟସ୍ତ କରୁଥିଲା ସେ ମଧ୍ୟ ଏଇ ପୁରୁଷ-ପ୍ରଧାନ ସମାଜରେ ପ୍ରତିନିଧି ଥିଲା । ଏଥିପାଇଁ ଉର୍ମିଳାର କେବେ କେବେ ଉଦୟନ ଉପରେ କ୍ରୋଧ ମଧ୍ୟ ହେଉଥିଲା । କିନ୍ତୁ ସେମାନଙ୍କର ଏତେ ବର୍ଷର ସମ୍ପର୍କକୁ ମନେ ପକାଇ ସେ ନିଜକୁ ସମ୍ଭାଳି କରୁଥିଲା । ପୁଣି ଭାବୁଥିଲା, ଏଥରକ ଦେଖାହେଲେ ସେ ଉଦୟନକୁ ଭଲଭାବରେ ବୁଝାଇବ । କିନ୍ତୁ ଗୋଟାଏ ବିଷୟରେ ଉର୍ମିଳା ଦୃଢ଼ ସଂକଳ୍ପ ଥିଲା । ଯାହା ପଛେ ହେଉ, ସେ ନିଜର ସ୍ୱାଧୀନତାକୁ ହରାଇ ଦେବନାହିଁ ।

ଶେଷକୁ କିନ୍ତୁ ଉର୍ମିଳାର ସେ ଚାକିରିଟି ହେଲନାହିଁ । ଡାଇରେକ୍ଟର ତାକୁ ଡାକି ଅନେକ ଦୁଃଖ ପ୍ରକାଶ କଲେ । କହିଲେ "ଏସବୁ ଚାକିରି ପାଇଁ ପ୍ରାର୍ଥୀ ବାଛିବାରେ ଅନେକ ପ୍ରକାରର ପ୍ରଭାବ ଅଛି । ତମେ ବ୍ୟସ୍ତ ହୁଅ ନାହିଁ ପୁଣି ନୂଆ ପୋଷ୍ଟ ତିଆରି ହେବ, ।" ଅଫିସର ସହକର୍ମୀମାନେ ପୁଣି ତା ସହିତ ଭଲ ବ୍ୟବହାର କରିବାକୁ ଆରମ୍ଭ କଲେ । କିନ୍ତୁ ଉର୍ମିଳା ମନରେ ଏକ ଗଭୀର ଦୁଃଖ ରହିଗଲା । ସେ ଯେତେବେଳେ ଏକଥା ଉଦୟନକୁ କହିଲା ଲକ୍ଷ୍ୟକଲା ଯେ ତାର ସେଇ ଚାକିରିଟି ନ ପାଇବାରେ ଉଦୟନ ଯେପରି ଖୁସି ଥିଲା । ଏ କଥା ମଧ୍ୟ ଉର୍ମିଳାକୁ ଭଲ ଲାଗିଲା ନାହିଁ । ସେ ଘରେ ବସି ବସି ଅନେକ ଭାବିଲା । କଣ ଚାକିରି ଛାଡ଼ିଦେଇ, ବାହାହୋଇ, ପିଲା ଜନ୍ମକରି ଗୃହିଣୀ ହୋଇଯିବ ? ନା, ପୁଣି ନୂଆ ଚାକିରି ପାଇଁ ଚେଷ୍ଟା କରିବ । ଉଦୟନ କଣ ତାକୁ ସତରେ ଭଲପାଏ ? ଯଦି ଭଲପାଏ ତେବେ ଉର୍ମିଳାର ଇଚ୍ଛା, ଆଗ୍ରହ, ଉଚ୍ଚାଭିଳାଷ ପ୍ରତି ସେ ବିମୁଖ କାହିଁକି ? କାହାକୁ ସେ ଏ କଥା ସବୁ କହିବ ? ବାପା ମାଙ୍କୁ ? ତାର ଶୁଭକାଂକ୍ଷୀ ତା ଅଫିସର ଡାଇରେକ୍ଟରଙ୍କୁ ?

ଯେତେ ଏ କଥା ଭାବିଲା, ସେତିକି ସେ ଅବସାଦରେ ବୁଡ଼ି ରହିଲା । ପୁଣି ଛୋଟ ଛୋଟ ଜିନିଷ ତାକୁ ବ୍ୟସ୍ତ କଲେ । ବସ୍‌ରେ ତା ଦେହରେ କେହି ଘଷି ହୋଇଗଲେ ସେ ବିରକ୍ତ ହେଲା ଓ ରାସ୍ତା କଡ଼ରେ ମନ୍ତବ୍ୟ କରୁଥିବା ଲୋକକୁ ସେ ମୁହଁ ବୁଲି ଅନାଇଲା । ଅଫିସରେ ସେ କାହାରି ସହିତ ଭଲରେ କଥାବାର୍ତ୍ତା କଲାନାହିଁ ଏବଂ ଖାଇବା ଛୁଟିବେଳେ ଯେତେବେଳେ ତାର ସହକର୍ମୀ ତାକୁ ଚା' ପିଇବାକୁ ଡାକିଲେ, ତାକୁ ରୋକଠୋକ ମନା କରିଦେଲା । ତା'ର ଦୁର୍ଭାଗ୍ୟକୁ ଉଦୟନ ପାଖରୁ ମଧ୍ୟ ଅନେକ ଦିନ ଚିଠି

Digitized by srujanika@gmail.com

ଆସିଲା ନାହିଁ ଏବଂ ଏ କଥା ଆହୁରି ଏକ ବିଷାଦର କାରଣ ହେଲା । ସେ ଆଉ ଡାଇରେକ୍ଟରଙ୍କ ସହିତ ଭଲରେ କଥାବାର୍ତ୍ତା କଲାନାହିଁ ଏବଂ ସେ ଯେତେବେଳେ ତାକୁ ଆଦରରେ କ'ଣ କହିଲେ, ତାକୁ ରୁକ୍ଷ ଭାବରେ ଜବାବ ଦେଲା । ଏଇପରି ଏକ ଅବସାଦପୂର୍ଣ୍ଣ ମୁହୂର୍ତ୍ତରେ ସେ ଅଫିସ୍‌ରେ ବସି ବସି ତା'ର ଇସ୍ତଫାପତ୍ର ଲେଖିଲା ଏବଂ ଉଦୟନକୁ ଚିଠି ଲେଖିଲା ଯେ ସେ ଚାକିରି ଛାଡ଼ିଦେବ ଏବଂ ଯୋଉଦିନ ଠିକ୍ କରିବ ସେଇଦିନ ସେ ତାକୁ ବାହା ହୋଇଯିବ ।

ଚିଠି ଦୁଇଟି ଲେଖି ସାରିବା ପରେ ତାକୁ ଅତ୍ୟନ୍ତ ହାଲୁକା ଓ ନିଶ୍ଚିନ୍ତ ଲାଗିଲା । ଯେମିତି ତାର ଅନେକ ଦିନର ସଂଗ୍ରାମର ଏଇଠାରେ ହଠାତ୍ ପରି-ସମାପ୍ତି ହୋଇଗଲା । ସେ ଚିଠିକୁ ହାତରେ ନେଇ ଉଠି ଠିଆହେଲା, ଘରି ଆଡ଼କୁ ଅନାଇଲା ଏବଂ କାହାରି ପ୍ରତି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନ ଥାଇ ମନେ ମନେ କହିଲା, ବାଷ୍ଟାର୍ଡସ୍ ! ତା'ପରେ ସେ ଡାଇରେକ୍ଟରଙ୍କ କୋଠରୀର କବାଟ ଖୋଲି ଭିତରକୁ ଗଲା । କୋଠରୀରେ ସେତେବେଳେ ଆଉ କେହି ନ ଥିଲେ । ଡାଇରେକ୍ଟର କାର୍ଯ୍ୟବ୍ୟସ୍ତ ଥିଲେ ଏବଂ ତାକୁ ଦେଖି କହିଲେ, "ବସ, ମୁଁ ଗୋଟାଏ ମିନିଟ୍‌ରେ ଏଇ ଫାଇଲଟା ସାରି ନିଏ ।" ସାମନା ଚଉକି ଉପରେ ବସି ଊର୍ମିଳା ନିଜକଥା ଭାବିଲା । ଅନେକ ହୋଇଗଲା, ଆଉ ନୁହେଁ । ସେ ପୁରୁଣାକଥା ମନେ ପକାଇଲା : ତା'ର କଲେଜର ସାହସିକ ଦିନମାନ, ଘାତ-ଘାଟର କଟୁ ଅନୁଭବ, ଇଣ୍ଟରଭିଉର ଅନିଶ୍ଚିତ ମୁହୂର୍ତ୍ତ, ସହକର୍ମୀମାନଙ୍କର ଈର୍ଷା, ଉଦୟନର ଅସହିଷ୍ଣୁତା, ତା' ନିଜର ସ୍ୱତନ୍ତ୍ର ପରିଚୟ । ନା, ସେ ନିଜ ଜୀବନକୁ ଏପରି ଉଦ୍ଦେଶ୍ୟହୀନ ଭାବରେ ଇତସ୍ତତଃ ବିକ୍ଷିପ୍ତ ହେବାକୁ ଦେବନାହିଁ । ଯାହା ତା'ର ପ୍ରାପ୍ୟ, ତାକୁ ସେ ହାତ ମୁଠାରେ ଧରି ରଖିବ । ଯାହା ତା'ର ନିଜର ଜୀବନ, ତାକୁ ନେଇ ଆଉ କାହାରିକି ଖେଳିବାକୁ ଦେବନାହିଁ; ସେ ନିଜେ ନିୟନ୍ତ୍ରଣ କରିବ ତା'ର ଜୀବନକୁ, ନିଜର ଇଚ୍ଛା ଅନୁଯାୟୀ ।

ଡାଇରେକ୍ଟର ଫାଇଲ ବନ୍ଦ କରି ମୁହଁ ଉଠାଇଲେ ଏବଂ ଊର୍ମିଳା ଆଡ଼କୁ ଚାହିଁ କହିଲେ, "ୟେସ୍—"

ଊର୍ମିଳା ତାଙ୍କର ଚିନ୍ତାଗ୍ରସ୍ତ ମୁହଁକୁ ସହାନୁଭୂତିର ସହିତ ଅନାଇଲା ଏବଂ ତା' ମୁହଁରେ ହସ ଫୁଟିଉଠିଲା । ସାମାନ୍ୟ ଚୁପ୍ ରହି ସେ ତାଙ୍କ ଆଖିକୁ ଅନାଇ ଅବିଚଳିତ ସ୍ୱରରେ କହିଲା, "ଆପଣ ଆଜି ସନ୍ଧ୍ୟାରେ ଫ୍ରି ଅଛନ୍ତି ?"

Digitized by srujanika@gmail.com

୩. ସାବିତ୍ରୀ

ନିଜର ବାହାଘର ବିଷୟରେ ଭାବିବା ଦିନରୁ ହିଁ ତାର ସ୍ୱାମୀ କେଉଁଭଳି ହେବ ସାବିତ୍ରୀ ସେ ବିଷୟରେ ଏକ ମୋଟାମୋଟି ଧାରଣା କରିନେଇଥିଲା । ଅଧାରୁ ପାଠପଢ଼ା ଛାଡ଼ି ସେ ଯେତେବେଳେ ବାହା ହେବାର ଅପେକ୍ଷାରେ ଘରେ ବସି ରହିଲା, ସେ ଏଇ ଧାରଣାକୁ ଏକ ନିର୍ଦ୍ଦିଷ୍ଟ ରୂପ ଦେବାରେ ଲାଗିଲା । କାଳ୍ପନିକ ଯୁବକଟିର ମୁହଁ ଓ ଦେହର ବିଭିନ୍ନ ଅଙ୍ଗରେ ସାବିତ୍ରୀ ନିଜର ପ୍ରିୟ ଚିତ୍ରତାରକାମାନଙ୍କର ଆଖି ନାକ ଓଠ ଇତ୍ୟାଦି ଖଞ୍ଜି ବର୍ତ୍ତମାନ ଏକ ନିର୍ଦ୍ଦିଷ୍ଟ ପ୍ରତିମୂର୍ତ୍ତି ତିଆରି କରିବାରେ ସଫଳ ହୋଇଥିଲା । ଏଇ ଆଦର୍ଶ ପୁରୁଷଟି ଗୌରକାୟ ଓ ସୌମ୍ୟ ଦର୍ଶନ ଥିଲା ଏବଂ ନିଜର ଉଚ୍ଚତାକୁ ଆଖି ଆଗରେ ରଖି ସାବିତ୍ରୀ ତାର ଉଚ୍ଚତା ପାଞ୍ଚଫୁଟ ଆଠ ଇଞ୍ଚରୁ ଅଧିକ ହେବାକୁ ଦେଇ ନ ଥିଲା । ସେ ଅଭ୍ୟାସ କରି ସିଗାରେଟ ପିଉଥିଲା ଏବଂ ସାବିତ୍ରୀର ସନ୍ଦେହ ହେଉଥିଲା ଯେ ସେ ମଝିରେ ମଝିରେ ମଦ୍ୟପାନ କରିବା ପାଇଁ ମଧ୍ୟ ଉତ୍ସୁକ ଥିଲା । ସାବିତ୍ରୀ ତାକୁ ମଦ୍ୟପାନ କରିବାକୁ ଦେଉ ନ ଥିଲା, ବରଂ ସିଗାରେଟ ପିଇବା ପାଇଁ ଉତ୍ସାହିତ କରୁଥିଲା । ନିଜର ଆଖି ବନ୍ଦ କଲେ ସାବିତ୍ରୀ ଦେଖୁଥିଲା ଯେ ଯୁବକଟି ତାର ବାନ୍ଧବୀମାନଙ୍କ ଆଡ଼କୁ ଅନାବଶ୍ୟକ କୌତୂହଳ ସହ ଅନାଉଥିଲା । ସାବିତ୍ରୀ ମନେ ମନେ କହୁଥିଲା, 'ଠିକ୍ ଅଛି, ବାହାଘର ପରେ ସବୁ ଠିକ୍ କରିଦଉଚି ।

ତାର ବାହାଘର ପାଇଁ ଘରେ ଯେତେ ସବୁ ଆଲୋଚନା ଓ ଆୟୋଜନ ହେଉଥିଲା ସାବିତ୍ରୀ ନିଜକୁ ସେ ସବୁରୁ ଦୂରରେ ରଖୁଥିଲା । ଯଦିଓ ଏ ପର୍ଯ୍ୟନ୍ତ ପାତ୍ର ସ୍ଥିର ହୋଇ ନ ଥିଲା, ସାବିତ୍ରୀର ମା ବିବାହର ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷମାନ ସଂଗ୍ରହ କରିବାରେ ଲାଗିଥିଲେ । ସାବିତ୍ରୀର ବାହାଘର ପାଇଁ ଶାଢ଼ୀ ଓ ଅଳଙ୍କାର ଗୋଟିଏ ସ୍ୱତନ୍ତ୍ର ବାକ୍ସରେ ରଖାଯାଉଥିଲା । ଆର୍ଥିକ ସ୍ୱଳ୍ପତା ହେତୁରୁ ବାକ୍ସର ଅନେକ ଅଂଶ ଖାଲି ପଡ଼ିଥିଲା ଏବଂ ସାବିତ୍ରୀର ମା ବର୍ତ୍ତମାନ ସେଇ ଶୂନ୍ୟ ଅଂଶକୁ ସାବୁନ, ମୁଣ୍ଡରେ ଲଗାଇବା ତେଲ ଓ ତକିଆ ଭଳି ଅନେକ ଶସ୍ତା ଅଥଚ ଦରକାରୀ ଜିନିଷରେ ଭର୍ତ୍ତି କରିବାରେ ଲାଗିଥିଲେ । ସାବିତ୍ରୀର ବାପା ଅଫିସ କାମକୁ ଛାଡ଼ିଦେଇ ବାକି ସମୟ ସବୁ ସାବିତ୍ରୀର ବାହାଘର କଥା ବୁଝିବାରେ ବ୍ୟତୀତ

Digitized by srujanika@gmail.com

କରୁଥିଲେ । ସେ ଏ ବିଷୟରେ ବିଶେଷ କୁଶଳୀ ନ ଥିଲେ ଏବଂ ତାଙ୍କର ଉଦ୍ୟମ ସବୁ କେବଳ ଚିନ୍ତିତ ରହିବାରେ ସୀମିତ ଥିଲା । ତେବେ ପରିବାରର ଆତ୍ମୀୟସ୍ୱଜନ ସମସ୍ତେ ସାବିତ୍ରୀ ପାଇଁ ବର ଖୋଜିବା କାମକୁ ଏକ ଚ୍ୟାଲେଞ୍ଜ ବୋଲି ଗ୍ରହଣ କରି ନେଇଥିଲେ ଏବଂ ମଝିରେ ମଝିରେ ଅନେକ ଅସମ୍ଭବ ଓ ଅବାନ୍ତର ପ୍ରସ୍ତାବମାନ ନେଇ ପହଞ୍ଚୁଥିଲେ । କେତୋଟି ମାସ ଭିତରେ ଆମେରିକାରେ ଥିବା ଡାକ୍ତର, ପ୍ରବାସୀ ଇଞ୍ଜିନିୟର, ମଫସଲର ଲେକ୍‌ଚରର, ରେଲବାଇର ଭ୍ରାମ୍ୟମାଣ ଅଫିସର ପ୍ରଭୃତି ବିଭିନ୍ନ ପ୍ରକାରର ବୃତ୍ତିର ପାତ୍ରଙ୍କର ନାଁ, ଠିକଣା, ରାଶିନକ୍ଷତ୍ରର ସମ୍ବାଦ ସବୁ ଏକାଠି ହେବାରେ ଲାଗିଲା; କିନ୍ତୁ ବାହାଘର ଠିକ୍ ହୋଇପାରିଲା ନାହିଁ ।

ଏଇ ସମୟଟି ସାବିତ୍ରୀ ପାଇଁ ସାମାନ୍ୟ ଉତ୍କଣ୍ଠାଜଡ଼ିତ; କିନ୍ତୁ ଆନନ୍ଦଦାୟକ ସମୟ ଥିଲା । ତାର ମୁଣ୍ଡ ଉପରେ ଆଉ ପାଠ ପଢ଼ିବାର ଦାୟିତ୍ୱ ନ ଥିଲା ଏବଂ ବାହା ହୋଇ ଘରୁ ଚାଲିଯିବ ବୋଲି ଘରର ସମସ୍ତେ ତାକୁ ଅତ୍ୟଧିକ ସ୍ନେହର ସହିତ ଦେଖୁଥିଲେ । ଏଇଭଳି ଦାୟିତ୍ୱ ଶୂନ୍ୟତା ଓ ସ୍ନେହର ଏକ ସ୍ୱତନ୍ତ୍ର ପୃଥିବୀ ଭିତରେ ରହି ସାବିତ୍ରୀ ନିଜକୁ ଏକ ସ୍ୱପ୍ନମୟ ପରିବେଶ ଭିତରେ ଛାଡ଼ି ଦେଇଥିଲା । ତା' ଚାରିପାଖେ ପାତ୍ରର ସ୍ୱଚ୍ଛଳତା, କାନଫୁଲ, ପାଉଁଜି, ସ୍କୁଟର, ମିଥୁନ ରାଶି ନାଗସ୍ତ ଗୋତ୍ର ଇତ୍ୟାଦି ବିଷୟରେ ଯେଉଁ ତର୍କ-ବିତର୍କ ଓ ବିଚାର ବିମର୍ଷ ହେଉଥିଲା ସେସବୁ ବିଷୟରେ ସାବିତ୍ରୀ ସଂପୂର୍ଣ୍ଣ ନିସ୍ପୃହ ଥିଲା । ସେ ତାର କଳ୍ପନାର ଲୋକଟିକୁ ଏଇ ସମୟମାନଙ୍କରେ ଆହୁରି ଗଭୀର ଭାବରେ ଅଧ୍ୟୟନ କରୁଥିଲା । ସମୟ ପାଇଲେ ସାବିତ୍ରୀ ତା ସହିତ ପ୍ରେମାଳାପ ମଧ୍ୟ କରୁଥିଲା; କିନ୍ତୁ ଆହୁରି ଘନିଷ୍ଠ ସମ୍ପର୍କର ଚିନ୍ତାସବୁ ସେ ବାହାଘର ସରିବା ପର୍ଯ୍ୟନ୍ତ ମନରୁ ଦୂର କରିଦେଇଥିଲା ।

ଅନେକ ପ୍ରକାର ପ୍ରସ୍ତାବର ପରୀକ୍ଷା ନିରୀକ୍ଷା ପରେ ମଧ୍ୟ ଅନେକ ଦିନ ପର୍ଯ୍ୟନ୍ତ ବିବାହର କୌଣସି ସନ୍ତୋଷଜନକ ନିର୍ଣ୍ଣୟ ହୋଇପାରିଲା ନାହିଁ ଏବଂ ସମସ୍ତେ ସେ ବର୍ଷ ଆଉ ସାବିତ୍ରୀର ବିବାହ ହୋଇପାରିବ ନାହିଁ ବୋଲି ହତୋତ୍ସାହ ହୋଇଗଲେ । ଠିକ୍ ଏତିକିବେଳେ ଜଣେ ପ୍ରାର୍ଥୀଙ୍କର ଅଭିଭାବକ ଜାତକର ପାରସ୍ପରିକ ସଙ୍ଗତି, ଯୌତୁକର ରାଶି, କନ୍ୟାର ଉଚ୍ଚତା ଇତ୍ୟାଦି ବିଷୟରେ ଯେଉଁ ଉଚ୍ଚ ମାନଦଣ୍ଡମାନ ରଖିଥିଲେ ସେଥିରୁ ସାମାନ୍ୟ ଓହରିଗଲେ ଏବଂ ସାବିତ୍ରୀର ବାହାଘର ହଠାତ୍ ଠିକ୍ ହୋଇଗଲା । ଏଥରକ ତର୍କବିତର୍କର ବିଷୟବସ୍ତୁ ହଠାତ୍ ବଦଳିଗଲା ଏବଂ ସାବିତ୍ରୀର ଚାରିପାଖେ ବର୍ତ୍ତମାନ ନିମନ୍ତ୍ରଣ ପତ୍ର, ବରର ସୁଟ୍, ରନ୍ଧୁଆ, ଗନ୍ଧଣିଆ ଓ ଲଉଡ୍‌ସ୍ପିକର ଭଳି ଇତର ଓ ନୀରସ

Digitized by srujanika@gmail.com

ଶବ୍ଦମାନ ଗୁଞ୍ଜରିତ ହେବାକୁ ଲାଗିଲା । ସାବିତ୍ରୀ ଏସବୁକୁ ଶୁଣିବାକୁ ମଧ୍ୟ ସଂପୂର୍ଣ୍ଣ ଅସ୍ୱୀକାର କରିଦେଲା ଏବଂ ନିଜର ସ୍ୱପ୍ନର ରାଜ୍ୟରୁ ଟିକେମାତ୍ର ବାହାରକୁ ପାଦ ବଢ଼ାଇଲା ନାହିଁ । ଏପରିକି ବାହାଘରର ହୋ ହଲ୍ଲା ଭିତରେ ଓ ବେଦୀ ଉପରେ ବସି ସେଇ ଅଜ୍ଞାତ ଯୁବକର ହାତ ଉପରେ ହାତ ରଖିବା ଏବଂ ଖରାଦିନର ଗରମରେ ଅଗ୍ନିକୁଣ୍ଡ ଚାରିପାଖେ ପ୍ରଦକ୍ଷିଣ କରିବା ବେଳେ ମଧ୍ୟ ସେ ତାର କଳ୍ପନାର ସୌମ୍ୟଦର୍ଶନ ପୁରୁଷକୁ ପାଖରୁ ଯିବାକୁ ଦେଲା ନାହିଁ ।

ସାବିତ୍ରୀ ପାଇଁ ପାତ୍ର ଓ ବରରୁ ବର୍ତ୍ତମାନ ଉତ୍ତୀର୍ଣ୍ଣ ହୋଇଥିବା ସ୍ୱାମୀର ପ୍ରଥମ ଦର୍ଶନ ଅତ୍ୟନ୍ତ ହତାଶାଜନକ ଥିଲା । ସୌନ୍ଦର୍ଯ୍ୟ, ଉଚ୍ଚତା, ବର୍ଣ୍ଣ ଓ ବ୍ୟକ୍ତିତ୍ୱ ଦୃଷ୍ଟିରୁ ଶ୍ରୀନିବାସ ସାବିତ୍ରୀର ମାନସ ପୁରୁଷର ସଂପୂର୍ଣ୍ଣ ପ୍ରତିରୂପ ଥିଲା । ଶ୍ରୀନିବାସର ତା ସହିତ ପ୍ରଥମ କଥୋପକଥନ ଅତ୍ୟନ୍ତ ଗଦ୍ୟମୟ ଓ ରୋମାଞ୍ଚ ରହିତ ଥିଲା ଏବଂ ସେମାନଙ୍କର ଅଳ୍ପ ପରିଚୟର ପ୍ରଥମ ଘନିଷ୍ଟତା ସାବିତ୍ରୀ ପାଇଁ ଅରୁଚି ଓ ନୈରାଶ୍ୟରେ ପରିପୂର୍ଣ୍ଣ ଥିଲା । ଶ୍ରୀନିବାସକୁ ସାମାନ୍ୟ ଜାଣିବା ପରେ ସାବିତ୍ରୀ ଆବିଷ୍କାର କଲା ଯେ ସେ ଧର୍ମପରାୟଣ ଥିଲା; ସିଗାରେଟ ଓ ମଦ୍ୟପାନ ତ ଦୂରର କଥା ମାଛ ମାଂସ ଖାଉ ନ ଥିଲା ଏବଂ ସଂପୂର୍ଣ୍ଣ ନିରାମିଷାଶୀ ଥିଲା । ଶ୍ରୀନିବାସକୁ ଆଉ ଟିକିଏ ଭଲଭାବରେ ଜାଣିବା ପରେ ସାବିତ୍ରୀ ଏକଥା ମଧ୍ୟ ଆବିଷ୍କାର କଲା ଯେ ଶ୍ରୀନିବାସ ଅନ୍ୟ ସ୍ତ୍ରୀ ତ ଦୂରର କଥା ତା ଆଡ଼କୁ ମଧ୍ୟ ଅତି ସଂକୋଚର ସହିତ ଅନାଉଥିଲା ଏବଂ ତା ସହିତ କଥାବାର୍ତ୍ତା ଅନେକ କମ୍ କରୁଥିଲା ।

ଶ୍ରୀନିବାସ ରେଲବାଇରେ କାମ କରୁଥିଲା ଏବଂ ଏକ ଅନାମଧେୟ ଛୋଟ ଷ୍ଟେସନର ଷ୍ଟେସନମାଷ୍ଟର ଥିଲା । ବାହାଘର ପରେ ନିଜ ଘରୁ ଯାଇ ଯେଉଁ କେତୋଟି ଦିନ ସେ ଶ୍ରୀନିବାସର ଘରେ ରହିଥିଲା, ସାବିତ୍ରୀ ଏଯାଏ ଦେଖି ନ ଥିବା ଷ୍ଟେସନ କଥା ହିଁ ଭାବୁଥିଲା । ଟ୍ରେନ, ରେଲଯାତ୍ରା ଓ ଷ୍ଟେସନ ମଧ୍ୟ ସାବିତ୍ରୀର ମନ ଭିତରେ ଏକ ପୁଲକପୂର୍ଣ୍ଣ ଶିହରଣ ଆଣି ଦେଉଥିଲେ ଯାହା ହୁଏତ କୌଣସି ପିଲାଦିନର ସ୍ମୃତି, ସିନେମାରେ ଦେଖିଥିବା ଦୃଶ୍ୟ ବା କାହାଣୀର ଘଟଣା ସହିତ ସମ୍ବନ୍ଧିତ ଥିଲା । ଯଦିଓ ତାର ଏଇ ଷ୍ଟେସନର କାଳ୍ପନିକ ଚିତ୍ର ବାସ୍ତବରେ ତାକୁ ହତାଶ କରିବାର ଭୟ ଥିଲା, ସେ ତାର ପ୍ରଥମ ହତାଶାକୁ ଭୁଲିଯିବା ପାଇଁ ଏଇ ନୂଆ ସ୍ୱପ୍ନରେ ମନୋନିଯୋଗ କରିଥିଲା ।

ଶ୍ରୀନିବାସର ଛୁଟି ଶେଷରେ ସେମାନେ ଯେତେବେଳେ ତାର ଚାକିରି ଜାଗାକୁ ଯିବା ପାଇଁ ଟ୍ରେନ ଧରିଲେ, ସାବିତ୍ରୀ ବେଶ୍ ଖୁସି ହେଲା । ସେ ତାର

Digitized by srujanika@gmail.com

ସ୍ୱାମୀର ଶ୍ୱାସରୁଦ୍ଧ କରିଦେଉଥିବା ପରିବାରର ଘେର ଭିତରୁ ମୁକ୍ତି ଚାହୁଁଥିଲା ଏବଂ ଶ୍ରୀନିବାସର ଛୁଟି କେବେ ଶେଷ ହେବ ଏଇ ଅପେକ୍ଷାରେ ରହିଥିଲା । ଏଇ ରେଲଯାତ୍ରା ତା ପାଇଁ ଯେପରି ଏକ ପଳାୟନର ଟିକେଟ ଥିଲା ଯାହାକୁ ହାତରେ ଧରି ସେ ତାର ପିଲାଦିନର ସ୍ମୃତି, ଆଶା ଓ ଅଭିଳାଷକୁ ପଛରେ ଛାଡ଼ିଦେଇ ଏକ ନୂଆ ପୃଥିବୀକୁ ଚାଲିଯିବ ବୋଲି ଭାବୁଥିଲା । ସେ ଏପରି ଏକ ପରିବେଶ ଚାହୁଁଥିଲା ଯେଉଁଠାରେ ସେ ପ୍ରିୟ ପରିଜନ ବାନ୍ଧବୀମାନଙ୍କର ପ୍ରଶ୍ନବାଚୀ ଆଖିକୁ ଏଡ଼ାଇ ପୁଣି ନିଜ ଭିତରେ ନିମଜ୍ଜିତ ହୋଇଯିବ । ତେଣୁ ସେମାନେ ଯେତେବେଳେ ରାତ୍ରିର ତୃତୀୟ ପ୍ରହରରେ ସେମାନଙ୍କର ଅନ୍ଧକାରଛନ୍ନ ନିଦ୍ରିତ ଷ୍ଟେସନରେ ଓହ୍ଲାଇଲେ, ସାବିତ୍ରୀ ବେଶ୍ ଖୁସି ହେଲା । ଅଳ୍ପ ପାଖରେ ଥିବା ଏକାକୀ ଘରଟି, ଯାହା ଶ୍ରୀନିବାସର କ୍ୱାର୍ଟର ଥିଲା, ତାହା ମଧ୍ୟ ସାବିତ୍ରୀକୁ ଭଲ ଲାଗିଲା ।

ପରଦିନ ସକାଳେ ଟ୍ରେନ ଯିବାର ଶବ୍ଦ ଶୁଣି ସାବିତ୍ରୀ ନିଦରୁ ଉଠିଲା । ଶ୍ରୀନିବାସ ସେତେବେଳକୁ ଷ୍ଟେସନକୁ ଯିବାକୁ ବାହାରିଥିଲା । ଶ୍ରୀନିବାସ ଚାଲିଯିବା ପରେ ସାବିତ୍ରୀ ଖାଲି ଘରର ସବୁ କୋଠରୀକୁ ଯାଇ ଘରଟି ସହିତ ପରିଚିତ ହେବାକୁ ଚେଷ୍ଟା କଲା । ପାଖ ଘରେ ଅନ୍ୟ ଜିନିଷପତ୍ର ସହିତ ଗୋଟିଏ କଣରେ ଦେବଦେବୀଙ୍କର ଚିତ୍ର ଓ ପୂଜାର ସାମଗ୍ରୀ ଥିଲା ଏବଂ ସେଠାରେ ଧୂପକାଠି ଜଳୁଥିଲା । ଶ୍ରୀନିବାସ ବ୍ୟବସ୍ଥିତ ଲୋକ ଥିଲା ଏବଂ ଘରର ସମସ୍ତ ଜିନିଷ ସ୍ୱଚ୍ଛନ୍ଦ ରୂପେ ରହିଥିଲା । ସାବିତ୍ରୀ ଶୋଇବା ଘରକୁ ଫେରିଆସି ଝରକା ଖୋଲି ବାହାରକୁ ଅନାଇଲା । ଏଇ ଝରକାରୁ ଏକ ବିସ୍ତୃତ ଖୋଲା ପଡ଼ିଆ ଦେଇ ଲମ୍ବି ଯାଇଥିବା ରେଲଲାଇନ ବ୍ୟତୀତ ଆଉ କିଛି ଦେଖାଯାଉ ନ ଥିଲା । ଆଉଜାଥିବା କବାଟକୁ ଖୋଲି ସାବିତ୍ରୀ ବାହାରକୁ ଆସିଲା । ଏଇ ଘରଟି ବ୍ୟତୀତ ପାଖରେ ଆଉ କିଛି ନ ଥିଲା, ରେଲବାଇର ଅନ୍ୟ ଘରସବୁ କିଛି ଦୂରରେ ଥିଲା । ସାବିତ୍ରୀ ଆକାଶ ଆଡ଼କୁ ଅନାଇଲା, କିନ୍ତୁ ତାର ଆଖି ତଳକୁ ଓହ୍ଲାଇ ପୁଣି ଖୋଲା ପଡ଼ିଆ ଉପରେ ରେଲଲାଇନ ଉପରେ ପଡ଼ିଲା । ସେ ତାର ପୁରୁଣା ପୃଥିବୀରୁ ଯେଉଁ ନିର୍ବାସନ ଚାହୁଁଥିଲା, ତା ବର୍ତ୍ତମାନ ସମ୍ପୂର୍ଣ୍ଣ ଥିଲା ।

ସାବିତ୍ରୀ ପଡ଼ୋଶୀମାନଙ୍କ ପ୍ରତି ନିସ୍ପୃହ ଥିଲା ଏବଂ ନିଜର ଘର ଚଳାଇବାରେ ମନଦେଲା । ରେଲବାଇର ଲୋକଟି ଆସି ଘରର ସବୁ କାମ କରିଦେଇ ଚାଲିଯାଉଥିଲା । ସେଥିପାଇଁ ସାବିତ୍ରୀକୁ ବିଶେଷ ଶ୍ରମ ଓ ସମୟ ଦେବାକୁ ପଡ଼ୁ ନ ଥିଲା । ଏଇ ଛୋଟ ଷ୍ଟେସନରେ ଟ୍ରେନସବୁ ଅତି ଅଦ୍ଭୁତ ସମୟମାନଙ୍କରେ ପହଞ୍ଚୁଥିଲା ଏବଂ ସେଥିପାଇଁ ଶ୍ରୀନିବାସର ଷ୍ଟେସନକୁ ଯିବା

Digitized by srujanika@gmail.com

ସମୟ ଅତ୍ୟନ୍ତ ବିଚିତ୍ର ଥିଲା । ଶ୍ରୀନିବାସ କେତେବେଳେ ନିଦରୁ ଉଠୁଥିଲା ସାବିତ୍ରୀ ଜାଣୁ ନ ଥିଲା । ଅତି ସକାଳୁ ଶ୍ରୀନିବାସ ପୂଜାପାଠ ସାରି ଦିନର ପ୍ରଥମ ଟ୍ରେନ୍ ସମୟକୁ ଷ୍ଟେସନକୁ ବାହାରି ଯାଉଥିଲା । ସେ ମଝିରେ ମଝିରେ ଘରକୁ ଆସୁଥିଲା ଏବଂ ତାର ଘଡିର ଶେଷ ଟ୍ରେନ-ଚାଲିଯିବା ପରେ ଅନେକ ଡେରିରେ ଘରକୁ ଫେରୁଥିଲା । ଶ୍ରୀନିବାସ ଧୈର୍ଯ୍ୟଶୀଳ ଓ ଶାନ୍ତ ପ୍ରକୃତିର ଥିଲା ଏବଂ ସାବିତ୍ରୀକୁ ଯେପରି କୌଣସି କଷ୍ଟ ନ ହୁଏ ସେଥିପ୍ରତି ଦୃଷ୍ଟି ଦେଉଥିଲା । ସେ ଦିଗରୁ ସାବିତ୍ରୀର ଅସନ୍ତୁଷ୍ଟ ହେବାର କୌଣସି କାରଣ ନ ଥିଲା ।

ଏଠାକୁ ଆସିବାର ପ୍ରଥମ କେତେଦିନ ସାବିତ୍ରୀ ତାର ବାପା ମା ଭାଇ ଭଉଣୀଙ୍କ ପାଖକୁ ଚିଠି ଲେଖିବାରେ କଟାଇଲା । ସମସ୍ତଙ୍କ ପାଖକୁ ଚିଠିରେ 'ଭଏ ଖୁବ୍ ଭଲଲେଜ' ବୋଲି ଲେଖିଲା, ଯଦିଓ ବର୍ତ୍ତମାନ ସେ ଭଲଲେକର ଅର୍ଥ କଣ ସେ ବିଷୟରେ କୌଣସି ନିର୍ଦ୍ଦିଷ୍ଟ ଧାରଣା କରିପାରୁ ନ ଥିଲା । କିଛିଦିନ ପରେ ଚିଠିର ଉତ୍ତରମାନ ଆସିଲା । ତାର ପରିବାରର ଲୋକମାନେ ଘରର ଛୋଟ ଛୋଟ ଖବର କଥା ଲେଖିଥିଲେ ଯାହା ବର୍ତ୍ତମାନ ସାବିତ୍ରୀର ଆଗ୍ରହର ବାହାରେ ଥିଲା । ତାର ବାନ୍ଧବୀମାନେ ତାର ସଂପୂର୍ଣ୍ଣ ବ୍ୟକ୍ତିଗତ ଜୀବନର ବିସ୍ତୃତ ବିବରଣୀମାନ ଜାଣିବାକୁ ଚାହିଁଥିଲେ ଯାହାର ଉତ୍ତର ଦେବାକୁ ସାବିତ୍ରୀ ଅସ୍ୱୀକାର କରିଦେଲା । ଅତି ଅଳ୍ପଦିନ ଭିତରେ ଚିଠିପତ୍ର ଆଦାନ ପ୍ରଦାନର ସ୍ରୋତ ମଧ୍ୟ ବନ୍ଦ ହୋଇଗଲା ଏବଂ ତାର ଘରୁ ଆସୁଥିବା ଛୋଟ ଚିଠିମାନ ବର୍ତ୍ତମାନ ତାର କୁଶଳ ଜିଜ୍ଞାସାରେ ସୀମିତ ଥିଲା ।

ଶ୍ରୀନିବାସ ସ୍ୱଳ୍ପଭାଷୀ ଥିଲା ଏବଂ ଯେତେ ସମୟ ଘରେ ରହୁଥିଲା ସାବିତ୍ରୀ ସହିତ ତାର କଥାବାର୍ତ୍ତା ଅତ୍ୟନ୍ତ ଆବଶ୍ୟକୀୟ ଜିନିଷ ବିଷୟରେ ସୀମିତ ଥିଲା । ଏପରିକି ରତିର ଘନିଷ୍ଠ ମୁହୂର୍ତ୍ତମାନଙ୍କରେ ମଧ୍ୟ ସମୟ ସବୁ ନୀରବତାରେ କଟୁଥିଲା । ସାବିତ୍ରୀର ଅଧିକାଂଶ ରତିର ଅନୁଭୂତି ନୈରାଶ୍ୟ-ଜନକ ଥିଲା ଏବଂ ସାବିତ୍ରୀ ଯଦିଓ ଜାଣିଥିଲା ଯେ ଶ୍ରୀନିବାସ ସହିତ କଥବାର୍ତ୍ତା କରି ସେ ତାର ଏଇ ନୈରାଶ୍ୟକୁ ଦୂର କରି ପାରିବ, ଶ୍ରୀନିବାସ ପକ୍ଷରୁ ଏ ଦିଗରେ କୌଣସି ଉଦ୍ୟମ ନ ଦେଖି ଚୁପ୍ ରହିବାକୁ ଉଚିତ ମନେକରୁଥିଲା । ଫଳରେ ଅତି ଅଳ୍ପଦିନ ମଧ୍ୟରେ ହିଁ ସାବିତ୍ରୀ ନିଜର ଯୌନ ଜୀବନ ପ୍ରତି ନିସ୍ପୃହ ହୋଇଗଲା ଏବଂ ଶ୍ରୀନିବାସର ଆଗ୍ରହକୁ ବାରଣ କରିବାରେ ଲାଗିଲା । ଶ୍ରୀନିବାସ ସାବିତ୍ରୀ ପ୍ରତି ସମସ୍ତ ବିଷୟରେ ସହାନୁଭୂତିଶୀଳ ଥିଲା ଏବଂ ସାବିତ୍ରୀର ନିଷେଧକୁ ସମ୍ମାନ ଦେଇ ନିଜକୁ ସାବିତ୍ରୀ ସହିତ ଘନିଷ୍ଠତାରୁ

Digitized by srujanika@gmail.com

ନିବୃତ୍ତ ରଖିଲା । ଫଳରେ ସେମାନଙ୍କ ଭିତରେ ଆଉ କୌଣସି ଦୈହିକ ସମ୍ପର୍କ ରହିଲା ନାହିଁ ।

ସାବିତ୍ରୀ ବିଶେଷ ଧାର୍ମିକ ନ ଥିଲା, କିନ୍ତୁ ଏଥରକ ସେ ଦେବଦେବୀଙ୍କର ଫଟୋ ପାଖରେ କିଛି କିଛି ସମୟ କଟାଇବାରେ ଲାଗିଲା । ଶ୍ରୀନିବାସ ପ୍ରତିଦିନ ସକାଳ କାମରୁ ଫେରିବା ବେଳେ ଯେଉଁ ଖବରକାଗଜ ଆଣୁଥିଲା ସାବିତ୍ରୀ ତାକୁ ତନ୍ନ ତନ୍ନ କରି ପଢ଼ୁଥିଲା । ଏଇ ପଢ଼ିବା ସହିତ ବର୍ତ୍ତମାନ ସାବିତ୍ରୀ ଫଟୋ ପାଖରେ ରଖାଯାଇଥିବା ଧର୍ମ ପୁସ୍ତକମାନ ମଧ୍ୟ ପଢ଼ିବାକୁ ଆରମ୍ଭ କଲା । ଶ୍ରୀନିବାସର ଷ୍ଟେସନକୁ ଆସିବା ଯିବା ଭଳି ସାବିତ୍ରୀ ମଧ୍ୟ ତାର ଜୀବନର ଏକ ରୁଟିନ କରି ନେଇଥିଲା । ସେ ପ୍ରତିଟି ଟ୍ରେନର ସମୟ ସହିତ ପରିଚିତ ଥିଲା ଏବଂ ଦୂରରୁ ଟ୍ରେନ ଆସିବାର ଶବ୍ଦ ଶୁଣିଲେ ଯେକୌଣସି କାମରୁ ଉଠି ଆସି ଝରକା ପାଖରେ ଠିଆହୋଇ ଖୋଲା ପଡ଼ିଆ ଉପରେ ଟ୍ରେନକୁ ଏ ପାଖରୁ ସେପାଖକୁ ଚାଲିଯିବାର ଦେଖୁଥିଲା ଏବଂ ପରବର୍ତ୍ତୀ ଟ୍ରେନ କେତେବେଳେ ଯିବ ସେ କଥା ଭାବୁଥିଲା ।

ଟ୍ରେନସବୁ ତା ଘର ସାମନାରେ ଯିବାବେଳେ ଷ୍ଟେସନରେ ପହଞ୍ଚିବା ପୂର୍ବରୁ ଧୀର ଗତିରେ ଯାଉଥିଲେ ଏବଂ ସନ୍ଧ୍ୟାବେଳର ପାସେଞ୍ଜର ଟ୍ରେନ ଯିବାବେଳେ ସାବିତ୍ରୀ ଅତି ମନୋଯୋଗିତାର ସହିତ ଗାଡ଼ିର କବାଟ ପାଖରେ ଠିଆ ହୋଇଥିବା ଲୋକ ଏବଂ ଝରକା ପାଖର ମୁହଁମାନଙ୍କୁ ଦେଖୁଥିଲା । ଏଇ ସମୟରେ ସାବିତ୍ରୀ ନିଜକୁ ସଜାଇବାରେ ଆଗ୍ରହ ରଖୁଥିଲା । ଯତ୍ନର ସହିତ ମୁଣ୍ଡବାଳକୁ ବାନ୍ଧି ସେ ସିନ୍ଦୂର ଟିପା ଲଗାଉଥିଲା ଓ ତାର ସବୁଠାରୁ ଭଲ ଶାଢ଼ୀ ପିନ୍ଧି ସନ୍ଧ୍ୟାର ଟ୍ରେନକୁ ଅପେକ୍ଷା କରୁଥିଲା । ପ୍ରତିଟି ଟ୍ରେନକୁ ସେ ଏକ ଗଭୀର ବିସ୍ମୟର ସହିତ ଦେଖୁଥିଲା ଯେପରିକି ପ୍ରତିଟି ଟ୍ରେନ ତା ପାଇଁ ଏକ ନୂଆ ଅଭିଜ୍ଞତା ଥିଲା ।

ବର୍ଷାଦିନର ଟ୍ରେନ ସବୁ ଆହୁରି ରହସ୍ୟରେ ଜଡ଼ିତ ହୋଇ ଯିବା ଆସିବା ଆରମ୍ଭ କଲେ । ସେମାନଙ୍କର ଏକୁଟିଆ ଘର ଉପରେ ବର୍ଷା ବର୍ଷିଯିବା ପରେ ଘର ଚାରିପାଖେ ପାଣିର ସୁଅ ବହି ଯାଉଥିଲା ଏବଂ ବର୍ଷାର ପର୍ଦ୍ଦା ଭିତର ଦେଇ ଧୀର ମନ୍ଥର ଗତିରେ ଛୁକ୍ ଛୁକ୍ ଆବାଜ କରି ପାସେଞ୍ଜର ଟ୍ରେନ ସାବିତ୍ରୀର ଆଖିରୁ ଅପସରି ଯାଉଥିଲା । ଟ୍ରେନରେ ବସିଥିବା ଲୋକମାନେ ଖୁବ୍ ଝାପ୍‌ସା ଝାପ୍‌ସା ଦେଖା ଯାଉଥିଲେ । କିନ୍ତୁ ସାବିତ୍ରୀ ପାଇଁ ସେମାନେ ଆହୁରି ଅଧିକ ସୁନ୍ଦର ଓ ରହସ୍ୟମୟ ଥିଲେ ।

Digitized by srujanika@gmail.com

ସାବିତ୍ରୀର ଖାଇବା ପିଇବା ଉପରେ ଶ୍ରୀନିବାସ ପକ୍ଷରୁ କୌଣସି ପ୍ରତିବନ୍ଧକ ନ ଥିଲା ଏବଂ ସେ ଇଚ୍ଛା ହେଲେ ମାଛ ମାଂସ ଖାଉଥିଲା । ଦିନେ ବର୍ଷା ସମୟରେ ସେମାନଙ୍କ ପାଖରେ କାମ କରୁଥିବା ଲୋକଟି ବଜାରରୁ ମାଛ ନେଇ ଆସିଲା, ଯେଉଁଥିରେ ଗୋଟିଏ ଛୋଟ ଜିଅନ୍ତା ମାଛ ଛଟପଟ କରୁଥିଲା । ସାବିତ୍ରୀ କଣ ଭାବି ମାଛଟିକୁ ଅତି ଯତ୍ନ ସହକାରେ ହାତରେ ଉଠାଇଲା ଏବଂ ତାକୁ ନେଇ ଘର ବାହାରେ ବହି ଯାଉଥିବା ପାଣିର ସ୍ରୋତରେ ଭସାଇଦେଲା । ସେ ବାକିତକ ମାଛ ଲୋକଟିକୁ ଫେରାଇଦେଲା ଏବଂ ସେଇ ଦିନଠାରୁ ନିରାମିଷାଶୀ ହୋଇଗଲା ।

ବିବାହର ବର୍ଷକ ପରେ ସାବିତ୍ରୀ କିଛିଦିନ ପାଇଁ ନିଜ ଘରକୁ ଗଲା । ଯଦିଓ ସେଠାରେ ତାର ବାପା ମା ଭାଇ ଭଉଣୀ ସମସ୍ତେ ତାକୁ ଆଦରରେ ବ୍ୟତିବ୍ୟସ୍ତ କରିଦେଲେ, ସାବିତ୍ରୀ ତାର ପୁରୁଣା ପରିବେଶ ସହିତ ଆଉ ନିଜକୁ ମିଶାଇ ଦେଇପାରିଲା ନାହିଁ । ସେ ଜାଣିଥିଲା ଯେ ଏଇ ବିରତି ଅତି କ୍ଷଣିକ ଥିଲା ଏବଂ ତାକୁ ନିଜର ସ୍ଥାୟୀ ଜୀବନକୁ ଫେରିଯିବାକୁ ପଡ଼ିବ । ତେଣୁ ସେ ବାପଘରେ ନିଜର ରହିବାକୁ ଆହୁରି ସଂକ୍ଷିପ୍ତ କରିଦେଲା ଏବଂ ଅଳ୍ପ କେତୋଟି ଦିନ ପରେ ହିଁ ପୁଣି ଶ୍ରୀନିବାସ ପାଖକୁ ଫେରିଆସିଲା ।

ଯଦିଓ ତାର ସ୍ୱାସ୍ଥ୍ୟ ଭଲ ଥିଲା, ସକାଳୁ ଉଠିଲେ ହିଁ ସାବିତ୍ରୀ ବର୍ତ୍ତମାନ ଏକ ଅଦ୍‌ଭୁତ ଦୁର୍ବଳତା ଅନୁଭବ କରୁଥିଲା ଏବଂ କୌଣସି କାମ କରିବାକୁ ଇଚ୍ଛୁକ ହେଉ ନ ଥିଲା । ଦିନସାରା ଏକ ଅବସନ୍ନତା ତାକୁ ଆଚ୍ଛନ୍ନ କରି ରଖୁଥିଲା । ଏପରିକି ଉପରବେଳା ଟ୍ରେନ ସମୟ ବେଳେ ମୁଣ୍ଡ ବାନ୍ଧି ଭଲ ଶାଢ଼ୀ ପିନ୍ଧିବା ତାକୁ ଏକ କଷ୍ଟକର କାମ ମନେହେଲା ଏବଂ ସେ ରଙ୍ଗିନ ଶାଢ଼ୀ ପିନ୍ଧିବା ଛାଡ଼ିଦେଇ କେବଳ ସାଦା ଶାଢ଼ୀ ପିନ୍ଧିଲା । ତାର ଏଇ ପରିବର୍ତ୍ତନ ଦେଖି ଶ୍ରୀନିବାସ ଦିନେ ତାକୁ ସେଠାରୁ ବଦଳି ପାଇଁ ଦରଖାସ୍ତ କରିବ କି ବୋଲି ପଚାରିଲା, କିନ୍ତୁ ସାବିତ୍ରୀ ମନା କରିଦେଲା ।

ଶୀତଦିନେ ଦିନ ସବୁ ଶୀଘ୍ର ଶୀଘ୍ର ସରିବାରେ ଲାଗିଲା ଏବଂ ପ୍ୟାସେଞ୍ଜର ଟ୍ରେନ ଦିନ ଥାଉ ଥାଉ ଆସି ପହଞ୍ଚିଲା । ଏଇ ଦିନମାନଙ୍କରେ ରାତିରେ ଶ୍ରୀନିବାସର ଫେରିବାକୁ ଅପେକ୍ଷା କରିବା ସାବିତ୍ରୀକୁ ଅତ୍ୟନ୍ତ ଦୀର୍ଘ ସମୟ ମନେହେଲା । ସମୟ ଯେପରି ଅପେକ୍ଷା କରି କରି ସରୁ ନ ଥିଲା । ସାବିତ୍ରୀ ଶ୍ରୀନିବାସକୁ କହିଲା, "ମତେ କୋର୍ସବହି ଆଣିଦିଅ, ମୁଁ ପରୀକ୍ଷା ଦେବି ।" ଅଳ୍ପଦିନ ଭିତରେ ହିଁ ଶ୍ରୀନିବାସ ବହିସବୁ ମଗାଇଦେଲା ଏବଂ

Digitized by srujanika@gmail.com

କିଛିଦିନ ମନୋଯୋଗ ସହକାରେ ସାବିତ୍ରୀ ସେସବୁ ପଢ଼ିବାରେ ଲାଗିଲା । ଏଇ ପଢ଼ିବା ଭିତରେ କିନ୍ତୁ ସେ ଟ୍ରେନର ଆସିବା ଶବ୍ଦକୁ ଅପେକ୍ଷା କରି ରହୁଥିଲା ଏବଂ ଦୂରରୁ ଟ୍ରେନ ଆସୁଥିବାର ଶୁଣିଲେ ପାଠପଢ଼ା ଛାଡ଼ି ଝରକା ପାଖରେ ଆସି ଛିଡ଼ା ହେଉଥିଲା । ଟ୍ରେନ ଚାଲିଯିବା ପରେ ସେ ପୁଣି ବହି ପାଖକୁ ଆସୁଥିଲା; କିନ୍ତୁ ତାର ମନ ଆଉ ପାଠପଢ଼ାରେ ଲାଗୁ ନ ଥିଲା । ସେ ବହିସବୁ ଆଡ଼େଇ ରଖିଦେଇ ବିଛଣା ଉପରେ ଶୋଇଯାଉଥିଲା ।

ଏଇ ସମୟମାନଙ୍କରେ ରେଡ଼ିଓ ହିଁ ତାର ଏକମାତ୍ର ବନ୍ଧୁ ଥିଲା । ଅଧିକାଂଶ ସମୟ ଶୋଇ ରହି ସେ ରେଡ଼ିଓରୁ ଗୀତ ଶୁଣୁଥିଲା । କିନ୍ତୁ ଅନେକ ସମୟରେ ଏପରି ହେଉଥିଲା ଯେ ସେ ରେଡ଼ିଓରୁ ଆସୁଥିବା ଗୀତକୁ ନ ଶୁଣି ନିଜର ଚିନ୍ତାରେ ହିଁ ମଗ୍ନ ରହୁଥିଲା । କେବେ କେବେ କୌଣସି ପୁରୁଣା ଗୀତର ଧାଡ଼ି ଶୁଣି ତାର ପଛକଥା ମନେପଡ଼ି ଯାଉଥିଲା, କିନ୍ତୁ ବାହାରେ ଯାଉଥିବା ଟ୍ରେନର ଶବ୍ଦ ପୁଣି ସବୁକିଛି ବୁଡ଼ାଇ ଦେଉଥିଲା । ଏଇପରି ଦିନେ ବସି ପାଠ ପଢ଼ୁଥିବା ବେଳେ ରେଡ଼ିଓରେ ଏକ ଅତି ପରିଚିତ ଗୀତ ବାଜିଲା ଯାହା ତାର ପ୍ରିୟ ଗାୟକର ପ୍ରସିଦ୍ଧ ରୋମାଞ୍ଚପୂର୍ଣ୍ଣ ଗୀତ ଥିଲା ଏବଂ ଯାହା ତାର ବାହାଘର ଦିନ ଲାଉଡ଼୍‌ସ୍ପିକରରେ ବାରମ୍ବାର ବାଜି ତାକୁ ବ୍ୟତିବ୍ୟସ୍ତ କରି ଦେଇଥିଲା । ଗୀତଟି ଶୁଣୁଶୁଣୁ ସେ ଯାଇ ରେଡ଼ିଓ ପାଖରେ ଠିଆହେଲା. କିନ୍ତୁ ଏଇ ସମୟରେ ବାହାରେ ଟ୍ରେନର ଶବ୍ଦ ଶୁଣି ସେ ଝରକା ପାଖକୁ ଆସି ବାହାରେ ଟ୍ରେନକୁ ଯିବାର ଅନାଇଲା । ଟ୍ରେନ ଚାଲିଯିବା ପରେ ସେ ପୁଣି ରେଡ଼ିଓ ପାଖକୁ ଫେରିଲା; କିନ୍ତୁ ସେତେବେଳକୁ ସେ ଗୀତଟି ସରିଯାଇଥିଲା । ସାବିତ୍ରୀ ପଢ଼ାବହି ସବୁକୁ ଅଲଗା ରଖିଦେଲା, ନିଜର ରଙ୍ଗିନ ଶାଢ଼ୀ ବଦଳାଇ ସାଦା ଶାଢ଼ୀ ପିନ୍ଧିଲା ଏବଂ ସେଦିନ ଶ୍ରୀନିବାସ ଘରକୁ ଫେରିବା ପରେ ତାକୁ କହିଲା ଯେ ସେ ଆଉ ପାଠ ପଢ଼ିବ ନାହିଁ । ବରଂ ଶ୍ରୀନିବାସ ଯଦି ତା ପାଇଁ କେଉଁଠାରୁ ଗଳ୍ପ ଉପନ୍ୟାସ ମଗାଇଦିଏ ତାକୁ ପଢ଼ିବ ।

ଶ୍ରୀନିବାସ ସାବିତ୍ରୀକୁ ସୁଖୀ ରଖିବା ପାଇଁ ପ୍ରଯତ୍ନଶୀଳ ଥିଲା ଏବଂ ଅଳ୍ପ କେତେ ଦିନ ଭିତରେ ହିଁ ଦିନେ ସନ୍ଧ୍ୟାବେଳେ ପନ୍ଦର ଷୋଳ ବର୍ଷର ଗୋଟିଏ ପିଲା ବହି ଭର୍ତ୍ତି ଦୁଇଟି ବ୍ୟାଗ ଧରି ତାଙ୍କ ଘରେ ପହଞ୍ଚିଲା । ସେତେବେଳକୁ ଟ୍ରେନ ଚାଲିଯାଇଥିଲା ଏବଂ ଝରକା ପାଖରୁ ଫେରି ସାବିତ୍ରୀ ଅନ୍ୟମନସ୍କ ଭାବରେ ବସି ଚା ପିଉଥିଲା । ସାବିତ୍ରୀର ସେ ଦିନ ମନ ଭଲ ନ ଥିଲା, ତେଣୁ ସେ ପିଲାଟି ସହିତ କିଛି କଥାବାର୍ତ୍ତା ନ କରି ତା ପାଖରୁ ଉପର

Digitized by srujanika@gmail.com

ବହିଟି ଉଠାଇ ନେଲା । ପିଲାଟି ଦୁଇଦିନ ପରେ ଆସି ବହିଟି ଫେରାଇ ନେଇ ନୂଆ ବହି ଦେଇଯିବ ବୋଲି କହି ବାହାରି ଗଲା । ବହିଟିକୁ ହାତରେ ନେଇ ସାବିତ୍ରୀ କିଛିକ୍ଷଣ ବାହାରକୁ ଅନାଇ ରହିଲା । ପିଲାଟି ଯେତେବେଳେ ଷ୍ଟେସନ ରାସ୍ତାରେ ଅଦୃଶ୍ୟ ହୋଇଗଲା ସାବିତ୍ରୀ ଆଲୁଅ ଜଳାଇ ବହିଟିକୁ ଦେଖିଲା । ଏଇଟି ଗୋଟିଏ ଶସ୍ତା ରୋମାଞ୍ଚକାରୀ ଉପନ୍ୟାସ ଥିଲା ଯାହା ଯାତ୍ରୀମାନଙ୍କୁ ସାମୟିକ ସାହଚର୍ଯ୍ୟ ଯୋଗାଇବା ପାଇଁ ଉଦ୍ଦିଷ୍ଟ ଥିଲା, କିନ୍ତୁ କେତେ ପୃଷ୍ଠା ପଢ଼ିବା ପରେ ସାବିତ୍ରୀ ନିଜକୁ ଏଇ ଉପନ୍ୟାସର ଘଟଣାମାନଙ୍କ ଭିତରେ ହଜାଇ ଦେଲା ଏବଂ ଚରିତ୍ରମାନଙ୍କର ସୁଖଦୁଃଖରେ ନିଜକୁ ଅଂଶୀଦାର ମନେକଲା । ବିଛଣା ଉପରେ ଶୋଇ ସେ ସେଇଦିନ ରାତିରେ ବହିଟିକୁ ପୂରା ପଢ଼ିନେଲା ।

ଦୁଇଦିନ ପରେ ସାବିତ୍ରୀ ଝରକା ପାଖରେ ରେଲଲାଇନ ଆଡ଼କୁ ଅନାଇ ଛିଡ଼ା ହୋଇଛି, ପିଲାଟି ହାତରେ ଦୁଇଟି ବ୍ୟାଗ ଧରି ଧୀରେ ଧୀରେ ଚାଲୁଥିବା ଟ୍ରେନରୁ ଠିକ୍ ତା ଘର ସାମନାରେ ଓହ୍ଲାଇଲା ଏବଂ ତା ଘର ଆଡ଼କୁ ଆସିଲା । ଏଥରକ ସାବିତ୍ରୀ ପିଲାଟିକୁ ଭଲ ଭାବରେ ଦେଖିଲା, ତା'କୁ ଚଳନ୍ତା ଟ୍ରେନ୍‌ରୁ ଓହ୍ଲାଉଥିବାରୁ ସାମାନ୍ୟ ତାଗିଦ କଲା ଏବଂ ଚା ପିଇବାକୁ ଦେଲା । ପିଲାଟିର ନାଁ ବାବୁ ଥିଲା, ସେ ସକାଳ ବେଳା ସ୍କୁଲରେ ପାଠ ପଢୁଥିଲା ଏବଂ ସନ୍ଧ୍ୟା ବେଳେ ଟ୍ରେନ୍‌ରେ ବହି ବିକ୍ରି କରୁଥିଲା । ସାବିତ୍ରୀ ତାର ପୁରୁଣା ବହିଟି ଫେରାଇ ଦେଲା ଏବଂ ତା ପାଖରୁ ମଲାଟରେ ଯୁବକ ଯୁବତୀ ପରସ୍ପରକୁ ଚୁମ୍ବନ କରୁଥିବାର ଚିତ୍ର ଥିବା ବହିଟିଏ ରଖିଲା । ସେ ପିଲାଟିକୁ ଦୁଇ ଦିନ ପରେ ନ ଆସି ପର ଦିନ ଆସିବା ପାଇଁ କହିଲା । ପିଲାଟି ଯେତେବେଳେ 'ହଁ, ମା' ବୋଲି କହିଲା, ସାବିତ୍ରୀ କହିଲା, "ନା, ମତେ ତୁ ଅପା ବୋଲି ଡାକିବୁ ।"

ସେଦିନ ପିଲାଟି ତାର ନିର୍ଦ୍ଦିଷ୍ଟ ସମୟର ଅନେକ ଆଗରୁ ଆସି ପହଞ୍ଚିଲା । ତାର ସ୍କୁଲ ଛୁଟି ଥିଲା ଏବଂ ସେ ଗୋଟିଏ ଆଗ ଟ୍ରେନ୍‌ରେ ଆସିଥିଲା । ସାବିତ୍ରୀ ସେତେବେଳକୁ ବସି ମୁଣ୍ଡ କୁଣ୍ଡାଉଥିଲା । ପିଲାଟି ସାବିତ୍ରୀ ବାଳ ବାନ୍ଧିବା ପର୍ଯ୍ୟନ୍ତ ଚୁପ୍ ଚାପ୍ ତା ଆଡ଼କୁ ଏକାଗ୍ରରେ ଅନାଇ ବସି ରହିଥିଲା । ବାଳ ବାନ୍ଧି ସାରି ତା ଆଡ଼କୁ ଚାହିଁ ସାବିତ୍ରୀ ସାମାନ୍ୟ ହସିଲା, କହିଲା, ଆ ତୋର ବାଳ କୁଣ୍ଡାଇଦେବି । ଅତନ୍ତ୍ୟ ଅନୁଗତ ଭଳି ବାବୁ ଆସି ତା ସାମନାରେ ବସିଲା ଏବଂ ସାବିତ୍ରୀ ଅତି ଯତ୍ନରେ ତାର ବାଳକୁ କୁଣ୍ଡାଇଦେଲା । ସେ ଦିନ ତାର ବ୍ୟାଗରୁ ବହି ଦେଖୁ ଦେଖୁ ସାବିତ୍ରୀ ବାବୁକୁ ପଚାରିଲା, "ତୁ ଏ ସବୁ ବହି ପଢ଼ିଛୁ ?" ପିଲାଟିର ମୁହଁ ଲଜ୍ଜାରେ ସାମାନ୍ୟ ଆରକ୍ତ ହୋଇଗଲା ଏବଂ ସେ

Digitized by srujanika@gmail.com

ମୁହଁ ତଳକୁ କରି ହଁ କହିଲା । ସାବିତ୍ରୀ କୃତ୍ରିମ କ୍ରୋଧର ସହିତ ତାକୁ କହିଲା, "ତୋର ଏଇ ବୟସରୁ ଏ ସବୁ ପଢ଼ିବା କିଛି ଦରକାର ନାହିଁ । ପାଠ ବହି ପଢ଼ ।" ପିଲାଟି ପୁଣି 'ହଁ' ବୋଲି କହିଲା, କିନ୍ତୁ ଆଉ ସାବିତ୍ରୀ ଆଡ଼କୁ ନ ଅନାଇ ବ୍ୟାଗରେ ବହି ସବୁ ରଖି ବାହାରିଗଲା ।

ଆଉ ଦିନେ ସାବିତ୍ରୀ ବାବୁକୁ କହିଲା, "ତୁ ତୋର ପାଠ ବହି ନେଇ ଆସିବୁ, ମୁଁ ତତେ ପଢ଼ାଇଦେବି ।" ବାବୁ ପରଦିନ ତାର ବହି ନେଇ ଆସିଲା ଏବଂ ସାବିତ୍ରୀ ଅନେକ ସମୟ ଧରି ତାକୁ ପାଠ ବୁଝାଇବାରେ ଲାଗିଲା । ଏଇପରି ଭାବରେ ବାବୁ କ୍ରମଶଃ ସାବିତ୍ରୀର ଅନ୍ତରଙ୍ଗ ହୋଇଗଲା ଏବଂ ସାବିତ୍ରୀ ବାବୁର ଆସିବାକୁ ଅପେକ୍ଷା କରିବାରେ ଲାଗିଲା । ସେ ବର୍ତ୍ତମାନ ବାବୁ ସହିତ ଅନେକ ସମୟ କଥାବାର୍ତ୍ତା କରିବାରେ କଟାଇ ଦେଉଥିଲା । ଅନେକ ସମୟରେ ଇଚ୍ଛା ନ ହେଲେ ସେ ବାବୁ ପାଖରୁ କୌଣସି ବହି ନେଉ ନ ଥିଲା । ସତ କହିବାକୁ ଗଲେ ସେଇ ଗପ ବହିମାନଙ୍କର ଗତାନୁଗତିକ ଚରିତ୍ର ଓ ଆଗରୁ ଜାଣି ହେଉଥିବା ଘଟଣାର ଧାରା ଆଉ ସାବିତ୍ରୀକୁ ପଢ଼ିବାକୁ ଭଲ ଲାଗୁ ନ ଥିଲା । ମଝିରେ ମଝିରେ ସେ ବାବୁକୁ କପଟ ବିରକ୍ତିରେ କହୁଥିଲା, ତତେ ଆଉ କିଛି ଭଲ ବହି ମିଳୁ ନାହିଁ ? କିମ୍ବା ଗୋଟାଏ ବହି ଉଠାଇ ତାକୁ ପଚାରୁ-ଥିଲା, "ତୁ ଏ ବହି ପଢ଼ିଚୁ ? ତା ହେଲେ କହ ଟା ସ୍ତ୍ରୀକୁ ଛାଡ଼ି ସେ କାହିଁକି ଆଉ ଜଣେ ଝିଅ ସହିତ ପଳାଇଗଲା ।" ଏଇ ସମୟମାନଙ୍କରେ ବାବୁ ମୁହଁ ତଳକୁ କରି ଚୁପ୍ ରହୁଥିଲା ଏବଂ ସାବିତ୍ରୀ କେବେ କେବେ ତା ଗାଲକୁ ଚିପିଁ ଦେଇ କହୁଥିଲା, "ମୋର କେହି ଛୋଟ ଭାଇ ନାହାନ୍ତି, ବୁଝିଲୁ ?"

ସେଦିନ ସାବିତ୍ରୀ ବାବୁକୁ କହିଲା, "ଏ ଟ୍ରେନ୍ ଲାଇନ ଆର ପାଖେ କଣ ଅଛି ଦେଖିଚୁ ? ଚାଲ, ଆଜି ଦେଖିବାକୁ ଯିବା ।" ସେ ବାହାରି ଆସୁଥିଲା, କଣ ମନେକରି କହିଲା, ମୁଁ ଶାଢ଼ୀଟା ବଦଳାଇ ନିଏ । ସେ ବାକ୍ସ ଖୋଲି ଅନେକ ଦିନ ପରେ ତାର ରଙ୍ଗିନ ଶାଢ଼ୀ ସବୁ ବାହାର କଲା ଓ କହିଲା, "ତୁ ସେ ପଟକୁ ମୁହଁ କରି ବସ; ମୁଁ ଶାଢ଼ୀ ବଦଳାଇ ନିଏ ।" ବାବୁ ତଳକୁ ମୁହଁ କରି ବସି ରହିଲା ଏବଂ ସାବିତ୍ରୀ ଅନେକ ସମୟ ଧରି ଗୋଟିଏ ପରେ ଗୋଟିଏ ଶାଢ଼ୀ ପିନ୍ଧି ଶେଷକୁ ଗୋଟିଏ ଶାଢ଼ୀ ପସନ୍ଦ କଲା । ଅନେକ ଦିନ ପରେ ସାବିତ୍ରୀ ବାବୁ ସହିତ ବାହାରକୁ ଆସିଲା ଏବଂ ସେମାନେ ଚାଲି ଚାଲି ରେଲ ଲାଇନ ପାଖକୁ ଗଲେ । ରେଲ ଲାଇନ ଉପରେ ଠିଆ ହୋଇ ସାବିତ୍ରୀ ଆରପାଖକୁ ଅନାଇଲା । ସେ ପାଖରେ ରେଲବାଇର କେତୋଟି ଘର ଥିଲା ଏବଂ ଏ ମାଖ ଭଳି ଏକ ବିସ୍ତୃତ ପଡ଼ିଆ । ଅନେକ ସମୟ ଧରି ସାବିତ୍ରୀ

Digitized by srujanika@gmail.com

ଦୂରକୁ ଲମ୍ବି ଯାଇଥିବା ଖୋଲା ପଡ଼ିଆ ଆଡ଼କୁ ଅନାଇଲା, ପୁଣି ତାର ଆଖି ଆସି ରେଳ ଲାଇନ ଉପରେ ପଡିଲା । ଶେଷରେ ଏକ ଦୀର୍ଘ ନିଃଶ୍ୱାସ ପକାଇ ସାବିତ୍ରୀ ଘରକୁ ଫେରିଲା । ବାବୁ ଖେଳିଯିବାକୁ ବାହାରିଥିଲା, ସାବିତ୍ରୀ କହିଲା, "ମୁଁ ଶାଢ଼ୀ ବଦଳାଇ ନିଏ, ତତେ ଗ୍ଳ' କରି ଦେବି; ତୁ ପିଇସାରି ଯିବୁ ।"

ବାବୁ ନିୟମିତ ଆସୁଥିଲା ଏବଂ ଯଦିଓ ସେ ଖୁବ୍ କମ୍ କଥା କହୁଥିଲା, ସାବିତ୍ରୀ ନିଜେ ଅନେକ କଥା କହି ତା ସହିତ ବେଶ୍ କିଛି ସମୟ କଟାଇ ଦେଉଥିଲା । ଯେଉଁଦିନ ବାବୁ ତାର ଦେହ ଭଲନାହିଁ ବୋଲି କହିଲା, ସାବିତ୍ରୀ ତାକୁ ଜୋର କରି ବିଛଣାରେ ଶୁଆଇଦେଲା, ତାର ମୁଣ୍ଡକୁ ଚିପିଦେଲା ଏବଂ ଗ୍ଳ' ସହିତ ଔଷଧ ଖାଇବାକୁ ଦେଲା । ଆଉ ଦିନେ ହଠାତ୍ ସାବିତ୍ରୀ ବାବୁକୁ ଠିଆ ହେବାକୁ କହିଲା ଏବଂ ତାକୁ ଅନେକ ସମୟ ଉପରୁ ତଳକୁ ଦେଖି କହିଲା, "ତୁ ଏଇ ଭିତରେ ବହୁତ ଲମ୍ବା ହୋଇଗଲୁଣି । ଚାଲ, କାନ୍ଥରେ ତୋର ଉଚ୍ଚତା ଚିହ୍ନ ଦେଇ ରଖିବା ।" କାନ୍ଥ ପାଖରେ ବାବୁକୁ ଠିଆ କରାଇ ସେ ତାର ମୁଣ୍ଡ ପାଖରେ ପେନ୍‌ସିଲରେ ଦାଗ ଦେଲା ଏବଂ ସେଦିନର ତାରିଖ ଲେଖି ରଖିଲା । କହିଲା, "ବର୍ଷେ ପରେ ଏଇ ତାରିଖକୁ ଦେଖିବା କେତେ ବଡ଼ ହୋଇଥିବୁ ।" ଦିନେ ଯୋଉଦିନ ବାବୁ ଆସିଲା ନାହିଁ, ସାବିତ୍ରୀ ବଡ଼ ଅନ୍ୟମନସ୍କ ରହିଲା । ପରଦିନ ବାବୁ ଆସିବାରୁ ସେ ତାର ବହିସବୁକୁ ଖୋଲାଇ ଦେଖିଲା ଏବଂ ସେ କହିଥିବା ବହିଟି ନ ଆଣିଥିବାରୁ ବାବୁକୁ ଅନେକ ଗାଳି-ଦେଲା; କିନ୍ତୁ ବାବୁର ଆଖି ଯେତେବେଳେ ଲୁହରେ ଜଳ ଜଳ ହୋଇଆସିଲା, ସାବିତ୍ରୀ ତାକୁ କୁଣାଇ ଧରି ଅନେକ କାନ୍ଦିଲା ଏବଂ କହିଲା, "ତୁ ମୋ ଛୋଟ ଭାଇ ।"

ଆଜିକାଲି ସାବିତ୍ରୀର ମିଜାଜ ଭଲ ରହୁ ନ ଥିଲା । ସେ ମଝିରେ ମଝିରେ ଛୋଟ ଛୋଟ କଥାରେ ବିରକ୍ତ ହେଉଥିଲା ଏବଂ ଅଧିକାଂଶ ସମୟ ବିଛଣାରେ ଶୋଇ ରହୁଥିଲା । ଯଦିଓ ସେ ନିୟମିତ ପୂଜାପାଠ କରୁଥିଲା, ସେଥିରେ ମଧ୍ୟ ଯେପରି ତାର ଆଉ ମନ ନ ଥିଲା । ସନ୍ଧ୍ୟାବେଳେ କିନ୍ତୁ ଟ୍ରେନ ଆସିବା ବେଳେ ସେ ନିଶ୍ଚୟ ଉଠି ବସୁଥିଲା ଏବଂ ବାବୁର ଆସିବାକୁ ଅପେକ୍ଷା କରୁଥିଲା । ଏ ତାର ପ୍ରତିଦିନର ଏକ ଅଭ୍ୟାସ ଭଳି ହୋଇଯାଇ-ଥିଲା । ଦିନେ ତାକୁ ବିଛଣାରେ ଶୋଇ ରହିଥିବାର ଦେଖି ଶ୍ରୀନିବାସ ପୁଣି ଥରେ ସେଠାରୁ ବଦଳି ପାଇଁ ଚେଷ୍ଟା କରିବ କି ବୋଲି ପଚାରିଲା, କିନ୍ତୁ ସାବିତ୍ରୀ ପୁଣି ମନା କରିଦେଲା । ଶ୍ରୀନିବାସର ଗୋଟିଏ ଦିନ ପାଇଁ ପାଖ ଜଙ୍କ୍‌ସନ୍‌କୁ କାମରେ ଯିବାର ଥିଲା । ସେ ପରଦିନ ସକାଳେ ଯାଇ ରାତିରେ ଫେରି ଆସିଲେ

Digitized by srujanika@gmail.com

ସାବିତ୍ରୀର କିଛି ଅସୁବିଧା ହେବ କି ବୋଲି ପଗ୍ଭରିଲା ଏବଂ ସାବିତ୍ରୀ କହିଲା, ନା ତାର କୌଣସି ଅସୁବିଧା ନାହିଁ । ସେଦିନ ସନ୍ଧ୍ୟାରେ ବାବୁ ଆସିବାରୁ ସାବିତ୍ରୀ ତାକୁ ଚୁପ୍‌ଚୁପ୍ କରି କହିଲା, "ତୁ କାଲି ସକାଳୁ ଗ୍ଭଲି ଆସିବୁ, ଏଇଠି ଖାଇବୁ । ଇଏ ଘରେ ନ ଥିବେ; ଆମେ ବହୁତ ଦୂରକୁ ବୁଲିଯିବା ।"

ତା ପରଦିନ ସକାଳୁ ଶ୍ରୀନିବାସ ତାର କାମରେ ଗ୍ଭଲିଗଲା ଏବଂ କହିଗଲା ଯେ ସେ ରାତିରେ ଡେରିରେ ଫେରିବ । ସାବିତ୍ରୀ ସକାଳୁ ଗାଧୋଇ ସାରି ଭଲ ଶାଢ଼ୀ ପିନ୍ଧିଲା ଏବଂ ସକାଳର ପ୍ରଥମ ଟ୍ରେନରେ ବାବୁର ଅପେକ୍ଷା କଲା । ଟ୍ରେନ ଗ୍ଭଲିଯିବାର ଅନେକ ସମୟ ପର୍ଯ୍ୟନ୍ତ ସାବିତ୍ରୀ ଝରକା ଦେଇ ବାହାରକୁ ଗ୍ଭହିଁ ରହିଲା, କିନ୍ତୁ ବାବୁ ଆସିଲା ନାହିଁ । ଏଇପରି ଭାବରେ ସାବିତ୍ରୀ ସାରା ଦିନ ଝରକା ପାଖରେ ଠିଆ ହୋଇ ପ୍ରତିଟି ଟ୍ରେନକୁ ଦେଖି-ବାରେ ଲାଗିଲା, କିନ୍ତୁ ସନ୍ଧ୍ୟାର ଟ୍ରେନରେ ମଧ୍ୟ ବାବୁ ଆସିଲା ନାହିଁ । ଦିନ ଶେଷରେ ସାବିତ୍ରୀ ତାର ଭଲ ଶାଢ଼ୀ ଖୋଲି ରଖିଦେଲା ଏବଂ ନ ଖାଇ ନ ପିଇ ବିଛଣାରେ ଶୋଇଗଲା । ଶ୍ରୀନିବାସ ଯେତେବେଳେ ଅନେକ ରାତିରେ ଫେରିଲା, ସେତେବେଳେ ବି ସାବିତ୍ରୀ ତାକୁ କିଛି ନ କହି ଶୋଇ ରହିଲା ।

ତା ପରଦିନ ବି ଝରକା ପାଖରେ ଠିଆ ହୋଇ ସାବିତ୍ରୀ ବାବୁର ଅପେକ୍ଷା କଲା, କିନ୍ତୁ ବାବୁ ଆସିଲା ନାହିଁ । ଦ୍ୱିତୀୟ ଦିନ ସାବିତ୍ରୀକୁ କେମିତି ମନେହେଲା ଯେ ବାବୁ ଆଉ ଆସିବ ନାହିଁ । ତାର ସେଦିନ ଦେହ ଭଲ ନ ଥିଲା, ତେଣୁ ସେ ସକାଳୁ ଆଉ ବିଛଣାରୁ ଉଠିଲା ନାହିଁ । ଷ୍ଟେସନକୁ ଯିବା ଆଗରୁ ଶ୍ରୀନିବାସ ତାକୁ ଦେହ କଣ ହୋଇଛି ଏବଂ ସେ ଔଷଧ ଆଣି ଦେବ କି ବୋଲି ପଗ୍ଭରିଲା । କିନ୍ତୁ ସାବିତ୍ରୀ କହିଲା, "ନା, ଦେହ ମନକୁ ଠିକ୍ ହୋଇଯିବ ।" ଶ୍ରୀନିବାସ ଯେତେବେଳେ ଘରୁ ବାହାରିବା ପାଇଁ କବାଟ ଖୋଲିଲା, ସାବିତ୍ରୀ କହିଲା, "ଗଲାବେଳେ ଝରକାଟା ବନ୍ଦକରି ଦେଇଯିବ ।"

———

Digitized by srujanika@gmail.com

୪. ଅନସୂୟା

ଯେଉଁଦିନ ସୁଧୀର ନ ଖାଇ ଅଫିସ ବାହାରିଗଲା, ଅନସୂୟାର ଶାଶୂ ଓ ଶଶୁର ଏହି ନିଷ୍କର୍ଷରେ ପହଞ୍ଚିଲେ ଯେ ଅନସୂୟାର ଆଉ ବଞ୍ଚିବାର ଅଧିକାର ନାହିଁ । ଚା' ପିଉ ପିଉ ସେମାନେ ଅନସୂୟାର ହତ୍ୟାର ଯୋଜନା ତିଆରି କଲେ । ସେମାନଙ୍କ ଭିତରେ ମତଭେଦ କେବଳ ଏଥିଯୋଗୁଁ ହେଉଥିଲା ଯେ ଶାଶୂ ବିଷର ପକ୍ଷପାତୀ ଥିଲା; କିନ୍ତୁ ଶଶୁର କିରେସିନି ଦେଇ ପୋଡ଼ି ଦେବାକୁ ଅଧିକ ନିରାପଦ ମନେ କରୁଥିଲା । ଏଇ ଯୋଜନାରେ ନିଜର ଝିଅକୁ ସାମିଲ କରିବେ କି ନାହିଁ, ସେ ବିଷୟରେ ମଧ୍ୟ ସେମାନେ ଏକମତ ହୋଇପାରୁ ନ ଥିଲେ ।

ଶଶୁର, ଯେ କି ଅବସରପ୍ରାପ୍ତ ଛୋଟ ସରକାରୀ ଚାକିରିଆ ଥିଲା, ବର୍ତ୍ତମାନ ସଂପୂର୍ଣ୍ଣ ଫୁର୍ତ୍ତିର ଜୀବନ ବିତାଉଥିଲା ଏବଂ ଅଧିକ ଅର୍ଥ ଉପାର୍ଜନର ବିଭିନ୍ନ ଉପାୟ କଥା ଭାବୁଥିଲା । ସାରା ଜୀବନ ଅଫିସର ନିୟମାବଳୀ ଭିତରେ କଟିଥିବାରୁ ଏ ବିଷୟରେ ତା'ର ଜ୍ଞାନ ଅତ୍ୟନ୍ତ ସୀମିତ ଥିଲା ଏବଂ ସେ ନିଜର ସମ୍ବନ୍ଧୀଙ୍କ ବ୍ୟତୀତ ଅର୍ଥଲାଭର ଅନ୍ୟ କୌଣସି ଆଧାର ଖୋଜି ପାଉ ନ ଥିଲା । ସେ ଚାକିରି ଜୀବନରେ ବିଶେଷ ସଚ୍ଚୋଟ ଥିଲା ଏବଂ ଉତ୍କୋଚରେ ବିଶ୍ୱାସ କରୁ ନ ଥିଲା । କିନ୍ତୁ ସୁଧୀରର ବିବାହ ସମୟରେ ସେ ଅନସୂୟାର ବାପାଙ୍କୁ ବିଭିନ୍ନ ଭାବରେ ଶୋଷଣ କରିବାକୁ କୁଣ୍ଠିତ ହୋଇ ନ ଥିଲା ।

ଅନସୂୟା ଯଦିଓ ଚାକିରି କରୁଥିଲା ଏବଂ ଘର ଚଳାଇବାରେ ବାପାକୁ ସାହାଯ୍ୟ କରୁଥିଲା, ତା'ର ବୟସ ବଢ଼ି ଯାଉଥିବାରୁ ତାକୁ କିପରି ଶୀଘ୍ର ବାହା କରାଇ ଘରୁ ବାହାର କରିଦେବ, ତା'ର ବାପା ସେ ବିଷୟରେ ସବୁବେଳେ ଚିନ୍ତିତ ରହୁଥିଲା । ତା' ବ୍ୟତୀତ, ଅନସୂୟା ପାଖକୁ ତା' ଅଫିସର ଯେଉଁ ଅନ୍ୟ ଜାତିର ପିଲାଟି ମଝିରେ ମଝିରେ ଆସୁଥିଲା, ସେକଥା ମଧ୍ୟ ତା' ବାପାର ପସନ୍ଦ ନ ଥିଲା । ଏଇପରି ଭାବରେ ବର ଖୋଜିବାର ଅନେକ ଦୁର୍ଗମ ପର୍ବମାନଙ୍କ ଭିତର ଦେଇ ଅନସୂୟାର ବାପା ସୁଧୀରର ବାପା ପାଖରେ ପହଞ୍ଚିଥିଲା । ସେମାନଙ୍କର ପ୍ରଥମ ଆଲୋଚନା ଅତ୍ୟନ୍ତ ସନ୍ତୋଷଜନକ ଥିଲା, କିନ୍ତୁ ପ୍ରତ୍ୟେକଟି ପରବର୍ତ୍ତୀ ସାକ୍ଷାତ୍‌କାରରେ ସୁଧୀରର ବାପା ଏକ ନୂଆ ଦାବି

Digitized by srujanika@gmail.com

ଉପସ୍ଥାପିତ କରୁଥିଲା । ଏକଥା ଅନସୂୟାର ବାପାର ଆର୍ଥିକ ସାମର୍ଥ୍ୟର ଏକ କ୍ରମାଗତ ପରୀକ୍ଷା ଥିଲା ଏବଂ ଶେଷରେ ଯେଉଁଦିନ ଗୋଟିଏ ସ୍କୁଟର ବିଷୟ ଉଠିଲା, ଅନସୂୟାର ବାପା ଜାଣିଲା ଯେ ସେ ହାରିଯାଇଛି ।

ସେ ନିଜର ବଡ଼ପୁଅ କଥା ମନେପକାଇଲା, ଯେ କି ବ୍ୟବସାୟ କରୁଥିଲା ଏବଂ ବାହାସାହା ହୋଇ ସହରଟା ଅନ୍ୟ ଜାଗାରେ ରହୁଥିଲା । ଅନେକ ଦ୍ୱିଧା ପରେ ସେ ଯାଇ ତାକୁ ବର ପକ୍ଷର ଏଇ ଅଯୌକ୍ତିକ ଦାବି ବିଷୟରେ କହିଲା । ସେ ଭାବିଥିଲା ଯେ ପୁଅ ନିଜେ ସାହାଯ୍ୟ ଯାଚିବ ଏବଂ ଭଉଣୀର ବିବାହ କିପରି ସୁରୁଖୁରୁରେ ହୋଇପାରିବ ସେ ବିଷୟରେ ସହାୟକ ହେବ । ପୁଅ କିନ୍ତୁ ସବୁ ଶୁଣିସାରି ଯୌତୁକ ପ୍ରଥା ବିରୁଦ୍ଧରେ ଏକ ଅଗ୍ନିଗର୍ଭ ଭାଷଣ ଦେଲା ଏବଂ ଝିଅ ପଛେ ଅବିବାହିତ ରହୁ; କିନ୍ତୁ ଏଭଳି ଦାବିକୁ ସ୍ୱୀକାର କରିବା ସଂପୂର୍ଣ୍ଣ ଅନୁଚିତ ବୋଲି ମତ ଦେଲା ।

ହତୋତ୍ସାହ ହୋଇ ଘରକୁ ଫେରୁ ଫେରୁ ଅନସୂୟାର ବାପା ଏଇ ବିବାହ ପ୍ରସ୍ତାବକୁ ଭୁଲିଯାଇ ଅନ୍ୟତ୍ର ଚେଷ୍ଟା କରିବା କଥା ଭାବିଲା । କିନ୍ତୁ ଦୁର୍ଭାଗ୍ୟକୁ ସେ ଠିକ୍ ଘରେ ପହଞ୍ଚିବା ବେଳକୁ ଘର ଭିତରୁ ଅନସୂୟାର ସେଇ ସାଙ୍ଗଟି ବାହାରି ଆସୁଥିଲା । ଘର ଭିତରକୁ ଯାଇ ଘରର ଅନେକ ଆର୍ଥିକ ଦାୟିତ୍ୱ ସମ୍ଭାଳୁଥିବା ଝିଅକୁ ଗାଳି ଦେବାର ଅବକାଶ ନ ଥିବାରୁ ଅନସୂୟାର ବାପା ପୁଣି ଝିଅର ବାହାଘର କଥା ଭାବିଲା ଏବଂ ସେଇ ମୁହୂର୍ତ୍ତରେ ସିଧା ସୁଧୀର ଘରକୁ ଗଲା । ସେ ସୁଧୀରର ବାପାକୁ ସିଧାସଳଖ ସ୍କୁଟର ଦେବ ବୋଲି ନ କହି ଅନିଶ୍ଚିତ ଭାବରେ କହିଲା, "ମୋ ପୁଅ ଏତେ ବଡ଼ ବ୍ୟବସାୟ କରୁଛି, ମୁଁ କ'ଣ ଗୋଟାଏ ସାମାନ୍ୟ ସ୍କୁଟର ଦେଇପାରିବି ନାହିଁ ?"

ବାସ୍, ଏଇ କଥା ପରେ ବାହାଘର ଠିକ୍ ହୋଇଗଲା । ମେଳ ଖାଉ ନ ଥିବା ଜାତକ ହଠାତ୍ ମେଳ ଖାଇଗଲା ଏବଂ ଅଳ୍ପଦିନ ଭିତରେ ହିଁ ତିଥି ମିଳିଗଲା । ଅନସୂୟାର ପାସ୍ ବହିରୁ ଟଙ୍କା ବାହାର କରି ବାହାଘରର ଜିନିଷ-ମାନ କିଣାଗଲା । ବାହାଘର ଦିନ ସର୍ବସାଧାରଣଙ୍କ ଗୋଚର ପାଇଁ ଯୌତୁକର ଜିନିଷ ସଜା ହୋଇ ରଖାଗଲା; ଯାହାକୁ ନିମନ୍ତ୍ରିତ ଅତିଥିମାନେ ଆସି ତଦାରଖ କରି ନିଜ ନିଜର ମନ୍ତବ୍ୟମାନ ବ୍ୟକ୍ତ କଲେ । ଏତେ ଶୀଘ୍ର ସ୍କୁଟର ମିଳିପାରିବ ନାହିଁ, ଏଇ ଆଳରେ ଅନସୂୟାର ବାପା ଯୌତୁକର ଜିନିଷମାନଙ୍କ ଭିତରେ ସ୍କୁଟର ଦେଲା ନାହିଁ; କିନ୍ତୁ ଗୋଟିଏ କାଗଜରେ ସ୍କୁଟର ଏବଂ ତା'ର ଦାମ୍ ଲେଖା ହୋଇ ଷ୍ଟେନଲେସ୍ ଷ୍ଟୀଲ ବାସନ ଏବଂ ଅଳଙ୍କାର ଡବା ମଝିରେ ଏକ

Digitized by srujanika@gmail.com

ବିଶେଷ ସ୍ଥାନରେ ରଖାଗଲା । ଅନସୂୟାର ବାପା ମଧ୍ୟ ନିଜର ପୁଅ ଭଳି ଯୌତୁକ ପ୍ରଥାର ସମ୍ପୂର୍ଣ୍ଣ ବିରୋଧୀ ଥିଲା ଏବଂ ବିବାହ ପରେ ସ୍କୁଟର ଦେବାର କୌଣସି ଉଦ୍ଦେଶ୍ୟ ତା'ର ମନରେ ନ ଥିଲା । ଗୋଟିଏ କାଗଜ ଟୁକୁରାରେ ବରପକ୍ଷକୁ ପ୍ରତାରିତ କରିପାରିଥିବାରୁ ସେ ମନେ ମନେ ଖୁସି ହେଉଥିଲା ଏବଂ ଏଇ କାଗଜଟି ବର୍ତ୍ତମାନ ବରପକ୍ଷର ସନ୍ତୋଷ ତଥା ଅତିଥିମାନଙ୍କର ଆମୋଦର କାରଣ ହୋଇଥିଲା ।

ଅନସୂୟା ଏତେ ସହଜରେ ବାହା ହେବା ପାଇଁ ରାଜି ହୋଇଯିବ ତା'ର ବାପା ଏକଥା ବିଶ୍ୱାସ କରି ନ ଥିଲା । ସେ ଏକଥା ମଧ୍ୟ ଆଶଙ୍କା କରୁଥିଲା ଯେ ଅନସୂୟାର ସେଇ ସାଙ୍ଗଟି ଆସି ବାହାଘରବେଳେ କୌଣସି ବ୍ୟାଘାତ ଘଟାଇବ, କିନ୍ତୁ ଅନସୂୟା ବୁଦ୍ଧିମତୀ ଥିଲା ଏବଂ ନିଜର ଭଲମନ୍ଦ ଠିକ୍ ଭାବରେ ବୁଝୁଥିଲା । ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେ ଯେ ଏଇ ଘରର ଏକ ଅଦରକାରୀ ଜିନିଷ ହୋଇଯାଇଛି, ସେ ଏକଥା ଠିକ୍ ଜାଣିଥିଲା । ଏଇ ଘରେ ତା'ର ଅବସ୍ଥିତି ତା'ର ବାପା ମା'ଙ୍କ ଉପରେ ଏକ ବୋଝଭଳି ଥିଲା ଏବଂ ଘରୁ ଚାଲି ଯାଇ ସେ ସେମାନଙ୍କୁ ନିଷ୍କୃତି ଦେବାକୁ ଚାହୁଁଥିଲା । ଅନସୂୟା ଏକଥା ମଧ୍ୟ ଜାଣିଥିଲା ଯେ ତା'ର ସାଙ୍ଗ, ଯେ କି ତାକୁ ଥାକ ଥାକ ପ୍ରେମପତ୍ର ଲେଖୁଥିଲା ଏବଂ କଥାବାର୍ତ୍ତାରେ ରୋମିଓ ଜୁଲିଏଟ ପ୍ରଭୃତିଙ୍କ ଅମର ପ୍ରେମର ଉଦାହରଣ ଦେଉଥିଲା, ବାସ୍ତବରେ ସେ ଏକ ଦୁର୍ବଳ, ଭୀରୁ ଓ ଚଞ୍ଚଳମତି ଯୁବକ ଥିଲା । ଏତେଦିନର ପରିଚୟ ଏବଂ ଘନିଷ୍ଠତା ପରେ ବି ସେ ଅନସୂୟାକୁ କେବେହେଲେ ବିବାହ କଥା କହି ନ ଥିଲା । ବରଂ ଅନସୂୟା ଯେତେବେଳେ ତାକୁ ତା'ର ବିବାହ ଠିକ୍ ହେବାକୁ ଯାଉଥିବା କଥା କହିଲା, ସେ ବେଶ୍ ଆଶ୍ୱସ୍ତ ଜଣାପଡୁଥିଲା ।

ବିବାହ ଠିକ୍ ହୋଇଯିବା ପରେ ଅନସୂୟା ଅଫିସରୁ ଛୁଟି ନେଲା, ପ୍ରେମପତ୍ର ସବୁକୁ ଜାଳିଦେଲା ଏବଂ ତା'ର ଯୁବକ ବନ୍ଧୁକୁ ସାକ୍ଷାତ କରିବାକୁ ମନା କରିଦେଲା । ସୁଧୀର ଯେତେବେଳେ ତାକୁ ଦେଖିବା ପାଇଁ ଆସିଲା, ନିତାନ୍ତ ଅନୁଗତ ଭଳି ଅନସୂୟା ନିଜକୁ ସଜାଇ ତାକୁ ଚା' ପିଇବାକୁ ଦେଲା ଏବଂ ମୁଣ୍ଡରେ ଓଢ଼ଣା ଟାଣି ସୁଧୀରର ବାପା ମା'ଙ୍କର ବିଭିନ୍ନ ଅପ୍ରାସଙ୍ଗିକ ପ୍ରଶ୍ନର ଅତି ବିନୟର ସହିତ ଉତ୍ତର ଦେଲା । ସୁଧୀରର ଚେହେରା ଓ ବ୍ୟକ୍ତିତ୍ୱ ବିଷୟରେ ତା'ର କୌଣସି କୌତୂହଳ ବି ନ ଥିଲା, କାରଣ ନିଜର ବଢ଼ି ଯାଉଥିବା ବୟସ ଭଳି ବିବାହର ଏଇ ଘଟଣାକୁ ସେ ସମ୍ପୂର୍ଣ୍ଣ ସ୍ୱୀକାର କରିନେଇଥିଲା । ବିବାହର ବିଭିନ୍ନ ସାମାଜିକ ପର୍ବକୁ ମଧ୍ୟ ଅନସୂୟା ସ୍ୱଚ୍ଛନ୍ଦ ଭାବରେ

Digitized by srujanika@gmail.com

ନିର୍ବାହ କରିନେଲା ଏବଂ ବିବାହ ପରେ ସୁଧୀରର ଘରକୁ ଯାଇ ତା'ର ପରିବାରକୁ ଆତ୍ମୀୟ କରିବାର ଚେଷ୍ଟା କଲା ।

ବିବାହ ପରର ପ୍ରଥମ କିଛିଦିନ ବେଶ୍ ଭଲରେ କଟିଲା । ଶାଶୁ, ଶ୍ୱଶୁର ଅନସୂୟା ପ୍ରତି ସ୍ନେହଶୀଳ ଜଣାଯାଉଥିଲେ ଏବଂ ସୁଧୀରର ଭଉଣୀ ଯେ କି କଲେଜରେ ପଢ଼ା ଆରମ୍ଭ କରିଥିଲା, ଅନସୂୟାକୁ ନିଜର ବାନ୍ଧବୀ କରିବା ପାଇଁ ଚେଷ୍ଟା କରୁଥିଲା । ଅନସୂୟା ବିନା ଦ୍ୱିଧାରେ ନିଜ ସ୍ୱାମୀର ବ୍ୟକ୍ତିତ୍ୱ, ବ୍ୟବହାର, ଆର୍ଥିକ ଅବସ୍ଥା, ପାରିବାରିକ ସ୍ଥିତି ସବୁକୁ ଗ୍ରହଣ କରିନେଲା । ଏପରିକି ସୁଧୀର ସହିତ ତା'ର ଦୈହିକ ସମ୍ପର୍କକୁ ମଧ୍ୟ ସେ ଏକ କର୍ତ୍ତବ୍ୟନିଷ୍ଠ ସ୍ତ୍ରୀ ଭଳି ଉତ୍ତେଜନା ବିହୀନ ଭାବରେ ସ୍ୱୀକାର କରିନେଲା । ସେ ଅଫିସରୁ ଲମ୍ବା ଛୁଟି ନେଇଥିଲା, ତେଣୁ ଘରକଥା ବୁଝିବା ପାଇଁ ତା ହାତରେ ପର୍ଯ୍ୟାପ୍ତ ସମୟ ଥିଲା । ଅଳ୍ପ କେତୋଟି ଦିନ ଭିତରେ ସେ ଏଇ ନିମ୍ନ ମଧ୍ୟବିତ୍ତ ପରିବାରଟିର ସମସ୍ତ ସାଂସାରିକ ଦାୟିତ୍ୱ ହାତକୁ ନେଇନେଲା । ଅନସୂୟାର ବିଶ୍ୱାସ ଥିଲା ଯେ ସେ ତା'ର ଦାୟିତ୍ୱକୁ ସୁସ୍ୱଚ୍ଛ ରୂପେ ନିର୍ବାହ କରିପାରିବ ।

ଛୁଟି ପରେ ଯେତେବେଳେ ସୁଧୀର ଅଫିସକୁ ଯିବାକୁ ଆରମ୍ଭକଲା ଏବଂ ନଣନ୍ଦର କଲେଜ ଖୋଲିଲା, ଅନସୂୟା ନିଜର ଦାୟିତ୍ୱର ଦୁର୍ବହତା ବିଷୟରେ ସଚେତନ ହେଲା । ଅନସୂୟାର ଶାଶୁ, ଯେ କି ଏପର୍ଯ୍ୟନ୍ତ ଘରର ସମସ୍ତ ଦାୟିତ୍ୱ ଏକା ସମ୍ଭାଳୁଥିଲା, ନିଜକୁ ହଠାତ୍ ପୂର୍ଣ୍ଣ ଅବସର ଦେଇଦେଲା ଏବଂ ଅନସୂୟାର କାମକୁ ତଦାରଖ କରିବାରେ ନିଜକୁ ନିୟୋଜିତ କଲା । ଅନସୂୟାର ପ୍ରତ୍ୟେକ କାମରେ ସେ ବର୍ତ୍ତମାନ ତ୍ରୁଟି ଦେଖିବାକୁ ଆରମ୍ଭ କଲା ଏବଂ କ୍ରମେ କ୍ରମେ ସେ ବିଷୟରେ ଅନସୂୟାକୁ ଭର୍ତ୍ସନା କରିବାକୁ ମଧ୍ୟ କୁଣ୍ଠିତ ହେଲାନାହିଁ । ଅନସୂୟାର ସହନ ଶକ୍ତି କିନ୍ତୁ ଅସୀମ ଥିଲା ଏବଂ ସେ ଏଇ ଅଶିକ୍ଷିତା ନୀଚମନା କଳହପରାୟଣା ସ୍ତ୍ରୀ ଲୋକର ସମସ୍ତ ଉଦ୍‌ଗାର ଚୁପ୍‌ଚାପ୍ ସହିନେଲା । ଏପରିକି ଏ ବିଷୟରେ ନିଜର ସ୍ୱାମୀ ଆଗରେ ଅଭିଯୋଗ କରିବାକୁ ମଧ୍ୟ ସେ ଉଚିତ ମନେକଲା ନାହିଁ ।

ଆହୁରି ଅଧିକ ସମସ୍ୟା ଉପୁଜିଲା ଯେତେବେଳେ ଅନସୂୟାର ଛୁଟି ସରିଲା ଏବଂ ତାକୁ ଅଫିସ ଯିବାକୁ ପଡ଼ିଲା । ସେ ଆଶା କରୁଥିଲା ଯେ ତା'ର ଶାଶୁ ଘର କାମରେ ତାକୁ ଅନ୍ତତଃ ସାମାନ୍ୟ ସାହାଯ୍ୟ କରିବ; କିନ୍ତୁ ଶାଶୁ ବର୍ତ୍ତମାନ ହଠାତ୍ ସମ୍ପୂର୍ଣ୍ଣ ଧାର୍ମିକ ହୋଇଯାଇଥିଲା ଏବଂ ସମସ୍ତ ସକାଳ ପୂଜା କରିବାରେ କଟାଇ ଦେଉଥିଲା । ପୂଜା କରୁ କରୁ ସେ ଅନସୂୟାର କାମ

Digitized by srujanika@gmail.com

ଉପରେ ଆଖି ରଖୁଥିଲା ଏବଂ ଅନସୂୟା ଠିକ୍ ଅଫିସକୁ ବାହାରିବା ବେଳକୁ ତା'ର ହଠାତ୍ ଚା ପିଇବାକୁ ଇଚ୍ଛା ହେଉଥିଲା, ସେ ଅତି ନରମ ସ୍ୱରରେ ଚା ମାଗୁଥିଲେ । ଅନସୂୟା ହାତଘଡ଼ିକୁ ଦେଖୁଥିଲେ. କେନ୍ତେହେଲେ ନିଜକୁ କ୍ରୋଧିତ ହେବାକୁ ଦେବନାହିଁ ବୋଲି ନିର୍ଣ୍ଣୟ ନେଉଥିଲା ଏବଂ ଶେଷେଇ ଘରକୁ ଚା କରିବାକୁ ଯାଉଥିଲା । ଶାଶୁ ହାତକୁ ଚା କପ ବଢ଼ାଇ ଦେଲାବେଳେ ଅନସୂୟା ଏକଥା ମଧ୍ୟ ଜାଣୁଥିଲା ଯେ ଶାଶୁ ତା'ର ଅସୁବିଧା ଓ ଅସ୍ୱସ୍ତି ଦେଖି ମନେ ମନେ ଖୁସି ହେଉଥିଲା । ବସ୍ ଫେଲ ହୋଇ ଅନସୂୟାକୁ ରିକ୍ସା କରି ଅଫିସ ଯିବାକୁ ହେଉଥିଲା, ସେ ଅଫିସରେ ଡେରିରେ ପହଞ୍ଚି ଅସୁବିଧାରେ ପଡୁଥିଲା, କିନ୍ତୁ ଜୋର କରି ସେ ନିଜକୁ ଶାନ୍ତ ରଖୁଥିଲା ।

ବିବାହ ପରେ ପରେ ଅନସୂୟାର ବାପା ତାକୁ ଦେଖିବାକୁ ମଝିରେ ମଝିରେ ଆସୁଥିଲା । ଏକା ସହରରେ ରହୁଥିବାରୁ ଅନସୂୟା ଭାବିଥିଲା ଯେ ତା'ର ନିଜ ପରିବାର ସହିତ ଘନିଷ୍ଠ ସମ୍ପର୍କ ରହିବ; କିନ୍ତୁ ତା'ର ବାପା ଏଠାକୁ ଆସିଲେ ତା ସହିତ ପଦେ ଦି'ପଦ କଥା କହି ତା'ର ଶ୍ୱଶୁର ସହିତ କଥା ବାର୍ତ୍ତାରେ ବ୍ୟସ୍ତ ରହୁଥିଲା । ଏପରିକି ସେ କେତେବେଳେ ବାହାରି ଯାଉଥିଲା, ସେ କଥା ଅନସୂୟା ଜାଣିପାରୁ ନ ଥିଲା । ଅନସୂୟାର ଭାଇ କେବଳ ଥରେ ମାତ୍ର ଦି'ମିନିଟ ପାଇଁ ତାକୁ ଦେଖିବାକୁ ଆସିଥିଲା । ସୁଧୀରର ଘର ଛୋଟ ଗଳି ଭିତରେ ଥିଲା ଏବଂ ବେଶ ଦୂରରେ ଗାଡ଼ିରଖି ଭିତରକୁ ଚାଲି ଚାଲି ଆସିବାକୁ ପଡୁଥିଲା ଏବଂ ସେଥିପାଇଁ ତା'ର ଭାଇର ଧୈର୍ଯ୍ୟ ନ ଥିଲା । ତାକୁ ଥରେ ମାତ୍ର କେମିତି ଅଛୁ ବୋଲି ପଚାରି ତା'ର ଶ୍ୱଶୁରଙ୍କୁ ନମସ୍କାର କରି ସେ ତା'ର କର୍ତ୍ତବ୍ୟ ସମାପନ କରିନେଲା ଏବଂ ପୁଣି ଥରେ ଆସିବାକୁ ଆବଶ୍ୟକ ମନେକଲା ନାହିଁ । ଦିନେ ଅନସୂୟାର ବାପା ସେଠାକୁ ଆସିଥିବା ବେଳେ କୌଣସି କାରଣରୁ ଶାଶୁ ଗାଳି ଦେଉଥିଲା । ବାହାରେ ଥାଇ ବାପା ଏକଥା ଶୁଣିଲା ଏବଂ ଏଇ ଅବସ୍ଥାରେ ଘର ଭିତରକୁ ଆସିବା ଅନଧିକାର ଚର୍ଚ୍ଚା ହେବ ବୋଲି ଭାବି ଚାଲିଗଲା । ଅନସୂୟା ଲକ୍ଷ୍ୟ କଲା ଯେ ଏଇ ଘଟଣା ପରେ ତା'ର ବାପାର ସେଠାକୁ ଆସିବା ଅନେକ କମିଗଲା ।

ନିଜର ସୁବିଧା ଅସୁବିଧା ବିଷୟରେ ସୁଧୀର ପ୍ରତି ଅନସୂୟାର କୌଣସି ଅଭିଯୋଗ ନ ଥିଲା । ସୁଧୀର ମଧ୍ୟ ତା' ଭଳି ଅନ୍ୟ ଗୋଟିଏ ଅଫିସରେ ଛୋଟ ଚାକିରି କରୁଥିଲା । ସେ ନିଜର ଆର୍ଥିକ ଦାୟିତ୍ୱ ପ୍ରତି ବିଶେଷ ସଚେତନ ଥିଲା ଏବଂ ବାପା, ମା ଓ ଭଉଣୀ କିପରି ଭଲରେ ରହିବେ ସେଥିପାଇଁ ଯତ୍ନବାନ ଥିଲା । ଅନସୂୟାର ଦରମା ତାଙ୍କର ସ୍ୱଚ୍ଛଳତାରେ ବିଶେଷ ସହାୟକ

Digitized by srujanika@gmail.com

ହୋଇଥିଲା ଯେଉଁଥିପାଇଁ ସୁଧୀର ପ୍ରଥମେ ପ୍ରଥମେ କୃତଜ୍ଞ ଥିଲା ଏବଂ ଅନସୂୟାକୁ ସାମାନ୍ୟ ସମ୍ମାନର ଦୃଷ୍ଟିରେ ଦେଖୁଥିଲା; କିନ୍ତୁ ସେ ଅତି ବିନୀତ ଏବଂ ଶିଷ୍ଟ ପ୍ରକୃତିର ଥିଲା ଏବଂ ବାପା ମା'ଙ୍କର ଆଜ୍ଞାବହ ଥିଲା । ଘରେ କୌଣସି ଗୋଳମାଳ ହେଲେ ସେ ସେଥିରେ ମୁଣ୍ଡ ନ ଖେଳାଇ ଚୁପ୍‌ଚାପ୍ ଘରୁ ବାହାରି ଯାଉଥିଲା ଏବଂ ଡେରିରେ ଘରକୁ ଫେରୁଥିଲା । ଅନସୂୟା ଓ ତା'ର ଶାଶୁ ମଧ୍ୟରେ ବର୍ତ୍ତମାନ ଦେଖା ଦେଇଥିବା ମନୋମାଳିନ୍ୟ ବିଷୟରେ ସେ ସଚେତନ ଥିଲା ଏବଂ ଯଦିଓ ସେ ଜାଣୁଥିଲା ଯେ ଏଥିରେ ଅନସୂୟାର କୌଣସି ଦୋଷ ନ ଥିଲା, ସେ ଏ କଥାରୁ ନିଜକୁ ଦୂରରେ ରଖୁଥିଲା ।

ଅନସୂୟାର ବାପା ସେତେବେଳକୁ ସ୍କୁଟର କଥା ଭୁଲି ଯାଇଥିଲା; କିନ୍ତୁ ତା'ର ଶଶୁର ଠିକ୍ କେଉଁ ସମୟରେ ଏଇ ବିଷୟଟି ଉତ୍ଥାପନ କରିବ ସେ ବିଷୟ ଠିକ୍ କରିପାରୁ ନ ଥିଲା । ଦିନେ ଅନସୂୟା ଶାଶୁକୁ ଅସମୟରେ ଚା' ଦେଇ ବସ୍ ଫେଲ ହୋଇ ଘର ବାହାରେ ବ୍ୟସ୍ତ ହୋଇ ରିକ୍‌ସା ଖୋଜୁଥିବା ବେଳେ ଶଶୁର କହିଲା, ଏଥର ସ୍କୁଟରର ବ୍ୟବସ୍ଥା କର, ଅଫିସ ଗଲାବେଳେ ସୁଧୀର ଅଫିସରେ ପହଞ୍ଚାଇଦେବ । ସୁଧୀରର ଅଫିସ' ସହରର ଭିନ୍ନ ଦିଗରେ ଥିଲା ଏବଂ କର୍ତ୍ତବ୍ୟପରାୟଣ ହୋଇଥିବାରୁ ସେ ଅନେକ ସକାଳୁ ଅଫିସ ବାହାରି ଯାଉଥିଲା । ସ୍କୁଟରରେ ସୁଧୀର ତାଙ୍କୁ ନେଇ ଅଫିସରେ ପହଞ୍ଚାଇବାର କୌଣସି ସମ୍ଭାବନା ନ ଥିଲା, ତଥାପି ଶଶୁରର କଥା ଶୁଣି ଅନସୂୟା ଏକ ଅର୍ଥହୀନ 'ହଁ' କହିଲା ଓ ଚାଲିଯାଉଥିବା ରିକ୍‌ସାକୁ ଅଟକାଇଲା । ଶଶୁର କଥାକୁ ଏତିକିରେ ଛାଡ଼ି ନ ଦେଇ କହିଲା, "ତମର ବାପା ଅନେକ ଦିନ୍ ହେଲା ଆସି ନାହାନ୍ତି, ମୁଁ ତ ଆଉ ଆଜିକାଲି ଏତେବାଟ ଯାଇପାରୁ ନାହିଁ, ତାଙ୍କୁ ଆସିବାକୁ ଗୋଟାଏ ଚିଠି ଲେଖିଦେବ ।" ଅନସୂୟା ପୁଣି 'ହଁ' କହିଲା ଏବଂ ଅଫିସରେ ପହଞ୍ଚି ଆଜ୍ଞାବହ ଭଳି ଚିଠି ପଠାଇଦେଲା ।

ଚିଠି ପାଇ ବାପା ବୁଝିଲା ଯେ ଏଇଟି କେବଳ ଏକ ସୌଜନ୍ୟମୂଳକ ନିମନ୍ତ୍ରଣ ନ ଥିଲା ବରଂ ଏଇଟି ଥିଲା ସ୍କୁଟର ପାଇଁ ସ୍ମାରକୀ । ସେ ଏଥରକ ସୁଧୀରର ଘରକୁ ଯିବା ସମ୍ପୂର୍ଣ୍ଣ ବନ୍ଦ କରିଦେଲା । କିନ୍ତୁ ଶଶୁର ବି ହାରିବାର ଲୋକ ନ ଥିଲା । ସେ ନିଜର ସମ୍ମାନ ଓ ସ୍ୱାସ୍ଥ୍ୟକୁ ଖାତିର ନ କରି ଦିନେ ସକାଳୁ ଯାଇ ଅନସୂୟାର ବାପ ଘରେ ପହଞ୍ଚିଲା । ବାପା ତାଙ୍କୁ 'ଆପଣ କାହିଁକି କଷ୍ଟ କରି ଆସିଲେ' ଭଳି ଅନେକ ଶିଷ୍ଟାଚାରପୂର୍ଣ୍ଣ କଥା କହି ଚା' ପିଇବାକୁ ଦେଲା ଏବଂ ଦେଶର ପରିସ୍ଥିତି ଇତ୍ୟାଦି ବିଷୟରେ ଆଲୋଚନା

Digitized by srujanika@gmail.com

ଆରମ୍ଭ କରିଦେଲା । ଏଇପରି ଅନେକ ସମୟ କଥାବାର୍ତ୍ତା କରିବା ପରେ ଶଶୁର ପକ୍ଷରେ ସୁଟର କଥା ଉଠାଇବା ସମ୍ଭବ ହେଲାନାହିଁ । ଘରକୁ ଫେରି ଆସୁ ଆସୁ ସେ ଏହିପାଇଁ ପଶ୍ଚାତ୍ତାପ କଲା ଏବଂ ଶାଶୁ ଯେତେବେଳେ ତାକୁ 'ସୁଟର କଥା କହିଲ କି ନାହିଁ' ବୋଲି ପଚାରିଲା, ମିଛରେ 'ହଁ' କହିଲା ।

ତା'ର ନିମନ୍ତ୍ରଣ ସତ୍ତ୍ୱେ ଅନସୂୟାର ବାପା ତାଙ୍କ ,ଘରକୁ, ଆସିଲେ ନାହିଁ, ତେଣୁ ଶଶୁରକୁ ପୁଣି ବାଧ୍ୟ ହୋଇ ତା' ଘରକୁ ଯିବାକୁ ପଡ଼ିଲା । ଶଶୁର ଏଥରକ ସ୍ୱଚ୍ଛ ହୋଇଯାଇଥିଲା ଏବଂ ଅନସୂୟାର ବାପା ତାକୁ ଦେଶର ପରିସ୍ଥିତି ଇତ୍ୟାଦି ବିଷୟରେ କହି ଭୁଲାଇ ଦେବା ପୂର୍ବରୁ ସୁଟର କଥା ଉଠାଇଲା । ବାପା ସିଧାସଳଖ କଥାରେ ଉତ୍ତର ନ ଦେଇ ସୁଟର ମିଳିବାକୁ କିପରି ଆଠ ବର୍ଷ ଲାଗୁଛି ଏବଂ କଳା ବଜାରରେ କିପରି ସାତ ହଜାର ଟଙ୍କା ଅଧିକା ପଡୁଛି, ଏ କଥା କହିଲା ଏବଂ ଦେଶର ଆର୍ଥିକ ସଙ୍କଟ କଥା କହିଲା ! ତା'ମତରେ ଦେଶର ଏଇ ସବୁ ପରିସ୍ଥିତି ପାଇଁ ପୁଞ୍ଜିବାଦୀ ରାଜନୀତି ହିଁ ଦାୟୀ ଥିଲା ଇତ୍ୟାଦି । ଶଶୁର ଘରୁ ବାହାରିବା ଆଗରୁ ଏସବୁ କଥାରେ ଆଉ ଭୁଲିବ ନାହିଁ ବୋଲି ନିଷ୍ପତ୍ତି କରି ଯାଇଥିଲା ଏବଂ ଏଥରକ ରେକ-ଠୋକ କହିଲା, "ଦେଶର ରାଜନୀତି ଯୁଆଡ଼େ ଯାଉ, ଆମର ସୁଟର ଲୋଡ଼ା । ଏତେଦିନ ହୋଇଗଲାଣି, କେତେଦିନ ଆଉ ଆମକୁ ଠକିବ ?"

ଅନସୂୟାର ବାପା କଥାଟାର ଏକ ଶେଷ ନିଷ୍ପତ୍ତି କରିବା ଉଦ୍ଦେଶ୍ୟରେ କହିଲା, "କିଏ କାହାକୁ ଠକୁଛି ? କି ସୁଟର ?" ଶଶୁର ପକେଟରୁ ସୁଟର ଲେଖାଥିବା ଛୋଟ କାଗଜଟି ବାହାର କରି ଦେଖାଇଲା । କାଗଜଟିକୁ ହାତରେ ନେଇ ବାପା କହିଲା, "ସ୍କୁଟର ଦେବା ଭଳି ସାମର୍ଥ୍ୟ ମୋର ଅଛି ବୋଲି ମୁଁ କହିଥିଲି । ତା'ର ଅର୍ଥ ନୁହେଁ ଯେ ମୋ' ଘରକୁ ଆସି ମତେ ଧମକାଇ ସୁଟର ଆଦାୟ କରିବ ।" ଶଶୁର କହିଲା, "ଆମେ ଆପଣଙ୍କୁ ଭଦ୍ରଲୋକ ବୋଲି ଭାବି କଥାରେ ବିଶ୍ୱାସ କରି ବାହାଘର କରିଦେଲୁ, ନ ହେଲେ...।" ବାପା ରାଗିଯାଇ କହିଲା, "କାହାକୁ ଭଦ୍ରଲୋକ ଦେଖାଉଚ ?" ସେ ଏଥରକ ସେଇ କାଗଜ ଟୁକୁରାଟିକୁ ଆହୁରି ଛୋଟ ଛୋଟ କରି ଛିଣ୍ଡାଇଦେଲା ଏବଂ ତାକୁ ଶଶୁର ଉପରକୁ ଫିଙ୍ଗିଦେଇ କହିଲା, "ନିଅ ତମର ସୁଟର ।" ଶଶୁର, ଯେ କି ଭୟାଳୁ ଲୋକ ଥିଲା, ଆଉ କିଛି କହି ନ ପାରି ରାଗ ଓ ଅପମାନରେ ତମ ତମ ହୋଇ ବାହାରିଗଲା ଏବଂ ବାପା ବୁଝିଲା ଯେ ଏଇଠାରେ ସୁଟର ଅଧ୍ୟାୟର ପରିସମାପ୍ତି ହେଲା ।

Digitized by srujanika@gmail.com

ଶଶୁର ଶାଶୁକୁ ଯାଇ ମିଛକଥା କହିବ କି ନିଜର ଅପମାନର ସଠିକ ବିବରଣୀ ଦେବ ଏ ବିଷୟରେ ଭବିଲା ଏବଂ ଶେଷରେ ସତ କହିବ ବୋଲି ଠିକ କଲା । ତା’ କଥା ଶୁଣି ଶାଶୁ ତାକୁ ମାଇଚିଆ ଇତ୍ୟାଦି କହି ଅନେକ ଗାଳିଦେଲେ ଏବଂ ତା’ପରେ ଦୁହେଁ ବସି ପରବର୍ତ୍ତୀ ପନ୍ଥା ବିଷୟରେ ପରିକଳ୍ପନା କରିବାରେ ଲଗିଲେ । ଏଇ ସୁଚିନ୍ତିତ ଯୋଜନା ଅନୁଯାୟୀ ଅନସୂୟାକୁ କିଛିଦିନ ପାଇଁ ତା’ ବାପଘରକୁ ଯାଇ ବୁଲି ଆସିବାକୁ କୁହାଗଲା । ଠିକ୍ ଭବରେ ବୁଝି ନ ପାରୁଥିଲେ ବି ଅନସୂୟା ଜାଣୁଥିଲା ଯେ ଏକଥା ପଛରେ କିଛି ଗୋଟାଏ ଉଦ୍ଦେଶ୍ୟ ଅଛି । ସେ ସୁଧୀରକୁ ଏକଥା କହିଲା ଏବଂ ବୋହୂ କେବେ ବାପ ଘରକୁ ଯିବ ସେ କଥା ପଗ୍ଭରିଲା । ସୁଧୀର ତା’ର ବାପ ମା’ଙ୍କର ସୁଟର ସମ୍ବନ୍ଧୀୟ ଚକ୍ରାନ୍ତ ବିଷୟରେ ପରୋକ୍ଷରେ ଅବଗତ ଥିଲା ଏବ ଅନସୂୟାକୁ ସେଇଦିନ ସନ୍ଧ୍ୟାବେଳେ ହିଁ ଗ୍ଭଲିଯିବାକୁ ଉପଦେଶ ଦେଲା ।

ଅନସୂୟା ଯେତେବେଳେ ନିଜ ଘରେ ଯାଇ ରିକ୍ସାରୁ ଓହ୍ଲାଇଲା, ତା’ର ବାପା ସବୁକଥା ଠିକ୍ ଠିକ୍ ବୁଝିପାରିଲା ଏବଂ କାହିଁକି ମତେ ନ ପଗ୍ଭରି ଶାଶୁଘରୁ ଗ୍ଭଲି ଆସିଲୁ ବୋଲି ତାକୁ ଓଲଟା ଗାଳିଦେଲା । ରିକ୍ସାବାଲାକୁ ପଇସା ଦେଉ ଦେଉ ଅନସୂୟା ଚୁପ୍‌ଗ୍ଭପ୍ ଗାଳି ଶୁଣିଲା ଏବଂ ଘର ଭିତରକୁ ଆସି ମା’ ପାଖରୁ କିଛି ଆଶ୍ୱାସନା ପାଇବା ଆଶାରେ ସିଧା ରୋଷାଇ ଘରକୁ ଗଲା । ମା ତାକୁ ଦେଖି ରାଗରେ ଫାଟି ପଡ଼ିଲା ଏବଂ ତା’ର ଏଇ ନିର୍ବୋଧତା ହେତୁ ତାକୁ ଯେ ଜୀବନସାରା ଦୁଃଖ ହିଁ ଦୁଃଖରେ କଟାଇବାକୁ ହେବ ସେ ବିଷୟ ସ୍ମରଣ କରାଇଲା । ଅନସୂୟା ବର୍ତ୍ତମାନ ଜାଣିପାରିଲା ଯେ ତା’ର ବାପ ଘରକୁ ଆସିବା ସହିତ ଯୌତୁକ ସ୍କୁଟରର ଏକ ପରୋକ୍ଷ କିନ୍ତୁ ଘନିଷ୍ଠ ସମ୍ପର୍କ ଥିଲା, ଯେଉଁଥିପାଇଁ ତା’ର ବାପା ମା ତା ଉପରେ ବିରକ୍ତ ହେଇଥିଲେ ।

ତା ପରଦିନ ରବିବାର ଛୁଟି ଥିଲା ଏବଂ ନିଜର ମନକୁ ସ୍ଥିର କରି ଅନସୂୟା ସୋମବାର ଦିନ ଅଫିସକୁ ଗଲା । ଅଫିସର ଖାଇବା ଛୁଟି ବେଳେ ସେ ଟେଲିଫୋନ କରି ସୁଧୀର ସହିତ କଥାବାର୍ତ୍ତା କରିବା ପାଇଁ ଚେଷ୍ଟା କଲା, କିନ୍ତୁ ଟେଲିଫୋନ ଧରିଥିବା ଭଦ୍ରବ୍ୟକ୍ତି ସୁଧୀରକୁ ଡାକିବାର କଷ୍ଟ କରିବା ପାଇଁ ପ୍ରସ୍ତୁତ ନ ଥିଲେ । ପୁଣି ଥରେ ଫୋନ କରିବାବେଳେ ଆଉ ନମ୍ବର ମିଳିଲା ନାହିଁ ଏବଂ ଖାଇବା ଛୁଟି ସରିଗଲା । ସନ୍ଧ୍ୟାବେଳେ ଅଫିସ ଛୁଟି ପରେ ଆଉ ସୁଧୀରକୁ ଟେଲିଫୋନରେ ପାଇବା ସମ୍ଭବ ନ ଥିଲା ଏବଂ ଅନସୂୟା ମଧ୍ୟ ବସ ଧରିବା ପାଇଁ ବ୍ୟସ୍ତ ଥିଲା, କାରଣ ଏଇ ବସଟି ଫେଲ ହେଲେ ତାକୁ ଆହୁରି ଘଣ୍ଟାଏ ଅପେକ୍ଷା କରିବାକୁ ପଡୁଥିଲା । ଅଫିସରେ ଥିବାପର୍ଯ୍ୟନ୍ତ

Digitized by srujanika@gmail.com

ଅନସୂୟାର ମନ ଠିକ୍ ରହୁଥିଲା, କିନ୍ତୁ ଘରେ ପହଞ୍ଚିଲେ ଅନେକ ଚିନ୍ତା ଆସି ମନକୁ ଉଂଗହ୍ଲାନ୍ତ କରିଦେଉଥିଲେ । ଅଫିସ ହିଁ ତା ପାଇଁ ଏକ ଆଶ୍ରୟର ଦ୍ୱୀପ ଥିଲା ଯେଉଁଠାରେ ସେ କାମ ଭିତରେ ନିଜକୁ ସମସ୍ତ ଅପ୍ରୀତିକର ଅନୁଭବରୁ ସ୍ୱତନ୍ତ୍ର କରିଦେଉଥିଲା; କିନ୍ତୁ ପରଦିନ ସେ ଯେତେବେଳେ ଅଫିସରେ ପହଞ୍ଚିଲା, ଜାଣିଲା ଯେ ତାର ପାରିବାରିକ ଜୀବନର ଘଟଣାମାନଙ୍କର ଅତିରଞ୍ଜିତ ବିବରଣୀ ଆସି ଅଫିସରେ ପହଞ୍ଚି ସାରିଥିଲା । ତା'ର ସାଙ୍ଗ ଝିଅଟି ତାକୁ କହିଲା, "ତୁ କୁଆଡ଼େ ଶାଶୁ ଶଶୁରଙ୍କ ସାଙ୍ଗରେ କଳି କରି ବାପଘରକୁ ପଳେଇ ଯାଇଚୁ ?"

ଏଇ କଥା ପରେ ଅଫିସ ତାକୁ ଏକ ଅନାତ୍ମୀୟ ଜାଗା ଭଳି ମନେହେଲ । ସେ ଫାଇଲରେ ଭୁଲ କରି ବଡ଼ବାବୁଙ୍କ ପାଖରୁ ଗାଳି ଖାଇଲ ଏବଂ ସେଦିନ ଖାଇବା ଛୁଟିରେ ବଡ଼ବାବୁଙ୍କ ଟେଲିଫୋନରୁ ସୁଧୀରକୁ ଫୋନ କରିବା ପାଇଁ ତା'ର ସାହସ ହେଲନାହିଁ । ତାକୁ ଏଥରକ ମନେହେଲ ଯେମିତି ଅଫିସର ଲୋକମାନେ ତା ପଛରେ ତା ବିଷୟରେ କଥାବାର୍ତ୍ତା ହେଉଥିଲେ ଏବଂ ତା'ର ଗ୍ଲିଚଳନକୁ ନାପସନ୍ଦ କରୁଥିଲେ । ତା'ର ପୁରୁଣା ସାଙ୍ଗ, ଯେ କି ତା'ର ବାହାଘର ପରେ ପରେ ତା ପାଖକୁ ଆସିବାକୁ ଅନେକ ଚେଷ୍ଟା କରୁଥିଲ, କିନ୍ତୁ ଅନସୂୟା ତାକୁ ପ୍ରଶ୍ରୟ ଦେଉ ନ ଥିଲ, ସେ ମଧ୍ୟ ଆଜିକାଲି ଆଉ ପାଖରେ ଦେଖାଯାଉ ନ ଥିଲ । ଦିନେ ସାହସ କରି ଅନସୂୟା ଅନ୍ୟ ମହଲାରେ ସେ ବସୁଥିବା ଜାଗାକୁ ଗଲ । ତାକୁ ଦେଖି ତା'ର ସାଙ୍ଗ 'ତମେ ଯାଅ ମୁଁ ଆସୁଛି' ବୋଲି କହିଲ, କିନ୍ତୁ ଆଉ ତା ସହିତ ସାକ୍ଷାତ କଲନାହିଁ ।

ପରବର୍ତ୍ତୀ ରବିବାର ଦିନ ଅନସୂୟାକୁ ନେଇ ତା'ର ବାପା ତାକୁ ଶାଶୁଘରେ ଛାଡ଼ିବାକୁ ଗଲ । ଘରର କବାଟ ବନ୍ଦ ଥିଲ ଏବଂ ଶଶୁର କବାଟକୁ ସାମାନ୍ୟ ଖୋଲି ବାହାରକୁ ଆସିଲ ଓ ଦୁଆରକୁ ଜଗି ଠିଆହେଲା । ଗଳ୍ପା ଉପରେ ଠିଆ ହୋଇ ବାପା ଝିଅକୁ କହିଲା, "ଯା ତୁ ଭିତରକୁ ଯା ଆମେ ବାହାରେ ଟିକିଏ କଥା ହବୁ ।" ଶଶୁର ଏଥରକ କବାଟକୁ ପୁରା ବନ୍ଦ କରି ବାହାରକୁ ଆସିଲା ଏବଂ କହିଲା, ମତେ ତମ ଘରେ ଯୋଉ ଅପମାନ ଦେଇଥିଲ ଆଗେ ସେ କଥାର ନିଷ୍ପତ୍ତି ହେଉ, ତା' ପରେ ବୋହୂ ଘର ଭିତରକୁ ଯିବା ନ ଯିବା କଥା ବୁଝାଯିବ ।" ଶଶୁର ବେଶ୍ ବଡ଼ ପାଟିରେ ଏକଥା କହିଲା ଯାହା ଫଳରେ ସାହିର କିଛି ଲୋକ ଆସି ସେଠାରେ ଜମାହେଲେ । ସେମାନେ ଯଦିଓ ଘଟଣା ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ, ସେମାନେ ହଠାତ୍ ଶଶୁରର ଅନ୍ଧ ସମର୍ଥକ ହୋଇଗଲେ । ତାଙ୍କ ଭିତରୁ ଜଣେ କହିଲା, "ଯେତେ

Digitized by srujanika@gmail.com

ହଉ ପୁଅର ବାପା ତ । ଆମେ ସାହିରେ ଏକଥା ଚଳିବ ନାହିଁ । ଝିଅ ଘରୁ ଲୋକ ଆସି ଆମ ସାହିରେ ଅପମାନ ଦେଇ ଚାଲିଯିବ ଏ କଥା ଆମେ ସହିବୁ ନାହିଁ ।" ଅନସୂୟାର ବାପା ତାଙ୍କ ଆଡ଼କୁ ଅନାଇ କହିଲା, ପୁତ୍ର-କଥାଟା ଟିକିଏ ବୁଝନ୍ତୁ । " ଏଥରକ ସାହିର ଲୋକ ରାଗିଯାଇ କହିଲା, "କଣ ଆଉ ବୁଝିବୁ ? ସିଧାସଳଖ ଘରକୁ ଚାଲିଯାଅ ।"

ସେତେବେଳକୁ ଆଉ କିଛି ଲୋକ ଆସି ଜମି ଯାଇଥିଲେ ଏବଂ ପାଖ ଘରମାନଙ୍କର କବାଟ ଝରକା ଦେଇ ସ୍ତ୍ରୀ ଲୋକମାନେ ଏହି ମନୋରଞ୍ଜନ ଦୃଶ୍ୟକୁ ଉପଭୋଗ କରିବାରେ ଲାଗିଥିଲେ । ଆଉ ଉଚ୍ଚବାଚ ନ କରି ଅନସୂୟାର ବାପା କହିଲା, "ହଉ ଚାଲ । କଚେରିରେ ଏ କଥାର ବୁଝାମଣା ହେବ ।" ଏତିକି କହି ଲମ୍ବା ପାଦ ପକାଇ ସେ ସେଠାରୁ ଗଳିମୁଣ୍ଡ ଆଡ଼କୁ ଚାଲିଗଲା । ଅନସୂୟା ମୁହୂର୍ତ୍ତେ ଶଶୁର ଆଡ଼କୁ ଅନାଇଲା ଏବଂ ସୁଟ୍‌କେଶ ଉଠାଇ ବାପାକୁ ଅନୁସରଣ କଲା । କଚେରି କଥା ଶୁଣି ସାହି ଲୋକେ ବର୍ତ୍ତମାନ ବେଶ୍ ଉତ୍ତେଜିତ ଥିଲେ । ଗଳି ମୁଣ୍ଡରେ ପାନ ଦୋକାନ ପାଖରେ ରିକ୍‌ସା ମିଳିଲା ଏବଂ ବାପା ସାଙ୍ଗରେ ରିକ୍‌ସାରେ ବସି ଅନସୂୟା ପୁଣି ଘରକୁ ଫେରିଲା ।

ଏଇ ଘଟଣାଟିର ଖବର ଅତିଶୀଘ୍ର ଅଫିସରେ ପହଞ୍ଚିଗଲା । ଭୁଲ କାମ ପାଇଁ ଅନସୂୟାକୁ ଗାଳି ଦେବାବେଳେ ବଡ଼ବାବୁ ଏଥରକ କହିଲା, ଘରେ ଯାହା କଳିତକରାଳ ହେଲେ ବି ଅଫିସ କାମକୁ ଠିକ୍‌ରେ କରିବାକୁ ହେବ । ଘର କଥା ଘରେ, ଅଫିସ କାମ ଅଫିସରେ । ତାର ବ୍ୟକ୍ତିଗତ ଜୀବନ ବିଷୟରେ ଏ ପର୍ଯ୍ୟନ୍ତ କେହି କେବେ କିଛି କହିବାକୁ ସାହସ କରି ନ ଥିଲେ, କିନ୍ତୁ ଅନସୂୟା ବର୍ତ୍ତମାନ ବଡ଼ବାବୁର କଥାକୁ ନୀରବରେ ଶୁଣିନେଲା । ଏପରିକି ଅଫିସର ସେଇ ଅଭଦ୍ର ଲୋକଟି, ଯେ କି ଆଗରୁ ସବୁବେଳେ ତା ପଛରେ ଲାଗିବାକୁ ଚେଷ୍ଟା କରୁଥିଲା, କିନ୍ତୁ ସାହସ କରୁ ନ ଥିଲା, ସେ ଅନସୂୟାର ଟେବୁଲ ପାଖକୁ ଆସିଲା ଏବଂ ତା ମୁହଁ ପାଖକୁ ମୁହଁ ନେଇ 'କିଛି ଅସୁବିଧା ହେଲେ ମତେ କହିବ, ତମେ ସିନା ମତେ ପର୍‌ଓ୍ୱାର ନାହିଁ ମୁଁ ତମ ନିଜର' ବୋଲି କହିଲା । ଅନସୂୟା ଚୁପ୍ ହୋଇ ଏଇ ଔଦ୍ଧତ୍ୟକୁ ମଧ୍ୟ ସହିନେଲା ।

କିଛିଦିନ ପରେ ଅନସୂୟାର ବାପା ସତକୁ ସତ ଓକିଲଠାରୁ ନୋଟିସ ଲେଖାଇ ତାର ଦସ୍ତଖତ ପାଇଁ ଆଣି ପହଞ୍ଚିଲା । ଅନସୂୟା ସେଥିରେ ଦସ୍ତଖତ କରିବା ପାଇଁ ସାମାନ୍ୟ କୁଣ୍ଠାବୋଧ କରୁଥିଲା; କିନ୍ତୁ ବାପାର ବଦ୍ଧପରିକର ମୁହଁ ଆଡ଼କୁ ଅନାଇ କାଗଜକୁ ନ ପଢ଼ି ସେଥିରେ ଦସ୍ତଖତ କରିଦେଲା ।

Digitized by srujanika@gmail.com

ସେଇଦିନ ଅଫିସକୁ ଯାଇ ସେ ସୁଧୀର ପାଖକୁ ଦୀର୍ଘ ଚିଠି ଲେଖିଲା ଏବଂ ତାକୁ ଆସି ଘରକୁ ନେଇଯିବାକୁ ଅନୁନୟ କଲା । ତା' ପରେ ଅନେକ ଥର ଫୋନ୍ କରିବା ପରେ ଯେତେବେଳେ ସୁଧୀରକୁ ଟେଲିଫୋନ୍‌ରେ ପାଇଲା, ସେ ତାକୁ 'ହଁ ମୁଁ ଆସିବି' ଏତିକି କହି ଫୋନ ରଖିଦେଲା ।

ପର ରବିବାର ଦିନ ନିଜେ ନ ଯାଇ ଅନସୂୟାର ବାପା ତାକୁ ଏକା ଶାଶୁଘରକୁ ପଠାଇଲେ । ହାତରେ ସୁଟ୍‌କେଶ ଧରି ଅନସୂୟା ଯେତେବେଳେ ଶାଶୁଘର ପାଖେ ଓହ୍ଲାଇଲା, ସାହିର ଲୋକେ ତା ଚାରିପାଖେ ଘେରି ଠିଆ-ହେଲେ । ଏଥରକ କେହି କେହି ସ୍ତ୍ରୀ ଲୋକ ମଧ୍ୟ ଗଳ୍ପା ଉପରକୁ ଓହ୍ଲାଇ ଆସିଲେ । ଜଣେ କିଏ ସାହିବାଲା କହିଲା, "ଏଥର ଏକଥା କେବଳ ଦି' ପରିବାରର ନୁହେଁ । ତମ ବାପା ଆମ ସାହିବାଲାଙ୍କୁ ଅପମାନ ଦେଇଛନ୍ତି । ସେ ଏଠାକୁ ଆସିଲେ କଥାର ବିଚାର ହେବ ।" ସ୍ତ୍ରୀ ଲୋକମାନେ ନିଜ ନିଜ ଭିତରେ ହସିଲେ ଏବଂ କିଏ ଜଣେ 'ଏଯୁଗ କୁଆଡ଼େ ଯାଉଚି' ବୋଲି ମନ୍ତବ୍ୟ କଲା । ସୁଟ୍‌କେଶ ଧରି ଅନସୂୟା ପୁଣି ଚାଲି ଚାଲି ଗଳିମୁଣ୍ଡକୁ ଗଲା । ତା'ର ଘରୁ ପଳାଇ ଯାଇଥିବା କଥା ଗଳିମୁଣ୍ଡର ଦୋକାନିମାନଙ୍କୁ ମଧ୍ୟ ଜଣାଥିଲା, କାରଣ ଏଥର ପାନଦୋକାନି ତାକୁ ଫେରୁଥିବାର ଦେଖି ଉଚ୍ଚ ସ୍ୱରରେ ହସିଲା ଏବଂ ତା'ର ଶୁଣିବା ନ ଶୁଣିବାକୁ ଖାତିର ନ କରି କହିଲା, ଏଥରକ ଏମିତି ଯିବା ଆସିବା ଲାଗିଲା । ତାକୁ ସେଠାକୁ ଆଣିଥିବା ରିକ୍‌ସାବାଲା ମଧ୍ୟ ତା ଆଡ଼କୁ ଅବଜ୍ଞାରେ ଅନାଇଲା ଏବଂ ସେ ରିକ୍‌ସାରେ ବସିବା ପରେ ତଳକୁ ଛେପ ପକାଇଲା ।

ଅନସୂୟା ଜାଣିଲା ଯେ ସମସ୍ତଙ୍କ ପାଇଁ ସେ ତା'ର ସ୍ୱାମୀକୁ ଛାଡ଼ି ଘରୁ ପଳାଇଥିବା ଗୋଟିଏ ଚରିତ୍ରହୀନା ସ୍ତ୍ରୀ ହୋଇଯାଇଛି । ଘରକୁ ଫେରି ବାପା ପାଖରୁ ସେ ପୁଣି ଗାଳି ଖାଇଲା ଏବଂ ସୁଧୀର ପାଖକୁ ଆଉରି ଅନୁନୟ କରି ଚିଠି ଲେଖିଲା । ସେଦିନ ଅଫିସ କାମରେ ତା'ର ମନ ଲାଗିଲା ନାହିଁ । ତା'ର ସାଙ୍ଗ ଝିଅଟି ଆସି ତାକୁ ଅନେକ ବୁଝାଇଲା ଏବଂ ବାହାରକୁ ଡାକିନେଲା । ବାହାରକୁ ଯାଇ ଅନସୂୟା ପ୍ରଥମ ଥର ପାଇଁ ଅନେକ କାନ୍ଦିଲା ଏବଂ ଆଖି ପୋଛି ପୁଣି ନିଜ ଟେବୁଲକୁ ଫେରିଲା । ସେ ଖୋଲା ଫାଇଲକୁ ବନ୍ଦକଲା ଏବଂ କ'ଣ ଭାବି ଉପର ମହଲାରେ ବସୁଥିବା ତା'ର ପୁରୁଣା ସାଙ୍ଗ ପାଖକୁ ଗଲା । ଅନସୂୟାକୁ ଦେଖି ସେ ବାହାରକୁ ଆସିଲା ଏବଂ କହିଲା, "ଏଠାରେ ଏତେ ଲୋକ ବସିଛନ୍ତି ଦେଖୁଚ, ଏଠାକୁ କାହିଁକି ଆସିଲ ?"

Digitized by srujanika@gmail.com

ଅନସୂୟା କହିଲା, "ତମ ପାଖରେ ମୋର ଅନେକ ଜରୁରୀ କାମ ଅଛି । ଅଫିସ ପରେ ମତେ, ମୋ ଘରେ, ଯେମିତି ହେଲେ ଦେଖା କରିବ ।"

ଅଫିସ ପରେ ସିଧା ବସ ଷପ୍‌କୁ ନ ଯାଇ ଅନସୂୟା ବାହାରେ ଠିଆ ହେଲା । ଅନେକ ସମୟ ପରେ ତା'ର ସାଙ୍ଗ ଆସିଲା ଏବଂ ବିନା ଭୂମିକାରେ କହିଲା, "ହଁ, କ'ଣ କହୁଚ କୁହ ।" ଅନସୂୟା କହିଲା, "ମୁଁ ବର୍ତ୍ତମାନ ବଡ଼ ଅସୁବିଧାରେ ପଡ଼ିଛି । ତମେ ସାହାଯ୍ୟ ନ କଲେ ମୁଁ ମରିଯିବି । ତମ ଛଡ଼ା ମୋର ଆଉ କେହି ନାହାନ୍ତି ।" ତା'ର ସାଙ୍ଗ ସାମାନ୍ୟ ବିଦ୍ରୂପର ହସ ହସିଲା; କହିଲା, "ଯେତେବେଳେ ବାହା ହୋଇଗଲ, ମୁଁ ତ ତମର ମନେପଡ଼ି ନ ଥିଲି ।" ଅନସୂୟା ଏ ବିଷୟରେ ଆଉ ବାଦାନୁବାଦ କରିବା ଅବସ୍ଥାରେ ନ ଥିଲା । କହିଲା, "ସେ ପଛକଥା ସବୁ ଭୁଲିଯାଅ । ମୋର ବିପଦ ବେଳେ ତ ଅନ୍ତତଃ ସାହାଯ୍ୟ କର ।" ସାଙ୍ଗ କହିଲା, "ହଉ କ'ଣ କହୁଚ ଶୀଘ୍ର କହ ।" ଅନସୂୟା କହିଲା, "ତମେ ଯେମିତି ହେଲେ ଯାଇ ମୋର ସ୍ୱାମୀଙ୍କୁ ଡାକିଆଣି ମୋ' ସାଙ୍ଗରେ ଦେଖା କରଅ ।" ସାଙ୍ଗ, ଯେ କି ଅନସୂୟା ଠାରୁ ପୁଣି ପ୍ରେମର ନିବେଦନ ଶୁଣିବ ବୋଲି ଆଶା କରିଥିଲା, ଏକଥା ଶୁଣି ନିରଶ ଓ ରୁଷ୍ଟ ହେଲା ଏବଂ 'ଆଚ୍ଛା ହଉ' ବୋଲି କହି ବାହାରିଗଲା ।

କିଛି ଦିନ ପରେ ଓକିଲ ତାକୁ ସେ ବିଷୟରେ ଆଲୋଚନା କରିବ ବୋଲି ଡକାଇ ପଠାଇଲା । ଓକିଲର କୋଠରୀରେ ବସି ଅନସୂୟା ପ୍ରଥମଥର ପାଇଁ ଦସ୍ତଖତ କରିଥିବା କାଗଜଟିକୁ ପଢ଼ିଲା । ଦରଖାସ୍ତଟିର ପ୍ରତ୍ୟେକଟି ଧାଡ଼ି ମିଥ୍ୟାରେ ପରିପୂର୍ଣ୍ଣ ଥିଲା ଏବଂ ସେଥିରେ ଏପରି ସବୁ ଘଟଣାମାନଙ୍କର ବର୍ଣ୍ଣନା ଥିଲା ଯାହା କେବଳ ଅସତ୍ୟ ହିଁ ନ ଥିଲା, ଅନସୂୟାର କଳ୍ପନା ବହିର୍ଭୂତ ଥିଲା । ଓକିଲ କହିଲା, ମକଦ୍ଦମା ଦିନ ତମକୁ ହଲପ କରି ଏସବୁ ବିଷୟରେ କହିବାକୁ ପଡ଼ିବ । ଯନ୍ତ୍ରଚାଳିତ ଭଳି ଅନସୂୟା ମୁଣ୍ଡକୁ ନୁଆଁଇ ହଁ କହିଲା । ଓକିଲ ଏଥରକ ନିଜ ଚିଉକିରୁ ଉଠି ଆସି ତା' ପଛରେ ଠିଆ ହେଲା ଏବଂ ଦରଖାସ୍ତକୁ ଓଲଟାଇ ଗୋଟାଏ ଜାଗାକୁ ଦେଖାଇଲା ଯେଉଁଠାରେ ସୁଧୀରର ପୌରୁଷ ବିଷୟରେ ତିର୍ଯ୍ୟକ ଉଲ୍ଲେଖ ଥିଲା । ଅନସୂୟା ପୁଣି ଥରେ ତାକୁ ପଢ଼ିଲା ଏବଂ ଓକିଲ ମୁହଁକୁ ଅନାଇଲା । ଓକିଲ ଏଥରକ ତା'ର ଆହୁରି ପାଖକୁ ଲାଗି ଆସି ତା' କାନ୍ଧରେ ହାତର ଚାପ ଦେଲା ଏବଂ ଅଦ୍ଭୁତ ଧୀର ଗଳାରେ କହିଲା, "ପାରିବ ତ ?" ଅନସୂୟା ଏଇ ଅଶ୍ଳୀଳ ଆତିଶଯ୍ୟକୁ ମଧ୍ୟ ସହିନେଲା ଏବଂ 'ହଁ' କହି ସେଠାରୁ ଉଠି ଚାଲିଆସିଲା ।

Digitized by srujanika@gmail.com

ଟା'ର ସୌଭାଗ୍ୟ, ଅନସୂୟାକୁ ଆଉ କଚେରି ଯିବାକୁ ପଡ଼ିଲା ନାହିଁ । କାରଣ ତା'ର ବାପା ବର୍ତ୍ତମାନ ଏଇ ମକଦ୍ଦମାର ନିରର୍ଥକତା ବୁଝିପାରିଥିଲା । ଓକିଲ ବର୍ତ୍ତମାନ ବେଶୀ ବେଶୀ ଟଙ୍କା ନେବାରେ ଲାଗିଥିଲା ଏବଂ ଅନସୂୟାର ବାପା ଅନ୍ୟ ଓକିଲ ପାଖକୁ ଯାଇ ବୁଝିଥିଲା ଯେ ଏ ମକଦ୍ଦମାରେ କୌଣସି ଲାଭ ହେବନାହିଁ । ତେଣୁ ସେ ନିଜର ସମ୍ମାନକୁ ଜଳାଞ୍ଜଳି ଦେଇ ପୁଣି ସ୍କୁଟର କଥା ଭାବିଲା ଏବଂ ଦିନେ ସକାଳେ ବଡ଼ପୁଅ ପାଖକୁ ଗଲା । ପୁଅ କଥାକୁ ଅଧା ଶୁଣି କହିଲା, "ମୁଁ ମୂଳରୁ କହୁଥିଲି ସେ ଯୌତୁକରେ ପଣ ନାହିଁ ବୋଲି ।" ବାପା କହିଲା, "ସେ ସ୍କୁଟର କଥା ପଛେ ଯାଉ; ତୁ ଟିକିଏ ଯାଇ ତାର ଶଶୁରକୁ ବୁଝାଇ ଦେ ।" ପୁଅ କହିଲା, "ନା ସେଥିରେ କିଛି ଲାଭ ନାହିଁ । ବରଂ ତାକୁ ସ୍କୁଟର ଦେଇଦିଅ ।" ଏଥରକ ଆଉ ବାକ୍ୟ ବ୍ୟୟ ନ କରି ସେ ଭିତରକୁ ଗଲା ଏବଂ ସ୍କୁଟରର ଟଙ୍କା ଆଣି ବାପା ହାତରେ ଧରାଇ ଦେଲା ।

ଯୋଉଦିନ ନୂଆ ସ୍କୁଟର କିଣାହୋଇ ଆସିଲା, ସମସ୍ତେ ଭାବିଲେ ଏକ ଅପ୍ରୀତିକର ଘଟଣାର ପରିସମାପ୍ତି ଘଟିଲା ଏବଂ ଅନସୂୟା ବି ଏତେ ଦିନ ପରେ ସାମାନ୍ୟ ଖୁସି ହେଲା । ପ୍ରଥମେ ଆଉ ଜଣକ ହାତରେ ଶାଶୁ ଘରକୁ ସ୍କୁଟର ପଠାଗଲା ଏବଂ ତା'ର ଦିନକ ପରେ ଅନସୂୟାକୁ ନେଇ ତା'ର ବାପା ଶାଶୁ ଘରେ ପହଞ୍ଚିଲା । ଅନସୂୟା ତଳେ ମୁଣ୍ଡ ଲଗାଇ ଶଶୁରକୁ ନମସ୍କାର କଲା ଏବଂ ଶଶୁର ତା'ର ବାପାକୁ ଚା' ପିଇବାକୁ କହିଲା । ଅନସୂୟା ସିଧା ରୋଷେଇ ଘରକୁ ଯାଇ ରୋଷେଇର ଦାୟିତ୍ୱ ନେଇନେଲା, ଯେପରିକି ମଝିରେ କିଛି ବି ବ୍ୟତିକ୍ରମ ହୋଇ ନ ଥିଲା । ଏପରିକି ରାତିରେ ଫେରି ସୁଧୀର ଖାଇପିଇ ଶୋଇବାକୁ ଗଲାବେଳେ ମଧ୍ୟ ଅନସୂୟାକୁ ଏତେ ଦିନର ଅନୁପସ୍ଥିତି ବିଷୟରେ କିଛି ବି ପଚାରିଲା ନାହିଁ । ଖାଲି କହିଲା, "ଆଜି ମୋର ଦେହ ଭଲ ନାହିଁ, ଟିକିଏ ଗୋଡ଼ ମୋଡ଼ିଦେବ ।"

ଅନସୂୟା ଭାବିଥିଲା ସବୁ କିଛି ପୁଣି ଆଗଭଳି ହୋଇଯିବ, କିନ୍ତୁ ତା' ଆଉ ହେଲାନାହିଁ । ତା'ର ଶାଶୁ ଶଶୁର ତା' ପ୍ରତି ଏବେ ବି ବିମୁଖ ଥିଲେ ଏବଂ ଅନସୂୟାର ଅନେକ ଚେଷ୍ଟା ସତ୍ତ୍ୱେ ବି ତା ସହିତ ଭଲରେ କଥାବାର୍ତ୍ତା କରୁ ନ ଥିଲେ । ବରଂ ଶାଶୁ ମଝିରେ ମଝିରେ ସେ ଘରଛାଡ଼ି ଚାଲିଯାଇଥିବାରୁ ତାକୁ ପରୋକ୍ଷରେ ଗାଳି ଦେଉଥିଲା । ଘରେ ଅନସୂୟାର ଏକମାତ୍ର ବନ୍ଧୁଥିଲା ସୁଧୀରର ଭଉଣୀ; କିନ୍ତୁ ସେ ମଧ୍ୟ ନିଜ ପାଠପଢ଼ା ଓ ବନ୍ଧୁମାନଙ୍କ ମେଳରେ ବ୍ୟସ୍ତ ରହୁଥିଲା ଏବଂ ଅନସୂୟା ପାଇଁ

Digitized by srujanika@gmail.com

ତା'ର ବହୁତ କମ୍ ସମୟ ଥିଲା । ଦିନେ ତ୍ୱା'ର ପଢ଼ା ବହି ଭିତରୁ ଅନସୂୟା କାହାର ପ୍ରେମପତ୍ର ଆବିଷ୍କାର କଲା । ଏ କଥା ତାକୁ ପଚାରିବ କି ଘରେ ଅନ୍ୟମାନଙ୍କୁ କହିବ ଏ ବିଷୟରେ ଅନସୂୟା ଦୁଇଦିନ କାଳ ଭାବିଲା । ଶେଷରେ ସେ ଏ କଥା ସୁଧୀରକୁ କହିଲା । ସୁଧୀର ତା'ର ଭଉଣୀକୁ ଗାଳି ଦେଲା ଏବଂ ସେଇ ଦିନଠାରୁ ଘରର ଏକମାତ୍ର ବନ୍ଧୁ ବି ଅନସୂୟାର ଶତ୍ରୁ ହୋଇଗଲା । ସେ ବର୍ତ୍ତମାନ ଅନସୂୟାର ନାଁରେ ଅଭିଯୋଗମାନ କରୁଥିଲା । ଶାଶୁ ଶ୍ୱଶୁରଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅନସୂୟା ତା'ର ବାପା ମା'ଙ୍କ ସହିତ ସମ୍ପର୍କ କାଟି ଦେଇଥିଲା ଏବଂ ବର୍ତ୍ତମାନ ସାରା ସଂସାରରେ ଏକାକୀ ହୋଇ ଯାଇଥିଲା ।

ଅନସୂୟା ଏଇଭଳି ଅବୈୟକ୍ତିକ ଅଫିସ ଓ ଅନାତ୍ମୀୟ ଘରର ଜୀବନକୁ ସ୍ୱୀକାର କରିନେଲା । ଶାଶୁର ଦୁର୍ବ୍ୟବହାର, ଶ୍ୱଶୁରର କଠୋରତା, ସ୍ୱାମୀର ଅନାସକ୍ତି ଓ ନଣନ୍ଦର ଶତ୍ରୁତା—ସବୁକୁ ସେ ଗ୍ରହଣ କରିନେଲା ଏବଂ ଜୀବନର କଟି ଯାଉଥିବା ଦିନଗୁଡ଼ିକୁ ଏକ ଉଦାସୀନ ବିରକ୍ତିର ସହିତ ଗଣିବାରେ ଲାଗିଲା । ଏଇ ଅବସ୍ଥାରେ ତାର ପ୍ରଥମ ଅବ୍ୟାହତି ହେଲା ଯେଉଁଦିନ ସେ ଜାଣିଲା ଯେ ସେ ମା ହେବାକୁ ଯାଉଛି । ସେ ଖୁସି ହୋଇ ଏ କଥା ସୁଧୀରକୁ କହିଲା । ସୁଧୀର ବାହାରକୁ ଯିବାକୁ ବାହାରୁଥିଲା ଏବଂ ଏ କଥା ଶୁଣି ତା ମୁହଁରୁ 'ଓଃ' ବ୍ୟତୀତ ଆଉ କିଛି ବାହାରିଲା ନାହିଁ । ଯାହାହେଉ ନିଜର ଶାରୀରିକ ଅସୁସ୍ଥତା, ହସପିଟାଲକୁ ସମୟ ଅସମୟରେ ଯିବାର କଷ୍ଟ, ଅଫିସରୁ ଛୁଟି ନେବାର ଅସୁବିଧା ମଝିରେ ଅନସୂୟା ନିଜକୁ ପ୍ରସନ୍ନ ରଖିବାକୁ ଚେଷ୍ଟା କଲା ଏବଂ ଅନାଗତ ସନ୍ତାନର ପ୍ରତୀକ୍ଷାରେ ତା'ର ଦୁଃଖର ଦିନ ଗଣିବାକୁ ଭୁଲିଗଲା । ଏଇଭଳି ମାନସିକ ଅବସ୍ଥାରେ ତା'ର ଶାଶୁ ବି ତାକୁ ସାମାନ୍ୟ ସଦୟ ଜଣାଗଲା ।

କିନ୍ତୁ ଅନସୂୟାର ଦୁର୍ଭାଗ୍ୟକୁ ତା'ର ପୁଅ ନୁହେଁ ଝିଅ ଜନ୍ମ ହେଲା । ହସପିଟାଲରେ ତାକୁ ସାରା ରାତି ଜଗି ରହିଥିବା ଶାଶୁ ମୁହଁ ବୁଲାଇ ଘରକୁ ଚାଲିଗଲା । ସୁଧୀର, ଯେ କି ନିଜେ ପୁଅ ହେଉ କି ଝିଅ ହେଉ ସେ ବିଷୟରେ ନିରପେକ୍ଷ ଥିଲା, ମା'ର ନାପସନ୍ଦକୁ ସମ୍ମାନ ଦେଖାଇ, 'କ'ଣ ଶେଷରେ ଝିଅଟାଏ ଜନ୍ମ କଲ' ବୋଲି କହିଲା । ଦେହ ପାଖରେ ଲାଗି ହୋଇ ଶୋଇ-ଥିବା ଛୁଆକୁ ଅନାଇ ଅନସୂୟା ଖୁସି ହେବ କି ଦୁଃଖ କରିବ ଠିକ୍ କରି ପାରିଲା ନାହିଁ ଏବଂ ଯେତେବେଳେ ସମସ୍ତେ ଚାଲିଗଲେ ସେ ମନ ପୂରାଇ ଅନେକ

Digitized by srujanika@gmail.com

କାନ୍ଦିଲା । ଘରକୁ ଫେରି ମଧ୍ୟ ଅନସୂୟାର ଦୁଃଖର ଶେଷ ହେଲାନାହିଁ । ତା'ର ଛୁଆ ସବୁବେଳେ ବେମାର ରହିଲା । ମ୍ୟାଟରନିଟି ଛୁଟି ଶେଷରେ ଦୁଇଦିନ ଅଫିସରେ ଯୋଗଦେବା ପରେ ଅନସୂୟାକୁ ପୁଣି ଛୁଟି ନେବାକୁ ପଡ଼ିଲା । ଏଥରକ ଅଧା ଦରମାର ଛୁଟି ଥିଲା ଏବଂ ଏଥିଯୋଗୁ ଘରର ଆୟ ବ୍ୟାହତ ହେଲା । ଶେଷକୁ ଛୁଆ ତା'ର ସବୁଠାରୁ ବଡ଼ ଶତ୍ରୁ ହେଲା । ସେ ଦିନରାତି ସବୁବେଳେ କାନ୍ଦୁଥିଲା, ତା ଯୋଗୁ ରାତିରେ କେହି ଶାନ୍ତିରେ ଶୋଇ-ପାରୁ ନ ଥିଲେ ଏବଂ ଏଥିପାଇଁ ଅନସୂୟାକୁ ଦାୟୀ ମାନୁଥିଲେ ।

ଛୁଆ ଜନ୍ମହେବା ପରେ ଅନସୂୟାର ଦେହ ବି ଭଲ ରହିଲା ନାହିଁ । ସାରା ରାତି ଅନିଦ୍ରା ଓ ଦିନସାରା ଘରର କାମ ଭିତରେ ସେ ବାରମ୍ବାର ଅସୁସ୍ଥ ହୋଇ-ପଡୁଥିଲା । ତଥାପି ସେ ମଝିରେ କିଛିଦିନ ପାଇଁ ଯାଇ ଅଫିସରେ ଯୋଗ-ଦେଲା । ଅଫିସରୁ ଫେରିବା ବେଳକୁ ଶାଶୁ ତାର ଅଭିଯୋଗର ଫର୍ଦ୍ଦ ତିଆରି କରି ରଖୁଥିଲା ଏବଂ ନଣନ୍ଦକୁ ଛୁଆର ଦାୟିତ୍ୱ ନେବାକୁ ପଡୁ ଥିବାରୁ ସେ ମଧ୍ୟ ବିରକ୍ତ ହେଉଥିଲା । ତେଣୁ ଅନସୂୟା ପୁଣି ଛୁଟି ନେଲା ଏବଂ ଏଥରକ ଛୁଟି ସବୁ ବିନା ଦରମାର ଥିଲା । ଏକଥା ମଧ୍ୟ ଘରେ ବିଶେଷ କ୍ଷୋଭର କାରଣ ହେଲା । ଏଇ ସମୟରେ ଘରେ ବସି ରହିବା ଅବସ୍ଥାରେ ଅନସୂୟାକୁ ଏକ ଅଦ୍ଭୁତ କ୍ଷୁଣ୍ଣତା ଛାଇ ରଖିଲା । ଛିଡ଼ାହେଲାବେଳେ ଏଥରକ ତା'ର ହାତ ଗୋଡ଼ ଥରୁଥିଲା, ସେ ନିଜକୁ ଅତ୍ୟଧିକ ଦୁର୍ବଳ ଅନୁଭବ କରୁଥିଲା ଏବଂ କିଏ ତାକୁ ଡାକିଲେ ସେ ଭୟରେ କାତର ହୋଇଯାଉଥିଲା । କେବଳ ଛୁଆ ପାଖରେ କଟାଉଥିବା ସମୟତକ ଅନସୂୟା ପ୍ରକୃତିସ୍ଥ ରହୁଥିଲା । ଛୁଆ ହସିବା ବେଳେ ନିଜର ସବୁ ଦୁଃଖ ଭୁଲିଯାଇ ସେ ଖୁସି ହେଉଥିଲା ଏବଂ ଚୁମା ଦେଇ ଛୁଆକୁ ଅଣନିଶ୍ୱାସୀ କରିଦେଉଥିଲା ।

ଛ'ମାସ ପୂରୁ ନ ପୂରୁଣୁ ଛୁଆ ମରିଗଲା ଏବଂ ଅନସୂୟା ପାଗଳ ଭଳି ହୋଇଗଲା । ତାକୁ ଯେତେବେଳେ ଶାଶୁ ଶଶୁର କିଛିଦିନ ଘରକୁ ଯିବାକୁ କହିଲେ, ସେ ମନା କରିଦେଲା । ସେ ଅଧିକାଂଶ ସମୟ ଗୋଟାଏ ଜାଗାରେ ସାମନାକୁ ଅନାଇ ବସି ରହୁଥିଲା ଏବଂ ଛୁଆକଥା ମନେ ପକାଇ କେତେ-ବେଳେ ହସୁଥିଲା, ପୁଣି କେତେବେଳେ କାନ୍ଦୁଥିଲା । ତା'ର ଏ ଅବସ୍ଥା ଦେଖି, ଶଶୁର ଯଦିଓ ତାକୁ ପୁଣି ଅଫିସ ଯାଇ ରୋଜଗାର କରିବାକୁ ଚାହୁଁଥିଲା, କିଛି କହୁ ନ ଥିଲା । ଅନସୂୟା ଯନ୍ତ୍ରଚାଳିତ ଭଳି ଘରକାମ ସବୁ କରୁଥିଲା, କିନ୍ତୁ ବର୍ତ୍ତମାନ ସେ ଅନେକ ଜିନିଷ ଭୁଲି ଯାଉଥିଲା ଏବଂ ସବୁକଥା ଠିକ୍ ଭାବରେ ଜାଣିପାରୁ ନ ଥିଲା । ନଣନ୍ଦ ବର୍ତ୍ତମାନ ତା ସହିତ କଥାବାର୍ତ୍ତା କରିବା ବନ୍ଦ

Digitized by srujanika@gmail.com

କରିଦେଇଥିଲା ଏବଂ ସୁଧୀର ମଧ୍ୟ ଯେତେଦୂର ସମ୍ଭବ ତା ପାଖରୁ ଦୂରରେ ରହୁଥିଲା ।

ଯୋଉଦିନ ଅନସୂୟା ରୋଷେଇ ଘରେ ବସି ଚୁଲୀକୁ ଅନାଇ ରହିଥିବା-ବେଳେ ତରକାରି ଜଳିଗଲା, ଶାଶୁ ଦଉଡ଼ି ଆସିଲେ ଏବଂ ଅନସୂୟାକୁ ଧକ୍କା ଦେଇ ସେଠାରୁ ଉଠାଇ ଦେଲେ । ଏଇ ଘଟଣା ପରେ ଶାଶୁ ଅନସୂୟା ଉପରକୁ ହାତ ଉଠାଇବାକୁ କୁଣ୍ଠିତ ହେଲେ ନାହିଁ । ଶ୍ୱଶୁର ମଧ୍ୟ ପଛରେ ପଡ଼ି ନ ଯାଇ ଅନସୂୟାକୁ ମଝିରେ ମଝିରେ କଠୋର ଗାଳି ଦେବାରେ ଲାଗିଲେ । ଗାଳି ମାଡ଼ ଖାଇବା ପରେ ଅନସୂୟା କେବଳ ଭୟରେ ଥରୁଥିଲା ଏବଂ ସବୁ କାମରେ ଗୋଳମାଳ କରିଦେଉଥିଲା, ଯାହା ପୁଣି ଗାଳି ଓ ମାଡ଼ର କାରଣ ହେଉଥିଲା । ଅନସୂୟା ଏଥରକ ସୁଧୀରକୁ ମଧ୍ୟ ସିଧା ଅନାଉ ନ ଥିଲା ଏବଂ ତା ପାଖରୁ ଦୂରରେ ରହିବାକୁ ଚେଷ୍ଟା କରୁଥିଲା ।

ସେଦିନ ସୁଧୀର ଅଫିସକୁ ବାହାରି ଖାଇବା ପାଇଁ ଯାଇ ବସିବାରେ ଅନସୂୟା କହିଲା, ରୋଷେଇ ଆଉ ଟିକିଏ ଡେରି ଅଛି । ସୁଧୀର ବିରକ୍ତିରେ କହିଲେ, ମୋ ଅଫିସ ବେଳ ହୋଇଗଲଣି, ମୁଁ ଆଉ ଅପେକ୍ଷା କରିପାରିବି ନାହିଁ ଏବଂ ବାହାରି ଗଲେ । ଶାଶୁ ଆସି ଅନସୂୟାକୁ ଗାଳିଦେଲେ ଏବଂ ଏଇ କଥା ପରେ ହିଁ ଯାଇ ଶ୍ୱଶୁର ସହିତ ଅନସୂୟାକୁ ମାରିଦେବାର ଯୋଜନା କଲେ । ଦୁହେଁ ମିଶି ଶେଷରେ ନିଷ୍ପତ୍ତି କଲେ ଯେ ତାକୁ କିରୋସିନ ଦ୍ୱାରା ଜାଳି ଦେଇ ଘଟଣାଟିକୁ ଆତ୍ମହତ୍ୟାର ରୂପ ଦିଆଯିବ ।

ଯୋଉଦିନ ସକାଳେ ଦେହ ଖରାପ ଥିବାରୁ ଅନସୂୟା ଠିକ୍ ସମୟରେ ବିଛଣାରୁ ଉଠିପାରିଲା ନାହିଁ, ସେଇ ଦିନଟିକୁ ସେମାନେ ଉପଯୁକ୍ତ ଦିନ ବୋଲି ଠିକ୍ କଲେ । ଶାଶୁ ଯାଇ କପଟ ସ୍ନେହରେ ଅନସୂୟାକୁ ଦେହ କ'ଣ ହୋଇଚି ବୋଲି ପଚାରିଲା ଏବଂ ସେଦିନର ରୋଷାଇ କାମ ତୁଲାଇଲା । ପୁଅ ଅଫିସକୁ ଓ ଝିଅ କଲେଜକୁ ଚାଲିଯିବା ପରେ ଶାଶୁ ଅନସୂୟାକୁ ବିଛଣାରୁ ଉଠାଇ ଖାଇବାକୁ କହିଲା । ଅବସନ୍ନ ହୋଇ ଅନସୂୟା ଆସି ଖାଇବା ପାଇଁ ବସିଲା, କିନ୍ତୁ କିଛି ଖାଇ ପାରିଲା ନାହିଁ । ତା'ର ଖାଇବାରେ ମିଶାଇଥିବା ନିଦ ଔଷଧ ବୃଥା ଗଲା ବୋଲି ଶାଶୁ କ୍ଷୁବ୍ଧ ହେଲା ଏବଂ ଅନସୂୟାକୁ ବିଛଣାରେ ଶୁଆଇ ପୁଣି ନିଦ ଔଷଧ ଆଣି ସ୍ନେହରେ ତାକୁ ଖୁଆଇଲା । ଅନସୂୟା ଔଷଧ ଖାଇ ପାଣି ପିଇଲା ଏବଂ ଖଟ ଉପରେ ଶୋଇ ନିଜ କଥା ଭାବିବାରେ ଲାଗିଲା ।

ନିଦରେ ତା'ର ଆଖି ବନ୍ଦ ହୋଇ ଆସୁଥିଲା; କିନ୍ତୁ ଜୋର କରି ନିଜକୁ ନିଦରୁ ନିବୃତ୍ତ ରଖି ସେ ତା'ର ପରିଚିତ ମୁହଁ ସବୁକୁ ମନେ ପକାଇଲା । ତା'ର

Digitized by srujanika@gmail.com

ବାପା ମା, ଭଇ, ବଡ଼ବାବୁ, ପାନ ଦୋକାନି, ରିକ୍ସାବାଲା ସମସ୍ତେ ତା' ଆଖି ଆଗରେ ଭସିଗଲେ । ଶାଶୂ ଆସି ତା'ର ଶୋଇବା ଘରେ ଦୁଇଟି କିରୋ-ସିନ ଟିଣ ଆଣି ରଖିଲା । ଅନସୂୟା ସୁଧୀର କଥା, ପୁଣି ତା'ର ଅଫିସର ସେଇ ସାଙ୍ଗଟି କଥା ମନେପକାଇଲା । ଶାଶୂ ସେ ଘରୁ ତାଙ୍କର ସବୁ ଭଲ ଜିନିଷମାନ ବାହାର କରିନେଲା । ଅନସୂୟା ଏଥରକ ତା'ର ମରି ଯାଇଥିବା ଝିଅଟି କଥା ମନେ ପକାଇଲା ଏବଂ ଏକ ମ୍ରିୟମାଣ ହସରେ ତା'ର ମୁହଁ ସାମାନ୍ୟ ଉଜ୍ଜ୍ୱଳ ହୋଇଗଲା । ଶାଶୂ ଏଥରକ ତା' ଉପରେ ଚାଦର ଘୋଡ଼ାଇ ଦେଇ ଶ୍ୱଶୁରଙ୍କୁ ଡାକିବା ପାଇଁ ଘରୁ ବାହାରକୁ ଚାଲିଗଲା ।

ଅନସୂୟା ଏଥରକ ବିଛଣାରୁ ଉଠି ବସିଲା । ତା' ଦେହରୁ ବର୍ତ୍ତମାନ ସମସ୍ତ କ୍ଳାନ୍ତି ଦୁର୍ବଳତା ଓ ଅସହାୟତା ଚାଲି ଯାଇଥିଲା ଏବଂ ତା'ର ମୁହଁରେ ଏକ ଅସମ୍ଭବ ପ୍ରସନ୍ନତା ଥିଲା । ସେ ନିଶ୍ଚିତ ପଦକ୍ଷେପରେ ଯାଇ ଭିତର ପାଖରୁ କବାଟ ବନ୍ଦ କଲା । ଦର୍ପଣ ପାଖରେ ଯାଇ ମୁଣ୍ଡ ବାଳକୁ ଠିକ୍ କରୁ କରୁ ସେ ନିଜ ମୁହଁକୁ ଅନାଇଲା । ତା' ଆଖିରେ ବର୍ତ୍ତମାନ ନିର୍ଣ୍ଣୟର ଅଦ୍ଭୁତ ପ୍ରଶାନ୍ତି ଥିଲା । ସେଠାରୁ ଆସି ସେ ବିଛଣା ଉପରେ ସବୁ କିରୋସିନ ଢାଳିଦେଲା । ତା' ପରେ ସେ ତା'ର ସ୍ଥିର ଓ ଅବିଚଳିତ ହାତରେ ଜାନିରୁ ଖୋଲି ଡିଆସିଲି ବାହାର କଲା । ଏଥରକ ଡିଆସିଲି ଜଳାଇବାବେଳେ ଅନସୂୟାର କୃଶକଳ୍ପ ଅଙ୍ଗୁଳିରେ କମ୍ପନର ଲେଶମାତ୍ର ନ ଥିଲା ।

Digitized by srujanika@gmail.com

୪. ସୁନନ୍ଦା

ଫେରନ୍ତୁ ଫେରି ଜୟଦେବ ଘରେ ପାଦ ଦେଇଛି କି ନାହିଁ ସୁନନ୍ଦା ତାକୁ କହିଲ, "ବୁଝିଲ, କାଲି ଆମେ ପିକ୍‌ନିକ୍‌ରେ ଯାଇଥିଲୁ ।" ଜୟଦେବ ଅଫିସ୍ କାମ ନେଇ ସାମାନ୍ୟ ଚିନ୍ତାଗ୍ରସ୍ତ ଥିଲ ଏବଂ କହିଲ, "ଆଛା ?" ତା' ପରେ ସେ ସୁନନ୍ଦାକୁ ତା'ର ଅନୁପସ୍ଥିତିରେ କେଉଁ କେଉଁ ଠାରୁ ଟେଲିଫୋନ ଆସିଥିଲ ସେ କଥା ପଗ୍ଚରିଲ । ତା'ର ଏତେ ବଡ଼ ଖବରଟା ଜୟଦେବର ବିନା ପ୍ରତିକ୍ରିୟାର 'ଆଛା'ରେ ଏପରି ବ୍ୟର୍ଥ ଯିବ, ଏ କଥା ସୁନନ୍ଦାକୁ ଭଲ ଲଗିଲ ନାହିଁ । ତେଣୁ ସେ ଅଳ୍ପ ସମୟ ପରେ ଜୟଦେବକୁ ଖାଇବାକୁ ଦଉ ଦଉ କହିଲ, "ଲେକ୍ ପାଖରେ ଏତେ ଭଲ ପିକ୍‌ନିକ୍ କରିବାର ଜାଗାଅଛି, ଆମେ ନିଶ୍ଚେ କେବେ ଯିବା ।" ଅଫିସ୍ ସମୟ ହୋଇ ଆସୁଥିବାରୁ ଜୟଦେବ ଘଡ଼ି ଦେଖିଲ ଏବଂ କହିଲା, "ହଁ, ଆର ରବିବାରକୁ ଗଲେ ହେବ ।"

ସୁନନ୍ଦା ଭାବିଥିଲ ସେ ପିକ୍‌ନିକ୍ କଥା କହିବା ମାତ୍ରେ ଜୟଦେବ ତାକୁ କେବେ କେଉଁଠାରେ କିଏ କିଏ ଆସିଥିଲେ ଇତ୍ୟାଦି ପ୍ରଶ୍ନମାନ କରି ବ୍ୟସ୍ତ କରିଦେବ । କିନ୍ତୁ ଜୟଦେବ ଥିଲ ଭିନ୍ନ ପ୍ରକୃତିର, ଅଯଥା କୌତୂହଳହୀନ ଲୋକ । ସୁନନ୍ଦାର ମନେ ପଡ଼ିଲ ଅନେକ ଦିନ ତଳେ, ତା'ର ବାହାଘରର ଅଳ୍ପ କିଛି କିଛିଦିନ ପରେ, ସେ ଜୟଦେବକୁ ତା'ର ଖୋଲୁ ନ ଥିବା ଛୋଟ ସୁଟକେସକୁ ଖୋଲିବାକୁ କହିଥିଲ । ଏଇ ଛୋଟ ସୁଟକେସରେ ତା'ର ଅନେକ ଛୋଟ ଛୋଟ ବ୍ୟକ୍ତିଗତ ଜିନିଷମାନ ଥିଲ, ଯଥା, ତା'ର ଭିନ୍ନ ଭିନ୍ନ ବୟସର ଫଟୋ, ସାଙ୍ଗମାନଙ୍କ ପାଖରୁ ଆଣି ଲୁଚ୍ଚାଇ ପଢୁଥିବା ବହି, କିଏ ଦେଇଥିବା ରୁମାଲ, ଗୋଲପୀ ଓ ନୀଳ କାଗଜର ଚିଠି ଇତ୍ୟାଦି । ସୁଟକେସର ଚାବି ହଜି ଯାଇଥିଲ, କିନ୍ତୁ କଣାଦେଇ ଜୟଦେବ ଅତି ସହଜରେ ସୁଟକେସକୁ ଖୋଲିଦେଲ । ସୁନନ୍ଦା ଆଶା କରିଥିଲ, ଜୟଦେବ ସୁଟକେସକୁ ଖୋଲି ତା ଭିତରେ ଥିବା ବିଭିନ୍ନ ଅହେତୁକ ଜିନିଷ ସମ୍ପର୍କରେ ପ୍ରଶ୍ନ କରିବ ଏବଂ ସେମାନଙ୍କ ବିଷୟରେ ଧାରା ବିବରଣୀ ଦେଇ ସୁନନ୍ଦା ନିଜର ସଂପୂର୍ଣ୍ଣ ଅତୀତକୁ ଜୟଦେବ ଆଗରେ ଖୋଲିଦେବ । କିନ୍ତୁ ତାଲ ଖୋଲିଦେବା ପରେ ଜୟଦେବ ସୁଟକେସର ଡାଲ ଖୋଲିବାକୁ ମଧ୍ୟ ଚେଷ୍ଟା କଲନାହିଁ । ବରଂ ସୁନନ୍ଦା ଯେତେବେଳେ ତା'ର ଦୃଷ୍ଟି ଆକର୍ଷଣ କରିବା ପାଇଁ ସୁଟକେସ ଭିତରୁ ଗୋଲପୀ ଓ ନୀଳ ଚିଠିମାନ

Digitized by srujanika@gmail.com

ବାହାର କରିବାରେ ଲଗିଲା, ଜୟଦେବ ସେଠାରୁ ଉଠି ନିଜ କାମରେ ଚାଲିଗଲା ।

ସେଦିନ ଜୟଦେବ ଅଫିସକୁ ଚାଲିଯିବା ପରେ ସୁନନ୍ଦା ତା'ର ସେଇ ପୁରୁଣା ବାକସ ଖୋଲି ତା'ର ବହୁ ଦିନର ସଞ୍ଚିତ ଜିନିଷ ସବୁ ବାହାରକରି ଦେଖିଲା । ସେ ଦେଖିବାକୁ ଚାହୁଁଥିଲା ଏସବୁ ଜିନିଷ ଭିତରେ ଅରବିନ୍ଦ ସମ୍ପର୍କୀୟ କ'ଣ ଥାଇପାରେ । ସେ ମଳିନ ପଡ଼ି ଯାଇଥିବା ରୋମାଞ୍ଚକର ଉପନ୍ୟାସଟି ପଢ଼ିବାକୁ ଆରମ୍ଭ କଲା । କିଛି ପୃଷ୍ଠା ପଢ଼ିବା ପରେ ସେ ଜାଣିଲା ଯେ ଯେଉଁ ବହିଟିକୁ କଲେଜରେ ପଢ଼ିବା ବେଳେ ସେ ଅତ୍ୟନ୍ତ ଅଶ୍ଳୀଳ ବହିବୋଲି ମନେ କରିଥିଲା, ସେଇଟି ପ୍ରକୃତରେ ଏକ ଫିକା ପ୍ରେମ କାହାଣୀ ଥିଲା । ତଥାପି ସେ ବହିଟିକୁ ଶେଷ ପର୍ଯ୍ୟନ୍ତ ପଢିଲା ଏବଂ ଶେଷରେ ବିରକ୍ତ ହୋଇ ତାକୁ ଚିରିଦେଲା । ତା' ପରେ ସେ ତା'ର ଚିଠିସବୁ ଖୋଲି ଦେଖିଲା । ଏଥିରୁ ଅନେକ ଚିଠି ଏପରି ବନ୍ଧୁମାନଙ୍କ ପାଖରୁ ଥିଲା, ଯେଉଁମାନଙ୍କ କଥା ତା'ର ଆଦୌ ମନେ ନ ଥିଲା । ଚିଠିମାନଙ୍କ ମଧ୍ୟରୁ ଅଧିକାଂଶ 'ତମର ମାନସୀ' ପାଖରୁ ଥିଲା ଏବଂ ସେ ସବୁରେ ଅତି ସଂଯତ ଭାଷାରେ ଭଲ ପାଇବାର ପ୍ରଚ୍ଛନ୍ନ ପ୍ରତିଶ୍ରୁତି ଓ ନିବେଦନ ଥିଲା । ସୁନନ୍ଦାର ବର୍ତ୍ତମାନ ଯେତେଦୂର ମନେ ପଡ଼ିଲା, ତା'ର ଜଣେ ବାନ୍ଧବୀ ତାକୁ ସେମାନଙ୍କର ଚୁକ୍ତି ଅନୁଯାୟୀ 'ମାନସୀ' ଛଦ୍ମ ନାମରେ ଚିଠିସବୁ ଲେଖିଥିଲା । ଅନ୍ୟ ଚିଠି ଭିତରୁ ଅନେକ ଚିଠି ନିତାନ୍ତ ମାମୁଲି ସୌଜନ୍ୟପୂର୍ଣ୍ଣ ଚିଠିଥିଲା, ଯାହା ସୁନନ୍ଦା ବୋଧହୁଏ ସେତେବେଳେ ସେଇ ବନ୍ଧୁମାନଙ୍କ ସହିତ ତା'ର ଗଭୀର ସମ୍ପର୍କ ଦୃଷ୍ଟିରୁ ସଞ୍ଚୟ କରି ରଖିଥିଲା । କିନ୍ତୁ ସେମାନଙ୍କ ସହିତ ବର୍ତ୍ତମାନ ତା'ର କୌଣସି ସମ୍ପର୍କ ନ ଥିଲା ଏବଂ ସୁନନ୍ଦା ଏ ଚିଠିଗୁଡ଼ିକ ମଧ୍ୟ ଚିରିଦେଲା । ପୁରୁଣା ବନ୍ଧୁମାନଙ୍କ ଭିତରୁ ବର୍ତ୍ତମାନ ତା'ର ସମ୍ପର୍କ ଥିଲା ଏକମାତ୍ର ସମିତା ସହିତ, ଯେ କି ସେମାନଙ୍କ ଘର ପାଖରେ ରହୁଥିଲା । କିନ୍ତୁ ସେ ପୁରୁଣା ଚିଠି ଭିତରେ ସମିତାର କୌଣସି ଚିଠି ନ ଥିଲା ।

ବହି ଓ ଚିଠି ସବୁକୁ ଚିରି ଦେଇ ସେ ଅଧା ବ୍ୟବହାର ହୋଇଥିବା ନୀଳ ରଙ୍ଗର ଚିଠି ଲେଖା କାଗଜ ପ୍ୟାଡ୍‌କୁ ଅଲଗା କରି ରଖିଲା ଓ ବାକ୍ସରେ ଥିବା ଅନ୍ୟ ଜିନିଷମାନଙ୍କରେ ମନଦେଲା । ବର୍ତ୍ତମାନ ଚିହ୍ନିପାରୁ ନ ଥିବା ଏବଂ ଚିହ୍ନିପାରିଲେ ମଧ୍ୟ ତା'ର କୌଣସି କୌତୂହଳ ନ ଥିବା ଅନେକ ମୁହଁର ଫଟୋଗ୍ରାଫକୁ ସେ ଚିରିଦେଲା ଓ ଅବଶିଷ୍ଟ ନିଜସ୍ୱ ଫଟୋସବୁ ନେଇ ସେମାନଙ୍କର ନୂଆ ଆଲବମ ଭିତରେ ରଖିଲା । ମୀନାକାମର ଛୋଟ କୃଷ୍ଣଙ୍କର ଚିତ୍ରକୁ ସେ ନେଇ ପୂଜାଘରେ ରଖିଲା ଏବଂ ତା'ର ସ୍କୁଲବେଳର ଗାର୍ଲ

Digitized by srujanika@gmail.com

ଗାଇଡ୍‌ର ବ୍ୟାକଟିକୁ ସେ ଝରକା ଦେଇ ବାହାରକୁ ଫିଙ୍ଗିଦେଲା । ଏଇପରି ଭବରେ ସଂପୂର୍ଣ୍ଣ ବାକ୍‌ସଟି ଖାଲି ହୋଇଯିବା ପରେ ମଧ୍ୟ ସେଥିରୁ ଅରବିନ୍ଦ ସମ୍ପର୍କୀୟ କୌଣସି ଜିନିଷ ବାହାରିଲା ନାହିଁ ଦେଖି ସୁନନ୍ଦା ଏକାଧାରରେ ସାମାନ୍ୟ ନିରାଶ ଓ ଆନନ୍ଦିତ ହେଲା ।

ଅରବିନ୍ଦ ସହିତ ତା'ର କଲେଜ ବେଳର ସମ୍ପର୍କକୁ ସୁନନ୍ଦା ବର୍ତ୍ତମାନ ସମୟର ନିରାପଦ ଦୂରତ୍ୱରୁ ସଠିକ ଭବରେ ଅନୁଧ୍ୟାନ କରିବାକୁ ଚେଷ୍ଟାକଲା । ଅରବିନ୍ଦ ତା'ର ଦୁଇ କ୍ଲାସ–ନା, ଗୋଟିଏ କ୍ଲାସ, ନା, ଦୁଇ କ୍ଲାସ–ଉପରେ ପାଠ ପଢୁଥିଲା । ସେ ସୌମ୍ୟ ଦର୍ଶନ ଥିଲା ଏବଂ କଲେଜ ପତ୍ରିକାରେ କବିତା ଲେଖୁଥିଲା । ଏଇ ପିଲାଟି ସହିତ ତା'ର ସାମାନ୍ୟ ମାତ୍ର ପରିଚୟ ଥିଲା, କିନ୍ତୁ ସୁନନ୍ଦା ନିଜର ମନ ଭିତରେ ତାକୁ ନେଇ ଏକ ରୋମାଣ୍ଟିକ ସମ୍ପର୍କର କଳ୍ପନା କରି ନେଇଥିଲା । ସେମାନଙ୍କର ମଝିରେ ମଝିରେ ସାକ୍ଷାତ ହେଉଥିଲା କଲେଜ କରିଡରରେ । ସେ ସମୟରେ କ୍ଲାସର ଝିଅମାନେ ପ୍ରତିରକ୍ଷା ଦୃଷ୍ଟିରୁ ଦଳ ଦଳ ହୋଇ ଯିବା ଆସିବା କରୁଥିଲେ ଏବଂ ଏଇ ଗୋଷ୍ଠୀରୁ ବାହାରି ଅରବିନ୍ଦ ପାଖକୁ ଯିବାବେଳେ ସୁନନ୍ଦାର ମୁହଁ ଲାଜ ଓ ଝାଳରେ ଆଚ୍ଛନ୍ନ ହୋଇ ଯାଉଥିଲା । ସେମାନଙ୍କର ସାକ୍ଷାତକାର 'ଆପଣ ଆଉ କ'ଣ କବିତା ଲେଖିଛନ୍ତି' ଏବଂ 'ଆପଣଙ୍କର ପଢ଼ାପଢ଼ି କେମିତି ଚାଲିଛି' ଭଳି ସୌଜନ୍ୟ ବିନମୟରେ ସୀମିତ ଥିଲା । ବର୍ଷକ ପରେ ମଧ୍ୟ ସେମାନଙ୍କ କଥାବାର୍ତ୍ତାର ବ୍ୟକ୍ତିଗତ ଘନିଷ୍ଠତା 'ଆପଣଙ୍କ ଭଇଙ୍କ ସହିତ ଦେଖା ହୋଇଥିଲା' ଠାରୁ ଆଉ ଆଗକୁ ଯାଇପାରି ନ ଥିଲା । ତଥାପି ସୁନନ୍ଦାକୁ ଏଇ ସାମାନ୍ୟ ସାକ୍ଷାତକାର ଅତି ଆନନ୍ଦ ଦେଉଥିଲା ଏବଂ ତା'ର ବାନ୍ଧବୀମାନଙ୍କର ଈର୍ଷା ବୋଧହୁଏ ଏଇ ଆନନ୍ଦର ଅନ୍ୟତମ କାରଣ ଥିଲା ।

ବିବାହର ପନ୍ଦର ବର୍ଷର ଅଭିଜ୍ଞତା ପରେ କଲେଜ ବେଳର କଥା ସୁନନ୍ଦାକୁ ବର୍ତ୍ତମାନ ଅତି ଅଦ୍‌ଭୁତ ବୋଧ ହେଉଥିଲା । ଅତି ସାଧାରଣ ସମ୍ପର୍କକୁ ସେ ଅତିରଞ୍ଜିତ କରି କାହିଁକି ଯେ ଏପରି ଏକ ରୋମାଞ୍ଚକର ରୂପ ଦେଇଥିଲା ଏବଂ ଅରବିନ୍ଦ ଓ ନିଜକୁ ନେଇ ଚମତ୍କାର ସ୍ୱପ୍ନମାନ ଦେଖୁଥିଲା, ସେ ବର୍ତ୍ତମାନ କଳ୍ପନା କରିପାରୁ ନ ଥିଲା । କଲେଜ ବେଳେ ସୁନନ୍ଦା ଅରବିନ୍ଦକୁ ଅନେକ ଦୀର୍ଘ ଚିଠି ଲେଖୁଥିଲା ଏବଂ ଏ ଚିଠିସବୁ ରୋମାଞ୍ଚିତ ଭବନାରେ ଭରପୂର ଥିଲା । ସୁନନ୍ଦା ଚିଠିର ପ୍ରାରମ୍ଭରେ ଅରବିନ୍ଦ ପାଇଁ ପ୍ରିୟତମ ହୃଦୟେଶ୍ୱର ଇତ୍ୟାଦି ପ୍ରାଚୀନ ସମ୍ବୋଧନରୁ ଆରମ୍ଭ କରି ଡାର୍ଲିଂ ଓ ସୁଇଟ୍‌ହାର୍ଟ ପର୍ଯ୍ୟନ୍ତ

Digitized by srujanika@gmail.com

ବ୍ୟବହାର କରୁଥିଲା ଏବଂ ଯଦିଓ ସାକ୍ଷାତ ସମୟରେ ସେମାନେ ପରସ୍ପରକୁ ଆପଣ ବୋଲି କହୁଥିଲେ, ଚିଠିରେ ସେ ତାକୁ ତମେ ବୋଲି ଲେଖୁଥିଲା । ଏ ଚିଠିଗୁଡ଼ିକୁ ସେ ସମ୍ପୂର୍ଣ୍ଣ କରିବା ସଙ୍ଗେ ସଙ୍ଗେ ଚିରି ଦେଉଥିଲା; କିନ୍ତୁ ଏଇ ଏକପକ୍ଷୀୟ ଚିଠିମାନଙ୍କ ମାଧ୍ୟମରେ ସେ ଅରବିନ୍ଦକୁ ନିଜପାଖକୁ ଆଣି ପାରୁଛି ବୋଲି ମନେ କରୁଥିଲା । ରାତିରେ ଶୋଇବା ବେଳେ ଅନେକ ସମୟଯାଏ ସେ ଅରବିନ୍ଦ କଥା ଭାବୁଥିଲା ଏବଂ ଏହା ତା'ର ସୁଖର ଏକ ସୁନ୍ଦର ମାଧ୍ୟମ ହେଉଥିଲା । ଅରବିନ୍ଦକୁ ଏଇ ସମୟମାନଙ୍କରେ ନିଜର ଭାବୀ ପତି ଭାବରେ କଳ୍ପନା କରି ସୁନନ୍ଦା ଲଜ୍ଜିତା ଓ ପୁଲକିତ ହେଉଥିଲା ।

ଯେତେବେଳେ ସୁନନ୍ଦା ଅରବିନ୍ଦକୁ ପ୍ରଥମ ପ୍ରକୃତ ଚିଠି ଲେଖିଲା; ସେଇଟି ଅତି ଛୋଟ ଏବଂ ଗେମାଞ୍ଚ-ରହିତ ଥିଲା । "ପ୍ରିୟ ଅରବିନ୍ଦ ବାବୁ", ସୁନନ୍ଦା ଲେଖିଥିଲା, "ଆପଣ ଭାଇଙ୍କ ପାଖକୁ ଦେଇଥିବା ଚିଠିଟି ପାଇବା ପୂର୍ବରୁ ଭାଇ ଏଠାରୁ ଚାଲିଯାଇଥିଲେ । ମୁଁ ଚିଠିଟି ତାଙ୍କ ନୂଆ ଠିକଣାରେ ପଠାଇ ଦେଇଛି । ଆପଣ ତଳ ଲିଖିତ ଠିକଣାରେ ତାଙ୍କ ପାଖକୁ ଲେଖି ପାରନ୍ତି । ନମସ୍କାର ସହ । ଆପଣଙ୍କର ସୁନନ୍ଦା ।" ଏତିକି ଲେଖିଲାବେଳେ ସୁନନ୍ଦାର ହାତ ଥରୁଥିଲା ଏବଂ ସେ ଭାବୁଥିଲା ଯେ କୌଣସି ଅଲୌକିକ ପ୍ରେରଣା ବଳରେ ଅରବିନ୍ଦ ତା'ର ଚିଠିରୁ ସେ କହିବାକୁ ଚାହୁଁଥିବା ଅନ୍ତର୍ନିହିତ ମର୍ମ ସବୁ ବୁଝି ପାରିବ ଏବଂ ସେ ଲେଖିଥିବା ଶବ୍ଦମାନଙ୍କରୁ ପ୍ରିୟତମ, ତମେ, ସ୍ନେହର ସହିତ ଇତ୍ୟାଦି ଗୋପନୀୟ ଅର୍ଥ ଆହରଣ କରିପାରିବ । ସୁନନ୍ଦା ଏ ଚିଠିର କୌଣସି ଉତ୍ତର ପାଇ ନ ଥିଲା, କିନ୍ତୁ ଅନେକ ଦିନ ପର୍ଯ୍ୟନ୍ତ ସେ ଅରବିନ୍ଦର ଚିଠିଟି, ଯାହାକୁ ସେ ଭାଇ ପାଖକୁ ପଠାଇ ନ ଥିଲା, ନିଜ ପାଖରେ ରଖିଥିଲା ଏବଂ ଚିଠିଟିକୁ ବାରମ୍ବାର ପଢ଼ି, ଦେଖି, ଛୁଇଁ ଅରବିନ୍ଦକୁ ନିଜର ନିକଟତର କରିବାକୁ ଚେଷ୍ଟା କରିଥିଲା । ଅବଶ୍ୟ ସେ ଚାହିଁଥିଲେ ସ୍ୱାଭାବିକ ଭାବରେ ଭାଇକୁ ଅରବିନ୍ଦ ବିଷୟରେ ପଚାରି ପାରିଥାନ୍ତା; କିନ୍ତୁ ସେ ଏ ବିଷୟରେ ଅହେତୁକ ଲଜ୍ଜା ଅନୁଭବ କରୁଥିଲା ଏବଂ ଅରବିନ୍ଦ ବିଷୟରେ ଆଉ କୌଣସି ଖବର ରଖିପାରି ନ ଥିଲା ।

ହଠାତ୍ ସେଦିନ, ଏତେ ବର୍ଷର ବ୍ୟବଧାନ ପରେ, ଅରବିନ୍ଦର ଖବର ଦେଲା ସମିତା । ଅରବିନ୍ଦ ସମିତାର ସ୍ୱାମୀର ବନ୍ଧୁ ଥିଲା ଏବଂ କାମରେ ତାଙ୍କ ସହରକୁ ଆସି ସମିତା ଘରେ ରହୁଥିଲା । ସମିତା ମଝିରେ ମଝିରେ ସୁନନ୍ଦାକୁ ଟେଲିଫୋନ କରୁଥିଲା ଏବଂ ତାକୁ ଅରବିନ୍ଦର ଆସିବା

Digitized by srujanika@gmail.com

ଖବର ଜଣାଇଥିଲା । ଜୟଦେବ କାମରେ ସହର ବାହାରକୁ ଯାଇଥିବାବେଳେ ଅରବିନ୍ଦର ଏପରି ହଠାତ ସେମାନଙ୍କ ସହରରେ ପହଞ୍ଚିବା ସୁନନ୍ଦାକୁ କିପରି ଅଦଭୁତ, ଦୈବପ୍ରେରିତ ମନେ ହେଲା । ଅରବିନ୍ଦକୁ ଦେଖା କରିବାପାଇଁ ତା'ମନରେ ପ୍ରବଳ ଇଛା ଥିଲା, କିନ୍ତୁ ସେ ନିଜର ସ୍ୱାମୀର ଉପସ୍ଥିତିରେ ହିଁ ଅରବିନ୍ଦ ସହିତ ସାକ୍ଷାତ କରିଥିଲେ ଖୁସି ହୋଇଥାନ୍ତା । ସେ ଯେପରି ଅଧିକ ଆଗ୍ରହୀ ଥିଲା ଜୟଦେବର ଅରବିନ୍ଦ ସହିତ ପରିଚୟ ବିଷୟରେ; କିନ୍ତୁ ପରଦିନ ହିଁ ଅରବିନ୍ଦ ଚାଲିଯିବାର ଥିଲା ଏବଂ ସେମାନଙ୍କର ସାକ୍ଷାତକାର ସମ୍ଭବ ନ ଥିଲା । ସମିତା ଯେତେବେଳେ ତାକୁ ରବିବାର ଦିନ ପିକ୍‌ନିକ୍ ଯିବା କଥା କହିଲା, ସୁନନ୍ଦା ପ୍ରଥମେ ମନା କରିଦେଲା । କିନ୍ତୁ ପୁଣି ସମିତା ଯେତେବେଳେ ଅରବିନ୍ଦକୁ ତାଙ୍କ ଘରକୁ ନେଇ ଆସିବା କଥା କହିଲା ସୁନନ୍ଦା କହିଲା, "ଆଚ୍ଛା; ମୁଁ ପିକନିକ୍‌କୁ ଆସିବି । ସେଇଠାରେ ଦେଖା ହେବ ।"

ସେମାନେ ଯେତେବେଳେ ରବିବାର ଦିନ ତାକୁ ସାଙ୍ଗରେ ନେବା ପାଇଁ ତା' ଘରକୁ ଆସିଲେ, ସୁନନ୍ଦାର ଅନେକ ବର୍ଷ ପରେ ଅରବିନ୍ଦ ସହିତ ଦେଖାହେଲା । ଅରବିନ୍ଦ ଜୟଦେବଠାରୁ ବେଶୀ ବୟସ ଦେଖା ଯାଉଥିଲା ଏବଂ ସେ ବର୍ତ୍ତମାନ ଜୟଦେବଠାରୁ ଦେଖିବାକୁ ମଧ୍ୟ କୌଣସି ଗୁଣରେ ବେଶୀ ସୁନ୍ଦର ନ ଥିଲା । ସେ ଚଷମା ଲଗାଉଥିଲା, କିନ୍ତୁ ତା'ର ଚଷମା ଜୟଦେବର ଚଷମା ଭଳି ବାଉଫୋକାଲ ଚାଳିଶା ଚଷମା କି ନା ସୁନନ୍ଦା ଜାଣିପାରିଲା ନାହିଁ । ଅରବିନ୍ଦ ବ୍ୟାଙ୍କରେ ଚାକିରି କରୁଥିଲା । ହଏତ ବହୁତ ଦିନରୁ ବିବାହ ମଧ୍ୟ କରି ସାରିଥିଲା ଏବଂ ଆଉ କବି ଭଳି ଦେଖାଯାଉ ନ ଥିଲା । ଜୟଦେବ ସହିତ ତାକୁ ବହୁତ ଭାବରେ ତୁଳନା କରିସାରିବା ପରେ ସୁନନ୍ଦା ସବୁ ବିଷୟରେ ଜୟଦେବକୁ ବେଶୀ ମାର୍କ ଦେଲା, କିନ୍ତୁ ଅରବିନ୍ଦ ତାକୁ ଯେତେବେଳେ କେମିତି ଅଛ—କେମିତି ଅଛନ୍ତି, ନୁହେଁ — ବୋଲି ପଚାରିଲା, ସୁନନ୍ଦାର ହୃଦୟର ଗତି ସାମାନ୍ୟ ଚଞ୍ଚଳ ହୋଇଗଲା । ଗାଡ଼ିରେ ବସିବା ବେଳେ ସୁନନ୍ଦା ଅତି ସତର୍କତାର ସହିତ ଅରବିନ୍ଦର ସ୍ପର୍ଶରୁ ନିଜର ଦେହକୁ ଯଥା ସମ୍ଭବ ଦୂରରେ ରଖିଲା ଏବଂ ଲେକ୍ ପାଖରେ ଓଦାଳ ଘାସ ଉପରେ ବସିବାବେଳେ ମଧ୍ୟ ସେ ଏ କଥା ପ୍ରତି ସଚେତନ ରହିଲା ।

ଅବଶ୍ୟ ସୁନନ୍ଦାର ଏତେ ସତର୍କତାର କୌଣସି ପ୍ରୟୋଜନ ନ ଥିଲା, କାରଣ ଅରବିନ୍ଦର ତା' ପ୍ରତି କୌଣସି ଆଗ୍ରହ ବା କୌତୂହଳ ଥିବାର ଜଣା

Digitized by srujanika@gmail.com

ପଡୁ ନ ଥିଲା । ଅରବିନ୍ଦ ସମିତାର ସ୍ୱାମୀଙ୍କୁ ସେମାନଙ୍କ ଚାକିରିର ଭଲମନ୍ଦ ବିଷୟରେ କହୁଥିଲା ଏବଂ ସେମାନେ ପରସ୍ପରର ଦରମା, ମହଙ୍ଗାଭତ୍ତା ଇତ୍ୟାଦି ବିଷୟରେ ଗଭୀର ଆଲୋଚନାରେ ବ୍ୟସ୍ତ ଥିଲେ । ସୁନନ୍ଦା ସେମାନଙ୍କର କଥା ଶୁଣି ବୋର୍ ହେଉଥିଲା ଏବଂ ସେଠାରେ ଜୟଦେବର ଉପସ୍ଥିତି ଚାହୁଁଥିଲା । ସେ ଭାବିଥିଲା, ସମିତା ଆସି ସେମାନଙ୍କର କଲେଜ ବେଳର କଥା ମନେ ପକାଇ କଥାର ମୋଡ଼କୁ ବଦଳାଇବ, କିନ୍ତୁ ସମିତା ଖାଇବା ଜିନିଷକୁ ସଜାଡ଼ିବାରେ ବ୍ୟସ୍ତ ଥିଲା । ଏଇପରି ଭାବରେ ପିକ୍‌ନିକ୍‌ଟି ସୁନନ୍ଦା ପାଇଁ ଆନନ୍ଦ ରହିତ ଥିଲା ଏବଂ ଅରବିନ୍ଦ ସହିତ ତା'ର କଥାବାର୍ତ୍ତା ଆଦୌ ଭାବ-ଉଦ୍ଦୀପକ ନ ଥିଲା । ସୁନନ୍ଦାର ମନେ ପଡ଼ିଲା କଲେଜବେଳେ ସମିତା ତା'ର ଓ ଅରବିନ୍ଦର ସମ୍ପର୍କକୁ ନେଇ ତାକୁ ଅନେକ ପ୍ରକାର ପରିହାସ କରୁଥିଲା । ସୁନନ୍ଦା ଆଶା କରୁଥିଲା ସମିତା ତାକୁ ସେଇ କଲେଜ ବେଳର କଥା ମନେ ପକାଇ ଲଜ୍ଜିତ କରାଇବ । କିନ୍ତୁ ହୁଏତ ସମିତା ସେ ସବୁ କଥା ଭୁଲି ଯାଇଥିଲା ଅଥବା ବର୍ତ୍ତମାନ ଜାଣିଶୁଣି ସେ ସୁନନ୍ଦା ଶୁଣିବାକୁ ଚାହୁଁଥିବା କଥାରୁ ତାକୁ ବଞ୍ଚିତ କରୁଥିଲା ।

ପିକ୍‌ନିକ୍‌ରୁ ଫେରି ସୁନନ୍ଦା ଅତ୍ୟନ୍ତ ନିରାଶ ବୋଧକଲା । ସେ ଭାବିଥିଲା ଅରବିନ୍ଦ ସହିତ ତା'ର ପୁନର୍ବାର ସାକ୍ଷାତକାର ତା'ର ଅନେକ ଦିନ ତଳର ରୋମାଞ୍ଚକର କଳ୍ପନାର ଏକ ପୁନରାବୃତ୍ତି ହେବ ଏବଂ ଏଥିପାଇଁ ସେ ଜୟଦେବ ପାଖରେ ନିଜକୁ ଅପରାଧୀ ମନେ କରିବ । କିନ୍ତୁ ବର୍ତ୍ତମାନର ଅନୁଭୂତି ତା' ପାଇଁ କେବଳ ରୋମାଞ୍ଚ-ରହିତ ନୁହେଁ ବରଂ ଅତ୍ୟନ୍ତ ଗଦ୍ୟମୟ ଥିଲା; ଯାହା ତା'ର ପୁରୁଣା ଜୀବନର ଭାବପ୍ରବଣ ଅନୁଭବର ଯଥାର୍ଥତା ପ୍ରତି ସନ୍ଦେହ ଜନ୍ମାଇ-ଥିଲା । କିନ୍ତୁ ସୁନନ୍ଦା କଲେଜବେଳେ ଅରବିନ୍ଦ ପାଖକୁ ଲେଖିଥିବା ଅସଂଖ୍ୟ ପ୍ରେମପତ୍ର କଥା ମନେ ପକାଇଲା ଏବଂ ମନେ ମନେ ଜୟଦେବ ପାଖରୁ କ୍ଷମା ଚାହିଁଲା ।

ସେଦିନ ଜୟଦେବ ଅଫିସରୁ ଫେରିବା ପରେ ସୁନନ୍ଦା ପୁଣି ଥରେ ସେମାନଙ୍କର ପିକ୍‌ନିକ୍ କଥା ଉପସ୍ଥାପିତ କରି ତାକୁ କହିଲା, "ଆମେ ପିକ୍‌ନିକ୍ ଯିବା ଦିନ ସମିତାର ସ୍ୱାମୀ ତମକୁ କାହିଁକି ଖୋଜୁଥିଲେ ।" ପିକ୍‌ନିକ କଥାକୁ ଏଡ଼ାଇ ଦେଇ ଜୟଦେବ କହିଲା, "କୋଉ ବିଷୟରେ କିଛି କହୁଥିଲେ କି ?" ସୁନନ୍ଦା ସାମାନ୍ୟ ବିରକ୍ତିର ସହିତ କହିଲା, "ନା ।" ସେଦିନ ଶୋଇ ଶୋଇ ବହି ପଢୁଥିବାବେଳେ ସୁନନ୍ଦା ଜୟଦେବକୁ କହିଲା, "ଆର ରବିବାର ଦିନ ପିକ୍‌ନିକ୍ ଯିବା କଥା ମନେ ରହିଲା ତ ?" ଜୟଦେବ ଅନ୍ୟମନସ୍କ ଭାବରେ

Digitized by srujanika@gmail.com

କହିଲା, "ଚବିଶ ତାରିଖ ତ ? ଓମେ ସମସ୍ତଙ୍କୁ ଖବର ଦେଇଦେବ ।" କିନ୍ତୁ ରବିବାର ଦିନ ପିକ୍‌ନିକ୍ ଯିବା କଥା ହେଲାନାହିଁ । ପ୍ରକୃତ ପକ୍ଷରେ ସୁନନ୍ଦା ହିଁ ଏଥିପାଇଁ କୌଣସି ଯତ୍ନ କଲାନାହିଁ । କାରଣ ଏତେ ଶୀଘ୍ର ପୁଣି ଥରେ ପିକ୍‌ନିକ୍ ଯିବାପାଇଁ ସମିତାକୁ ଡାକିବା ତାକୁ ଆଦୌ ଯୁକ୍ତିଯୁକ୍ତ ମନେ ହେଲା ନାହିଁ ।

ତା'ପରେ ବିଭିନ୍ନ ପ୍ରକାର ଭବରେ ସୁନନ୍ଦା ଜୟଦେବ ଆଗରେ ସେମାନଙ୍କର ପିକ୍‌ନିକ୍ ଯାଇଥିବା କଥା ଉତ୍‌ଥାପନ କରିବାକୁ ଚେଷ୍ଟା କଲା । ଯଥା : ଆମେ ଯୋଉଦିନ ପିକ୍‌ନିକ ଯାଉଥିଲୁ, ତା' ପରେ ଆଉ ବର୍ଷା ହୋଇ ନାହିଁ । ଅଥବା ଲେକ୍ ଯିବାର ରାସ୍ତା ବହୁତ ଖରାପ । ଅଥବା, ସମିତା ଖୁବ୍ ଭଲ ସ୍ୟାଣ୍ଡଉଇଚ ତିଆରି କରି ପାରେ । ଜୟଦେବ, ଯେ କି ଅତ୍ୟନ୍ତ ସିଧା ପ୍ରକୃତିର ଥିଲା, ସୁନନ୍ଦାର ଇଙ୍ଗିତପୂର୍ଣ୍ଣ କଥା ସବୁ ବୁଝିପାରୁ ନ ଥିଲା ଏବଂ ଏପରି ସବୁ ଉତ୍ତର ଦେଉଥିଲା ଯାହା ସୁନନ୍ଦା ପାଇଁ ନୈରାଶ୍ୟଜନକ ଥିଲା । ଯଥା : ଖବର କାଗଜରେ ବାହାରି ଥିଲା ମନ୍‌ସୁନ ଏଥର ଦଶଦିନ ଡେରିରେ ଆସିବ । ଅଥବା ମ୍ୟୁନିସିପାଲିଟିର ନୂଆ ନିର୍ବାଚନ ପର୍ଯ୍ୟନ୍ତ କାମ ସବୁ ଏମିତି ଚାଲିଥିବ । ଅଥବା ତମେ ସେଇ ନୂଆ ରେସ୍ତୋରାଁରେ ଖାଇଛ ? ଏପରିକି ଯୋଉଦିନ ସୁନନ୍ଦା ଜୟଦେବକୁ ବାଧ୍ୟକରି ସମିତା ଘରକୁ ନେଇଗଲା, ସେଠାରେ ମଧ୍ୟ କେହି କଥାବାର୍ତ୍ତାରେ ପିକ୍‌ନିକ୍ କଥା ଅଥବା ସେଥିରେ ତା'ର ଓ ଅରବିନ୍ଦର ଏକତ୍ର ଉପସ୍ଥିତିର ସଂଯୋଗ ବିଷୟରେ କହିଲେ ନାହିଁ । ସୁନନ୍ଦା ଯେତେବେଳେ ସମିତାକୁ 'ଆମେ ଆଉଥରେ ପିକ୍‌ନିକ୍ ଯିବା' ବୋଲି କହିଲା, ସେଇ ମୁହୂର୍ତ୍ତରେ ସମିତାର ସ୍ୱାମୀ ଅଫିସ୍‌ର କୌଣସି ଏକ ଗୁରୁତର କଥା କହି ଜୟଦେବର ଧ୍ୟାନ ଆକର୍ଷଣ କରିନେଲା ।

ଏପରି ଭବରେ ବାରମ୍ବାର ବିଫଳ ହୋଇ ସୁନନ୍ଦା ଶେଷରେ ସିଧାସଳଖ ଜୟଦେବକୁ ପିକ୍‌ନିକ୍ କଥା କହିବ ବୋଲି ଠିକ୍ କଲା । ଜୟଦେବ ଅଫିସକୁ ବାହାରିବାବେଳେ ଅନେକ ସାହସ ସଞ୍ଚୟ କରି ସୁନନ୍ଦା ତାକୁ 'ତମ ସାଙ୍ଗରେ ଜରୁରୀ କଥା ଅଛି, ଅଫିସରୁ ଫେରିଲେ କହିବି' ବୋଲି କହିଲା । ଯଦି ଅଫିସରୁ ଫେରି ଜୟଦେବ ତାକୁ ସେଇ ଜରୁରୀ କଥା ବିଷୟରେ ପଚାରିଥାନ୍ତା, ସୁନନ୍ଦା ହୁଏତ ତାକୁ ସବୁକଥା କହିଥାନ୍ତା । କିନ୍ତୁ ଜୟଦେବ ତାକୁ କିଛି ପଚାରିଲା ନାହିଁ ଏବଂ ସୁନନ୍ଦା ପକ୍ଷରେ ଏ କଥା ଉଠାଇବା ସମ୍ଭବ ହେଲା ନାହିଁ । ସୁନନ୍ଦା ଏଥରକ ବେଶୀ ବେଶୀ ବ୍ୟତିବ୍ୟସ୍ତ ହେଲା ଏବଂ ପିକ୍‌ନିକ୍ ଘଟଣାଟି ତା'ର ମନ ଭିତରେ ଏକ ଭର ସ୍ୱରୂପ

Digitized by srujanika@gmail.com

ରହିଲା । ସେଦିନ ଜୟଦେବ ଅଫିସ ଚାଲିଯିବା ପରେ ସେ ନିଜର ମନ ଘରି କଲା ଏବଂ ସେଇ ପୁରୁଣା ନାଲି ରଙ୍ଗର କାଗଜ ଆଣି ଜୟଦେବ ପାଖକୁ ଚିଠି ଲେଖିବାକୁ ବସିଲା ।

ପ୍ରିୟତମ ହୃଦୟେଶ୍ୱର ଇତ୍ୟାଦି ଦେଇ ଆରମ୍ଭ କରିଥିବା ଚିଠିମାନ ସେ ଚିରି ଦେଲା ଏବଂ ଏଥରକ ସେ ସିଧାସାଦା ଚିଠି ଲେଖିଲା : ମୁଁ ତମକୁ ଅନେକ ଦିନରୁ ସେ ଦିନର ପିକ୍‌ନିକ୍‌ ଯିବାକଥା କହିବି ବୋଲି କହିପାରୁ ନାହିଁ । ପିକ୍‌ନିକରେ ଅରବିନ୍ଦ ମଧ୍ୟ ଥିଲା, ଯେ ମୋର କଲେଜ ବେଳର ଚିହ୍ନା । ଯଦିଓ ମୋର ବନ୍ଧୁମାନେ ଅରବିନ୍ଦ ଓ ମତେ ନେଇ ଅନେକ ପ୍ରକାର କଥା କହୁଥିଲେ, ବିଶ୍ୱାସ କର, ଆମ ଭିତରେ ସେ ଭଳି କୌଣସି ସମ୍ପର୍କ ନ ଥିଲା । ଏପରି କି ସେଦିନ ପିକ୍‌ନିକ୍‌ରେ ମଧ୍ୟ ମୁଁ ଅରବିନ୍ଦ ସହିତ ବେଶୀ କଥାବାର୍ତ୍ତା କରି ନ ଥିଲି । ତଥାପି ତମର ଅନୁପସ୍ଥିତିରେ ଅରବିନ୍ଦ ସହିତ ସେଇ ପିକ୍‌ନିକ୍‌କୁ ଯିବା ମୋର ଉଚିତ ନ ଥିଲା । ଆଶା ତମେ ଭୁଲ ବୁଝିବ ନାହିଁ । ସେ ଚିଠିଟିକୁ ବାରମ୍ବାର ପଢ଼ିଲା ଓ ଶେଷରେ ନେଇ ଜୟଦେବର ଟେବୁଲ ଉପରେ ରଖିଲା ।

ଏବଂ ସେଦିନ ଜୟଦେବ ଅଫିସରୁ ଫେରିବା ପୂର୍ବରୁ ସେ ସେଠାରୁ ଚିଠିଟି ନେଇ ଆସି କଲେଜବେଳେ ଅରବିନ୍ଦ ପାଖକୁ ଲେଖିଥିବା ଅସଂଖ୍ୟ ଚିଠିଭଳି ତାକୁ ମଧ୍ୟ ଚିରି ପକାଇଦେଲା ।

—o—

Digitized by srujanika@gmail.com

୬. ସ୍ମୃତି

ସୋମନାଥ ମରିବାର ପାଞ୍ଚ ଦିନ ହେଲଣି, ସ୍ମୃତି ଆଜି ନ ଖାଇ ନ ପିଇ ବିଛଣାରେ ପଡ଼ି ରହିଛି । ଏପରିକି ମନନ ଆଡ଼କୁ ବି ଅନାଉ ନାହିଁ । ତାର କାନ୍ଦ ବନ୍ଦ ହୋଇ ଯାଇଛି, କିନ୍ତୁ ସେ ଚୁପ୍‌ଚାପ୍ ପଡ଼ି ରହି ଭାବୁଛି, କାହିଁକି ତା ପ୍ରତି ଏଭଳି ଅନ୍ୟାୟ ହେଲା !

ସୋମନାଥକୁ ବାହା ହେଲାବେଳେ ତାର ବୟସ ଥିଲା ସତର ବର୍ଷ । ଗାଁ ସ୍କୁଲରୁ ବର୍ଷକ ଆଗରୁ ମାଟ୍ରିକ୍ ପାସ କରିଥିଲା । ବାହା ହେବା ପରେ ପରେ ସୋମାନାଥ ସହିତ ସହରକୁ ଚାଲି ଆସିଲା । ସହର ସହିତ ତାର ଏଇଟି ପ୍ରଥମ ପରିଚୟ ଥିଲା; ଆଗରୁ କେବେ ଗାଁରୁ ବାହାରକୁ ବାହାରି ନ ଥିଲା ସେ । ବାହାଘରର ଆଠଦିନ ପରେ ଜିନିଷପତ୍ର ସାଙ୍ଗରେ ଧରି ଆସି ସଂଧ୍ୟାବେଳେ ଭଡ଼ାଘରେ ପହଞ୍ଚିବା କଥା ଏବେ ବି ତାର ମନେଅଛି । ସହରରେ ଏତେ ଲୋକବାକ୍, ଦୋକାନ ବଜାର, ଗାଡ଼ି ମଟର ଦେଖି ସେ ପ୍ରଥମେ ହତଚକିତ ହୋଇ ଯାଇଥିଲା । ଘର ଭିତରେ ପଶି ତାକୁ ଅଣନିଶ୍ୱାସୀ ଲାଗିଲା । ଛୋଟ ଛୋଟ ଦି' ବଖରା ଘର । ବାହାରକୁ ଓହ୍ଲାଇଲେ ରାସ୍ତା, ଲୋକ ଗହଳି । ଟିକିଏ ବି ଖୋଲା ଜାଗା ନାହିଁ ଆଗରେ ପଛରେ ।

ବିବାହର ନୂଆ ନୂଆ ଦିନ ସବୁ ଆନନ୍ଦରେ କଟିଗଲା । ଅଳ୍ପ କିଛି ଦିନରେ ସହରର ଚାଲିଚଳନ ତାକୁ ଶିଖାଇଦେଲା ସୋମନାଥ । କିନ୍ତୁ ବାହାରକୁ ବାହାରିବାକୁ ସବୁବେଳେ ସ୍ମୃତିର ଭୟ । ସୋମନାଥ ସକାଳ ସାଢ଼େ ନ'ଟାରେ ବାହାରି ବ୍ୟାଙ୍କକୁ ଯିବା ସମୟଠାରୁ ସଂଧ୍ୟାରେ ଫେରି ଆସିବା ପର୍ଯ୍ୟନ୍ତ କବାଟ ବନ୍ଦ କରି ଭିତରେ ରହିଥାଏ ସ୍ମୃତି । ସୋମନାଥ ଦିନେ ତାକୁ ଜବରଦସ୍ତି ବାହା-ରକୁ ଡାକିନେଲା । ଗଳି ମୁଣ୍ଡରେ ଛୋଟ ଛୋଟ ଦୋକାନ ସବୁ ଥିଲା । ସେମାନାଥ କହିଲା "ଘରେ କେବେ କଣ ଜିନିଷ ସରିଗଲେ ଏଠୁ ଆସି ଜିନିଷ ନେଇଯିବ ।" ସ୍ମୃତି ହଁ ଭରିଲା, କିନ୍ତୁ ସେ ଘରେ ସେମାନେ ଯେତେଦିନ ଥିଲେ କେବେହେଲେ ଏକା ରାସ୍ତାକୁ ପାଦ ପକାଇ ନ ଥିଲା । ମଝିରେ ମଝିରେ ସୋମନାଥ ତାକୁ ସିନେମା ଦେଖାଇ ନେଇ ଯାଉଥିଲା । ସ୍ମୃତିର ସିନେମା ଦେଖିବାକୁ ଇଚ୍ଛା ଥିଲା, କିନ୍ତୁ ରାସ୍ତାସାରା ଏତେ ଭିଡ଼ ଆଉ ସିନେମା ହଲରେ

Digitized by srujanika@gmail.com

ଠେଲାପେଲାରେ ସେ ଅଣନିଶ୍ୱାସୀ ହୋଇ ଯାଉଥିଲା । ଘରକୁ ଫେରିଲେ ଯାଇ ସେ ଶାନ୍ତିର ନିଶ୍ୱାସ ନେଉଥିଲା ।

ସୋମନାଥ ଖାଇବାକୁ ଭଲପାଉଥିଲା ଏବଂ ସ୍ମୃତି ସାରଦିନ ରୋଷେଇ ଓ ଘରକାମରେ ଲାଗି ରହୁଥିଲା । ଖାଲି ସମୟରେ ସେ ଖବରକାଗଜକୁ ମୂଳରୁ ଶେଷ ପର୍ଯ୍ୟନ୍ତ ପଢୁଥିଲା ଏବଂ ଇଚ୍ଛା ହେଲେ ରେଡିଓ ଶୁଣୁଥିଲା । ସୋମନାଥ ଧୀର ସ୍ଥିର ପ୍ରକୃତିର ଥିଲା ଏବଂ ଅଫିସ ଛୁଟି ହେଲେ ସିଧା ଘରକୁ ଚାଲି ଆସୁଥିଲା । ତାର ଅଫିସ ଛଡ଼ା ସବୁ ସମୟ ସ୍ମୃତି ସହିତ କଟୁଥିଲା । କେବେ କେମିତି ଅଫିସର କେହି ସାଙ୍ଗ ତାଙ୍କ ଘରକୁ ଆସିଲେ ସ୍ମୃତି ତାଙ୍କ ପାଇଁ ଚା' ଜଳଖିଆ କରି ଦେଉଥିଲା, କିନ୍ତୁ ରୋଷେଇ ଘରୁ ବାହାରକୁ ବାହାରୁ ନ ଥିଲା; ସୋମନାଥକୁ ଭିତରୁ ଚା' ଜଳଖିଆ ଆଣି ପରଷିବାକୁ ପଡୁଥିଲା । ଦିନେ ଜଣେ ସାଙ୍ଗ ତାଙ୍କ ସ୍ତ୍ରୀକୁ ଧରି ତାଙ୍କ ଘରକୁ ଆସିଲେ; ସ୍ମୃତି ସ୍ତ୍ରୀକୁ ଭିତର ଘରକୁ ଡାକି ନେଇ ତା ସହିତ କଥାବାର୍ତ୍ତା କଲା, କିନ୍ତୁ ବାହାରକୁ ବାହାରିଲା ନାହିଁ । ସୋମନାଥ ସବୁବେଳେ ତାକୁ କହୁଥିଲା, "ସହରର ଚାଲିଚଳନ, ଆଦବ କାଇଦା ଅଲଗା; ଏଥରକ ଟିକିଏ ସହରୀ ହେବାକୁ ଶିଖ ।" ସ୍ମୃତି କହୁଥିଲା, "ମୋ ଗାଁ ମତେ ଭଲ ।" ସୋମନାଥ କହୁଥିଲା, "ମଫସଲୀ" ।

ମନନ ଯେତେବେଳେ ଗର୍ଭକୁ ଆସିଲା, ସ୍ମୃତି କହିଲା, "ମତେ ଗାଁରେ ଛାଡ଼ିଦେଇ ଆସ ।" ସୋମନାଥ ତାକୁ ବୁଝାଇଲା ଯେ ଗାଁରେ ଭଲ ଡାକ୍ତର ମିଳିବେ ନାହିଁ; ପ୍ରଥମ ପ୍ରସବ ବେଳେ କେତେବେଳେ କ'ଣ ସୁବିଧା ଅସୁବିଧା । ତଥାପି ଗାଁକୁ ଯିବାକୁ ଜିଦ୍ ଧରିଲା ସ୍ମୃତି । କହିଲା, "ସବୁ ଝିଅମାନେ ପିଲା ଜନ୍ମ କରିବାକୁ ବାପ ଘରକୁ ଯା'ନ୍ତି ।" ବାଧ୍ୟକରି ସୋମନାଥ ତାକୁ ନେଇ ଜଣେ ଲେଡି ଡାକ୍ତରଙ୍କୁ ଦେଖାଇଲା । କେଜାଣି କାହିଁକି ସ୍ମୃତି ହଠାତ୍ ସେଇ ଡାକ୍ତରଣୀଙ୍କୁ ଅତି ଆପଣାର କରିନେଲା । ଡାକ୍ତରଖାନାରୁ ଫେରିବା ବେଳେ କହିଲା, "ଠିକ୍ ଅଛି । ମୁଁ ଗାଁକୁ ଯିବିନାହିଁ । ତେବେ ଏଇ ଡାକ୍ତରାଣୀଙ୍କ ପାଖରେ ମୋର ସବୁ ବ୍ୟବସ୍ଥା କରିଦେବ ।"

ମନନର ଜନ୍ମ ବେଳକୁ କୌଣସି ଅସୁବିଧା ହେଲାନାହିଁ । ତେବେ ସ୍ମୃତି ଦିନକରୁ ବେଶୀ ଡାକ୍ତରଖାନାରେ ରହିବାକୁ ରାଜି ହେଲାନାହିଁ । ଡାକ୍ତରାଣୀଙ୍କୁ କହି ଘରକୁ ଚାଲିଆସିଲା । ତାକୁ ଘରେ ସାହାଯ୍ୟ କରିବାକୁ ତାର ମା ଓ ଭଉଣୀ ଆସି ପହଞ୍ଚିଲେ । କିନ୍ତୁ ସେମାନଙ୍କୁ ଶୀଘ୍ର ବିଦାୟ କରି ଦେଇ ସ୍ମୃତି ପୁଣି ଘରକାମ ସମ୍ଭାଳି ନେଲା । ଦୁର୍ବଳ ଶରୀରରେ ସ୍ମୃତି ଏତେ

Digitized by srujanika@gmail.com

କାମ କରୁଚି ବୋଲି ସୋମନାଥ ବ୍ୟସ୍ତ ହେଉଥିଲା । ଦିନେ ତାକୁ କହିଲା, "ମୁଁ କାମ କରିବା ପାଇଁ ଗୋଟାଏ ଲୋକ ଠିକ କରି ଦଉଚି ।" ସ୍ମୃତି କହିଲା, "ମୋ କାମ କଥା ଭାବିବା ଦରକାର ନାହିଁ । ମୋ କାମ ମୁଁ କରୁଚି; ତମ କାମ ତମେ କର ।" ତଥାପି ସୋମନାଥ ଆଶ୍ୱସ୍ତ ହେଲା ନାହିଁ ଏବଂ ସ୍ମୃତି ସହିତ ବ୍ୟବହାର କଲା ଯେମିତି ତାକୁ ଛୁଇଁଲେ ସେ ଭାଙ୍ଗିଯିବ ! ସେ ଆଉ ରାତିରେ ସ୍ମୃତି ପାଖକୁ ଗଲାନାହିଁ ।

ଦିନେ ରାତିରେ ସ୍ମୃତିକୁ ଅନିଦ୍ରାରେ ଛଟପଟ ହେବାର ଦେଖି ସୋମନାଥ କହିଲା, "କଣ ଦେହ କିଛି ଖରାପ ହେଲା ?" ସ୍ମୃତି କହିଲା, "ନା ।" ପୁଣି ପାଞ୍ଚ ମିନିଟ ପରେ ସ୍ମୃତିକୁ ନ ଶୋଇବାର ଦେଖି ସୋମନାଥ କହିଲା, "କଣ ହୋଇଚି ? " ସ୍ମୃତି କହିଲା, "ହଁ ମୋ ଦେହ ଖରାପ ହୋଇଚି । ଡାକ୍ତରଣୀ ଯୋଉ ଔଷଧ ଦେଇଥିଲେ, ସେଇ ଥାକରେ ଅଛି, ଆଣି ଦିଅ ।" ସୋମନାଥ ପ୍ୟାକେଟଟି ଖୋଲି ତା' ଭିତରେ ଜନ୍ମ ନିୟନ୍ତ୍ରଣର ସାମଗ୍ରୀ ଦେଖି ଜୋରରେ ହସିବାକୁ ଆରମ୍ଭ କରିଛି, ସ୍ମୃତି କହିଲା, "ଏବେ ହସିବା ଦରକାର ନାହିଁ । ଛୁଆ ଉଠିବ ।"

ଏଇ ସହରରେ ରହିବା ଭିତରେ ଆହୁରି ଦି' ଥର ଘର ବଦଳାଇଥିଲା ସୋମନାଥ । ପରବର୍ତ୍ତୀ ଭଡ଼ାଘରଟି ଥିଲା ପ୍ରଥମ ମହଲାରେ । ପ୍ରଥମେ ପ୍ରଥମେ ଅସୁବିଧା ଲାଗିଲା ସ୍ମୃତିକୁ ଏ ଘରେ ଚଳ ପ୍ରଚଳ ହେବା । ଏ ନୂଆ ଅଞ୍ଚଳ ମଧ୍ୟ ସ୍ମୃତିକୁ ଭଲ ଲାଗୁ ନ ଥିଲା । ସୋମନାଥ କହୁଥିଲା, "ତମେ ତ ଘରୁ ବାହାରୁ ନାହଁ । ଏ ଅଞ୍ଚଳଟା ଭଲ କି ମନ୍ଦ ତମର କ'ଣ ଅଛି ?" ସତକୁ ସତ କେବେ କ୍ୱଚିତ ଘରୁ ବାହାରି ତଳକୁ ଯାଉଥିଲା ସ୍ମୃତି । ସେଇ ଆସିବା ଦିନୁ ତାର ସହରକୁ ଯୋଉ ଭୟ ରହି ଯାଇଥିଲା, ତାର ଶେଷ ନ ଥିଲା । ଦିନେ ସୋମନାଥ ଅଫିସକୁ ଯାଇଛି, କିଏ କବାଟ ଖଟ ଖଟ କଲା । ସ୍ମୃତି ଛୁଆକୁ କୋଳରେ ଧରି ଯାଇ କବାଟ ପାଖରେ ଠିଆ ହେଲା, କିନ୍ତୁ କବାଟ ଖୋଲିଲା ନାହିଁ । ସଂଧ୍ୟାବେଳେ ସୋମନାଥ ଫେରିବାରୁ ସ୍ମୃତି ତାକୁ ଏ କଥା କହିଲା । ସୋମନାଥ କହିଲା, "ଡାକ୍‌ବାଲା ହୋଇଥିବ; ଏଇ ଚିଠିଟା ତଳେ ପଡ଼ିଥିଲା ।" ଆଉ ଦିନେ ସେମିତି କିଏ କବାଟ ବାଡ଼େଇବାରୁ ସ୍ମୃତି ଡାକବାଲା ଭାବି କହିଲା, "ଚିଠି ସେଇ ବାହାରେ ପକେଇ ଦିଅ ।" ବାହାରୁ ସୋମନାଥ କହିଲା, "ମୁଁ ।" ତାର ଦେହ ଖରାପ ଥିବାରୁ ସେ ଅଫିସରୁ ଶୀଘ୍ର ଚାଲି ଆସିଥିଲା । ଏ କଥାକୁ ନେଇ ସେମାନେ ଅନେକ ସମୟ ହସିଥିଲେ ଏବଂ ସୋମନାଥ ଅନେକ ସମୟରେ ଏ ବିଷୟ ମନେ ପକାଇ ସ୍ମୃତିକୁ ଉପହାସ କରୁଥିଲା ।

Digitized by srujanika@gmail.com

ମନନ ଟିକିଏ ବଡ଼ ହୋଇ ଚାଲିବାକୁ ଆରମ୍ଭ କରିବାରୁ ସ୍ମୃତିର ଭୟ ଆହୁରି ବଢ଼ିଗଲା । ସେ ବାହାର କବାଟକୁ ସବୁବେଳେ ବନ୍ଦ କରି ରଖୁଥିଲା, କାରଣ ତାର ଭୟଥିଲା ଯେ ମନନ ବାହାରକୁ ଯାଇ ପାହାଚରେ ତଳକୁ ଖସି ପଡ଼ିବ । ସେ ସୋମନାଥ ସହିତ ଘର ବଦଳାଇବାକୁ ଜିଦ୍ କଲା । ମନନ ସେତେବେଳକୁ ପ୍ରାୟ ବର୍ଷକର ହୋଇଥିବ । ସେ ସବୁ ଜିନିଷ ଖାଉଥିଲା, କିନ୍ତୁ ଦୁଧ କି ପାଣି ପିଇବାପାଇଁ ତାର ନିପଲ ଲଗା ବୋତଲ ଦରକାର ହେଉଥିଲା, ଗ୍ଲାସରୁ ପିଇ ପାରୁ ନ ଥିଲା । ସୋମନାଥ ସବୁବେଳେ କହୁଥିଲା, "ତାର ଏ ଅଭ୍ୟାସ ବନ୍ଦ କର ।" ସ୍ମୃତି କିନ୍ତୁ ମନନକୁ ବହୁତ ଗେହ୍ଲା କରି ଦେଇଥିଲା । ସେ ମଝିରେ ମଝିରେ ଜିଦ୍ କଲେ ସୋମନାଥ ତାକୁ ଧମକାଉଥିଲା, କିନ୍ତୁ ସ୍ମୃତି ତାକୁ ଟାଣିନେଇ ଗେଲ କରୁଥିଲା । ଦିନେ ରାତିରେ ମନନର ଦୁଧ ପିଇବା ବୋତଲ ତଳେ ପଡ଼ି ଭାଙ୍ଗିଗଲା । ସୋମନାଥ କହିଲା, "ଭଲ ହେଲା । ଏଥର ଆଉ ବୋତଲ କିଣ ନାହିଁ । ଏଥର ସେ ଗ୍ଲାସରୁ ପାଣି ପିଇବା ଶିଖୁ ।" ସ୍ମୃତି କିନ୍ତୁ କହିଲା, "ତମେ ଏବେ ଯାଇ କୋଉଠୁ ବୋତଲ କିଣି ଆଣ । ଛୁଆ ଯଦି ରାତିରେ ପାଣି ପିଇବାକୁ ଖୋଜେ ।" ନିଜକୁ ଏକା ରହିବାକୁ ପଡ଼ିବାର ଭୟ ସତ୍ତ୍ୱେ ବି ରାତିରେ ସୋମନାଥକୁ ବୋତଲ କିଣିବାକୁ ପଠାଇଲା ସ୍ମୃତି । ସାଇକେଲ ନେଇ ବାହାରି ଯିବାର ଘଣ୍ଟାଏ ପରେ ବି ଯେତେବେଳେ ସୋମନାଥ ନ ଫେରିଲା ଛୁଆକୁ ନେଇ ବାହାରକୁ ଗଲା ତାକୁ ଦେଖିବା ପାଇଁ । ସୋମନାଥ ଫେରିଲା ବେଳକୁ ସ୍ମୃତି ରାସ୍ତା ପାଖରେ ଛିଡ଼ା ହୋଇଥିଲା । ସୋମନାଥ ତା ଉପରେ ବିରକ୍ତ ହେଲା । କହିଲା, "ଏତେ ରାତିରେ ବୋତଲ କୋଉଠି ମିଳିବ ଏଠାରେ । ମତେ ଷ୍ଟେସନ ବଜାର ପର୍ଯ୍ୟନ୍ତ ଯିବାକୁ ହେଲା ।" ପୁଣି କହିଲା, "ଏତେ ରାତିରେ ବାହାରକୁ ବାହାରିବ ନାହିଁ ।"

ଏ ନୂଆ ଘରକୁ ଆସିବାର ଚାରିବର୍ଷ ହୋଇଗଲାଣି । ଏ ଘରଟି ଭଲ ଲାଗିଥିଲା ସ୍ମୃତିକୁ । ଘରେ ଜିନିଷପତ୍ର ସଜାଇ ରଖିବା ପରେ ସେ କହିଥିଲା, "ତମର ଏ ସହରରୁ ବଦଳି ହବା ପର୍ଯ୍ୟନ୍ତ ଆମେ ଏଇ ଘରେ ରହିଯିବା ।" ଦେଖୁ ଦେଖୁ ତାଙ୍କର ଜିନିଷପତ୍ର ବଢ଼ି ଯାଇଥିଲା । ମନନର ଜିନିଷ ବି କିଛି କମ ନ ଥିଲା । ସେ ସାଇକେଲ ପାଇଁ ଜିଦ୍ କରୁଥିଲା, କିନ୍ତୁ ସ୍ମୃତି ସବୁବେଳେ ମନା କରୁଥିଲା । ଏ ଘରଟି ତଳ ମହଲରେ ଥିଲା । ସ୍ମୃତି ବର୍ତ୍ତମାନ ଭାବୁଥିଲା, ଉପର ମହଲ ଭଲ ଥିଲା । ଏବେ ତ ମନନ ଘରୁ ବାହାରିଲେ ସିଧା ରାସ୍ତା ଉପରେ ଗାଡ଼ି ମଟର ଭିତରେ ପଡ଼ିଯିବ ! ଘରଟି ଅନେକ କଷ୍ଟରେ ମିଳିଥିଲା ସୋମନାଥକୁ । ତାକୁ ତାଙ୍କ ବ୍ୟାଙ୍କରୁ ଯେତିକି ଘରଭଡ଼ା ଟଙ୍କା ମିଳୁଥିଲା,

Digitized by srujanika@gmail.com

ସେତିକି ଟଙ୍କାରେ ଏହାଠାରୁ ଆଉ ଭଲ ଘର ମିଳି ନ ଥାନ୍ତା । ଘରଟି ଅଫିସରୁ ଟିକିଏ ଦୂର ଥିଲା, ତେବେ ସେ ଏ ଭିତରେ ମଟର ସାଇକେଲ କିଣିଥିଲା ଏବଂ ସେଇଥିରେ ଅଫିସ ଯିବା ଆସିବା କରୁଥିଲା । ମଝିରେ ମଝିରେ ସେ ସ୍ମୃତିକୁ କହୁଥିଲା, "ଚାଲ ତମକୁ ମଟର ସାଇକେଲରେ ବସାଇ ବୁଲାଇ ନେବି ।" ସ୍ମୃତି କିନ୍ତୁ ଭୟ କରୁଥିଲା; ତା କଥା ଶୁଣୁ ନ ଥିଲା । କୁଆଡ଼େ ଯିବାକୁ ହେଲେ ସେମାନେ ରିକ୍ସା କରି ଯାଉଥିଲେ । ଦିନେ ଯୋଉ-ଦିନ ମନନକୁ ମଟର ସାଇକେଲରେ ବସାଇ ବୁଲାଇବାକୁ ନେଲା ସୋମନାଥ, ସେମାନେ ଫେରି ଆସିବା ପର୍ଯ୍ୟନ୍ତ ଅନେକ ଚିନ୍ତାରେ ରହିଥିଲା ସ୍ମୃତି ।

ମନନ ଟିକିଏ ବଡ଼ ହେବାରୁ ସୋମନାଥ ତା ପାଇଁ ସ୍କୁଲ ଖୋଜିବାରେ ଲାଗିଲା । ଦିନେ ଅଫିସରୁ ଫେରି ଖୁସି ହୋଇ କହିଲା, "ଆଜି ମଡେଲ ସ୍କୁଲରେ ମନନର ସିଟ୍ ହୋଇଗଲା ।" ସ୍ମୃତି ପଚାରିଲା, "ସ୍କୁଲ ଏଠୁ କେତେ ବାଟ ? ଛୁଆ କେମିତି ଏତେ ବାଟ ଯିବ ?" ସୋମନାଥ କହିଲା, "ଏ ସ୍କୁଲରେ ପିଲାଙ୍କୁ ପଢ଼ାଇବା ପାଇଁ ଲୋକ ହଜାର ହଜାର ଟଙ୍କା ଖର୍ଚ୍ଚ କରନ୍ତି । କହନ୍ତି, ପିଲା ଜନ୍ମ ହବା ଆଗରୁ ସିଟ୍ ପାଇଁ ଦରଖାସ୍ତ କରି ଦିଅନ୍ତି ଏ ସ୍କୁଲ ପାଇଁ । ସ୍କୁଲ ପ୍ରିନ୍ସିପାଲ୍‌ଙ୍କର ଆମ ବ୍ୟାଙ୍କରେ କାମ ଥିଲା ବୋଲି ମନନ ପାଇଁ ସିଟ୍ ହେଲା । ନ ହେଲେ ମୁଁ କିଏ, ସେ ସ୍କୁଲରେ ଆମ ପିଲା ପାଇଁ ସିଟ୍ କୋଉଠି ?" ମନନକୁ ଏତେ ଦୂର ବସ୍‌ରେ ସ୍କୁଲ ଯିବାକୁ ପଡ଼ିବ ଶୁଣି ସ୍ମୃତି ମନ ଦୁଃଖ କଲା । ସୋମନାଥ କହିଲା, "ଏତେ ଭଲ ସ୍କୁଲରେ ତମ ପୁଅ ପାଠ ପଢ଼ିବ, ଖୁସି ହୁଅ । ଏ ସ୍କୁଲରୁ ମଣିଷ ହୋଇ ବାହାରିବ ମନନ ।"

ପ୍ରଥମେ ପ୍ରଥମେ ମନନ ସ୍କୁଲରୁ ଫେରିବା ପର୍ଯ୍ୟନ୍ତ ଚିନ୍ତାରେ ରହୁଥିଲା ସ୍ମୃତି । କ୍ରମେ ଅଭ୍ୟାସରେ ପଡ଼ିଗଲା । ମନନ ସ୍କୁଲରେ ଭଲ ପାଠ ପଢୁଥିଲା । ମାସକୁ ମାସ ରିପୋର୍ଟ ନେଇ ଘରକୁ ଆସିଲେ ସୋମନାଥ ସ୍ମୃତିକୁ ସେ ରିପୋର୍ଟ ଦେଖାଇ ବୁଝାଉଥିଲା, "ମନନର ଅଙ୍କ ଭଲ ହଉଛି । ବଡ଼ ହେଲେ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ହବ ।" ସ୍ମୃତି ମନେ ମନେ ଖୁସି ହଉଥିଲା, କିନ୍ତୁ ଉପରେ କହୁଥିଲା, "କିଏ ଜାଣିଚି ବଡ଼ ହେଲେ ଭଲ ପଢ଼ିବ କି ନାହିଁ !"

ଏ ଭିତରେ ସୋମନାଥର ଦରମା ବଢ଼ିଥିଲା ଏବଂ ସେମାନେ ବେଶ୍ ଭଲରେ ଚଳୁଥିଲେ । ସୋମନାଥର କିଛି ସାଙ୍ଗସାଥୀ ହୋଇ ଯାଇଥିଲେ । ସୋମନାଥ ପାଖରୁ ସ୍ମୃତି ତାର ସାଙ୍ଗମାନଙ୍କ କଥା ଶୁଣୁଥିଲା ଏବଂ ସେମାନଙ୍କ ଘରକୁ ଯୋଉମାନେ ଆସୁଥିଲେ ତାଙ୍କ ଆଗକୁ ନ ଗଲେ ହୁଦା ସେମାନଙ୍କୁ

Digitized by srujanika@gmail.com

ଭିତରୁ କାହାକୁ କାହାକୁ ଦେଖି ଚିହ୍ନୁଥିଲା । ତାଙ୍କରି କୋଠାରେ ରହୁଥିବା ତାଙ୍କ ଘର ମାଲିକଙ୍କ ପୁଅ ମାଧବ ବର୍ତ୍ତମାନ ସୋମନାଥର ବଡ଼ ସାଙ୍ଗ ହୋଇ ଯାଇଥିଲା । ସଞ୍ଜବେଳେ କିଛି କାମ ନ ଥିଲେ ସୋମନାଥ ତା ପାଖକୁ ଚାଲି ଯାଉଥିଲା । ମାଧବ ବି ତାଙ୍କ ଘରକୁ ଆସୁଥିଲା ମଝିରେ ମଝିରେ । ସୋମନାଥ ଯେତେ ଆଗ୍ରହ କଲେ ବି ସ୍ମୃତି ତା ଆଗକୁ ଯାଉ ନ ଥିଲା । ଦିନେ ସେମାନେ କୁଆଡ଼େ ଯିବା ପାଇଁ ରିକ୍ସାକୁ ଅପେକ୍ଷା କରି ତଳେ ଛିଡ଼ା ହୋଇଛନ୍ତି, ମାଧବ ଉପରୁ ଓହ୍ଲାଇଲା । ମାଧବ ସ୍ମୃତିକୁ ନମସ୍କାର କରିବାରୁ ସୋମନାଥ କହିଲା, "ସ୍ମୃତିକୁ ଦେଖିବ ଦେଖିବ କହୁଥିଲ, ଏବେ ଭଲକରି ଦେଖିନିଅ । ଆଉ ଦେଖିବାର ସୁଯୋଗ ମିଳିବ ନାହିଁ ।" ସ୍ମୃତି ମୁହଁ ବୁଲାଇ ଠିଆ ହେଲା, ମାଧବ ଚାଲି ଯିବାରୁ କହିଲା, "ଅଭଦ୍ର ।"

ଦିନେ କିଏ ଡାକିବାରୁ ସ୍ମୃତି କବାଟ ଖୋଲିଛି, ଦେଖିଲା ବାହାରେ ମାଧବ ଛିଡ଼ା ହୋଇଛି । କହିଲା, "ସେ ଘରେ ନାହାନ୍ତି ।" ମାଧବ ତା ଆଡ଼କୁ ଅନାଇ ହସିଲା, କହିଲା, "ମନନ ଅଛି ?" ମନନ ମା ପାଖରେ ଛିଡ଼ା ହୋଇଥିଲା । ତାକୁ ଦେଖି ମାଧବ ଘର ଭିତରକୁ ଆସିଲା ଏବଂ ତା ସହିତ ବସି କଥାବାର୍ତ୍ତା କଲା । ମାଧବର ଏ ବ୍ୟବହାର କେମିତି ସ୍ମୃତିକୁ ଭଲ ଲାଗିଲା ନାହିଁ । ମାଧବ ଚାଲିଯିବାରୁ ମନନକୁ ଗାଳି ଦେଇ କହିଲା, "ଯାହା ତା ସାଙ୍ଗରେ ବସି ଗପ କରିବାକୁ ତତେ କିଏ କହିଲା ?" ସୋମନାଥ ଘରକୁ ଫେରିବାରୁ ସ୍ମୃତି ତାକୁ କହିଲା, "ତମର ସେଇ ସାଙ୍ଗ ମତେ ମୋଟେ ଭଲ ଲାଗେ ନାହିଁ । ତାକୁ କହିବ ତମେ ନ ଥିଲା ବେଳେ ଆମ ଘରକୁ ଆସିବେ ନାହିଁ ।" ସୋମନାଥ କହିଲା, "ମାଧବକୁ ତମେ ଜାଣିନାହଁ । ବହୁତ ଭଦ୍ର, ପରୋପକାରୀ । ତମେ ତ ଭାବୁଚ ତମକୁ ସମସ୍ତେ ଖାଇ ଯିବାକୁ ବସିଛନ୍ତି ।" ସ୍ମୃତି କହିଲା, "ମୋର ଭଦ୍ର ପରୋପକାରୀ ଲୋକ ଦରକାର ନାହିଁ ।"

ସନ୍ଧ୍ୟାବେଳେ କିଏ ଆସି ଆକ୍ସିଡେଣ୍ଟର ଖବର ଦେଲା । ଭାଗ୍ୟକୁ ସେଠାରେ ମାଧବ ଛିଡ଼ା ହୋଇଥିଲା ସେତେବେଳେ । ସେ ରିକ୍ସା ଠିକ୍ କରିଦେଲା ଏବଂ ସ୍ମୃତି ସହିତ ହସ୍ପିଟାଲକୁ ଗଲା । ସୋମନାଥ ସେତେବେଳକୁ ମରି ସାରିଥିଲା । ଗୋଟାଏ କୋଣରେ ଚାଦର ଘୋଡ଼ା ହୋଇ ତାର ମଲା ଦେହ ପଡ଼ିଥିଲା । ତାକୁ ଦେଖି ସ୍ମୃତି ଅଚେତା ହୋଇଗଲା । ତା' ପରେ ତାର ଆଉ କିଛି ଠିକ୍ ମନେ ନାହିଁ । କେମିତି ସେ ଘରକୁ ଫେରିଲା, କିଏ ଶବ-ସତ୍କାରର ବ୍ୟବସ୍ଥା କଲା, କିଏ ତାର ଭାଇଙ୍କ ପାଖକୁ ଟେଲିଗ୍ରାମ ପଠାଇଲା, ମନନ କଥା କିଏ ବୁଝିଲା, କିଛି ତାର ମନେନାହିଁ । ତା ଖଟ ଚାରିପାଖେ

Digitized by srujanika@gmail.com

ସ୍ତ୍ରୀମାନେ ଘେରି ରହିଥିଲେ । ମଝିରେ ମଝିରେ କିଏ ତାକୁ ବାଧ୍ୟ କରି କଣ ଖୁଆଉ ଥିଲେ, ତାର ହାତ ଧରି ଗାଧୁଆ ଘରକୁ ନେଇ ଯାଉଥିଲେ । କେତେ-ବେଳେ କେତେବେଳେ ମନନ ତା ପାଖରେ ବସି କାନ୍ଦୁଥିଲା । ମଝିରେ ପୁଣି କେତେବେଳେ ଭାଇ ଭାଉଜ ଆସି ତା ଘରର ଦାୟିତ୍ୱ ସମ୍ଭାଳିଲେ ।

ସ୍ମୃତି ଆଉ କାନ୍ଦୁ ନାହିଁ । ଶୋଉଛି, ନ ହେଲେ ଆଖି ବନ୍ଦ କରି ଭାବୁଛି, ନ ହେଲେ ଶୂନ୍ୟ ଦୃଷ୍ଟିରେ ଅନାଉଛି । ପ୍ରଥମେ ସେ ସୋମନାଥର ମୃତ୍ୟୁକୁ ସ୍ୱୀକାର କରି ନ ଥିଲା; ଏବେ ମାନି ନେଲାଣି । ତେବେ ଏ ପର୍ଯ୍ୟନ୍ତ ତା ପ୍ରତି ହୋଇଥିବା ଏଇ ନିର୍ଦ୍ଦୟ ଅବିଚାରକୁ ମାନି ନେଇ ପାରୁ ନାହିଁ । ଏବେ ତା ମୁଣ୍ଡରେ ମନନ କଥା ଆସୁଛି ସବୁଠାରୁ ବେଶୀ । ତାକୁ ତ ମଣିଷ ହେବା ପାଇଁ ଅନେକ ଦିନ ଲାଗିବ !

ସ୍ମୃତି ଆଖି ଖୋଲିଲା । ଦିନ ବେଶ୍ ହେଲାଣି ବୋଲି ଜଣା ପଡୁଛି । ଭାଇ ଭାଉଜ ପାଖରେ ବସିଛନ୍ତି । ମନନ ତା କୋଳରେ ନିଦରେ ଶୋଇ ଯାଇଛି । ତାକୁ ଆଖି ଖୋଲିବାର ଦେଖି ଭାଇ କହିଲେ, "କଣ କିଛି ଖାଇବୁ ?" ସ୍ମୃତି କେତେବେଳେ ଖାଇଥିଲା ତାର ମନେନାହିଁ । ଟିକିଏ ଭାବିଲା; କହିଲା, "ନା, ଭୋକ ନାହିଁ ।" ଭାଇ କହିଲେ, "ତା ହେଲେ ଉଠି ବସ । ଅନ୍ତତଃ ମୁହଁ ହାତ ଧୋଇ ନେ ।" ଭାଉଜ ତାର ହାତଧରି ଗାଧୁଆ ଘରକୁ ନେଇଗଲେ । ହାତ ମୁହଁ ଧୋଇ ସ୍ମୃତି ଆସି ଚଉକିରେ ବସିଲା । ଭାଇ କହିଲେ, "ତମର ଏଇ ପଡ଼ାର ଲୋକମାନେ ଖୁବ୍ ଭଲ । ଆମେ ଆସିବା ଆଗରୁ ବହୁତ ଯତ୍ନ ନେଇଛନ୍ତି । ସୋମନାଥର ବ୍ୟାଙ୍କର ସାଙ୍ଗମାନେ ବି ବହୁତ ସାହାଯ୍ୟ କଲେ ।"

ସ୍ମୃତି କହିଲା, "ଆଜି କଣ ରବିବାର ?"

ଭାଇ କହିଲେ, "ନା ଆଜି ମଙ୍ଗଳବାର । ପାଞ୍ଚଦିନ ହେଲା ଆଜିକୁ ।"

"ମନନ ସ୍କୁଲକୁ ଯାଇ ନାହିଁ କାହିଁକି ?"

"ଦିନେ ଦି' ଦିନ ସ୍କୁଲକୁ ନ ଯାଉ ପିଲାଟା ।"

"ନା, ପଢ଼ା କାହିଁକି ନଷ୍ଟ କରିବ ।"

ଭାଉଜ ଆଣି ଚା' ଦେଲେ । ସ୍ମୃତି ଚା' ପିଇ ସାରିବାରୁ ଭାଇ କହିଲେ, "ମୁଁ ସାତ ଦିନ ଛୁଟି ନେଇ ଆସିଥିଲି । ଆଉ ତିନି ଦିନରେ ଫେରିବାକୁ ପଡ଼ିବ । ଯଦି ବାହାରି ପାରିବୁ ତ ଆମ ସାଙ୍ଗରେ ଚାଲି ଆସିବୁ; ନ ହେଲେ ଭାଉଜ ଏଠାରେ ଆଉ କିଛି ଦିନ ରହିଯିବ ।"

Digitized by srujanika@gmail.com

ସ୍ମୃତି କହିଲା, "ମନନର ସ୍କୁଲ ଛାଡ଼ି ମୁଁ କୁଆଡ଼େ ଯିବି ?"

ଭାଇ କହିଲେ, "ଯେମିତି ହେଲେ ତ ମନନର, ସ୍କୁଲ ବଦଳାଇବାକୁ ପଡ଼ିବ । ଏଠି ସହରରେ ଏକା କେମିତି ରହିବ ?"

"ନା, ମନନ ଏଇ ସ୍କୁଲରେ ପଢ଼ିବ । ସେ କହୁଥିଲେ ଏ ସ୍କୁଲଟି କୁଆଡ଼େ ବହୁତ ଭଲ ସ୍କୁଲ । ମୁଁ ଏଇଠି ରହିବି ।"

ତା ସହିତ ଏ ବିଷୟରେ କୌଣସି ତର୍କ ନ କରି ଭାଇ କହିଲେ, "ଇନସ୍ୟୁରାନ୍‌ସ୍‌ରୁ ପଚାଶ ହଜାର ଟଙ୍କା ମିଳିବ । ବ୍ୟାଙ୍କରୁ ବି ତାର ଦରମା ଗ୍ରାଚୁଇଟି ଇତ୍ୟାଦି ବାବଦରେ କିଛି ଟଙ୍କା ମିଳିବ । ଏ ସବୁର କାଗଜ ପତ୍ରରେ ତୋର ଦସ୍ତଖତ ଦରକାର । ତୁ ଖାଇ ପିଇ ସାରିଲେ ମୁଁ ତତେ ବୁଝାଇଦେବି ।"

ସ୍ମୃତି କହିଲା, "ନା, ମତେ ଭୋକ ନାହିଁ । ମତେ ଏବେ କାଗଜ ପତ୍ର ବୁଝାଇ ଦିଅ ।"

ଭାଇ ତାକୁ ଗୋଟାଏ କାଗଜ ଦେଖାଇ ସେଥିରେ ଦସ୍ତଖତ କରିବାକୁ କହିଲେ । ଇଂରେଜୀରେ କଣ ସବୁ ଲେଖା ଥିଲା କାଗଜରେ । ସ୍ମୃତି ସେଥିରୁ ଇନ୍‌ସ୍ୟୁରାନ୍‌ସ୍ କମ୍ପାନୀର ନାଁ ପଢ଼ିଲା । ପଚାରିଲା, "ଏଇଟା କି କାଗଜ ?"

"ଏଇଟା ଡିସ୍‌ଚାର୍ଜ ନୋଟ୍ । ଏଇଟାରେ ଦସ୍ତଖତ କଲେ ସେମାନେ ଚେକ୍ ପଠାଇଦେବେ ।"

"ଚେକ୍‌ଟା ନେଇ ମୁଁ କ'ଣ କରିବି ?"

"ତୋ ନାଁରେ ବ୍ୟାଙ୍କରେ ଗୋଟାଏ ଆକାଉଣ୍ଟ ଖୋଲି ସେଥିରେ ଚେକ୍‌ଟା ଜମା ଦବାକୁ ହବ । ସନ୍ଧ୍ୟାବେଳେ ସୋମନାଥର ସାଙ୍ଗ ଆସିଲେ ତାର ବ୍ୟବସ୍ଥା କରିଦେବେ ।"

"ଟଙ୍କାକୁ ବେଶୀ ଦିନ ବ୍ୟାଙ୍କରେ ରଖିଲେ ସେଥିରୁ ସୁଧ ମିଳେ ନା କଣ । ଏ ଟଙ୍କାକୁ ରଖିଲେ ମାସକୁ କେତେ ସୁଧ ମିଳିବ ?"

"କେତେ ଆଉ ସୁଧ ମିଳିବ ? ଏ ଘର ଭଡ଼ାକୁ ପ୍ରାୟ ନିଅଣ୍ଟ ହବ । ତା ଛଡ଼ା ସୋମନାଥ ଯିବା ପରେ ଏ ଘରବାଲା ତତେ ରଖିବା ବିଷୟରେ କଣ କହିବେ କିଏ ଜାଣେ ?"

Digitized by srujanika@gmail.com

ସ୍ମୃତି ମନନକୁ ନିଦରୁ ଉଠାଇଲା । ମା ଉଠି ବସି କଥାବାର୍ତ୍ତା କରୁଥିବା ଦେଖି ସେ ଖୁସି ହେଲା । ସ୍ମୃତି ତାକୁ କହିଲା, "ସେଇ ଉପର ମହଲରେ ଏଇ ଘର ମାଲିକ ଯୋଉ ବୁଢ଼ା ରହୁଛନ୍ତି, ତାଙ୍କୁ ଯା ଡାକି ଆଣିବୁ ।"

ମନନ ସାଙ୍ଗରେ ମାଧବ ଆସି ପହଞ୍ଚିଲା । ସେ ଘର ଭିତରକୁ ପଶିଚି କି ନାହିଁ ସ୍ମୃତି ତାକୁ କହିଲା, "ମନନର ପାଠପଢ଼ା ସରିବା ପର୍ଯ୍ୟନ୍ତ ମୁଁ ଏ ଘରେ ରହିବି । ଯେତିକି ଭଡ଼ା ଦିଆ ହଉଚି ଦେବି । ଆପଣଙ୍କର କିଛି ଅସୁବିଧା ଅଛି କି ?"

ମାଧବ ହଠାତ୍ ଏ ପ୍ରଶ୍ନ ଶୁଣି ଅପ୍ରସ୍ତୁତ ହୋଇଗଲା । କହିଲା, "ଆପଣଙ୍କ ଘର । ଯେତେଦିନ ଇଛା ରହିବେ । ଏତେବେଳେ ଆପଣଙ୍କୁ ଏ ବିଷୟରେ କିଏ ପଚାରୁଛି ?"

ସ୍ମୃତି କହିଲା, "ଖାଲି ଏତେବେଳେ ବୋଲି ନୁହେଁ । ମତେ ଭବିଷ୍ୟତ କଥା ବି ଭାବିବାକୁ ହେବ । ସେଇଥିପାଇଁ ପଚାରୁଛି ।"

ମାଧବ କହିଲା, "ସୋମନାଥ ମୋର ବଡ଼ ସାଙ୍ଗ ଥିଲା । ଆପଣଙ୍କର କିଛି ଅସୁବିଧା ହେବନାହିଁ ଏଠାରେ । ଯାହା ସୁବିଧା ଅସୁବିଧା ମତେ କହିବେ ।" ଏତିକି କହି ମାଧବ ବାହାରି ଗଲା ।

ମାଧବ ଯିବା ପରେ ଭଉଜ କହିଲେ, "ଆମେ ଭାବୁଥିଲୁ ଏଠାର ସବୁ କାମ ସାରି ତୁ ଗାଁକୁ ଚାଲି ଯାଇଥାନ୍ତୁ, ନ ହେଲେ ଆମ ପାଖରେ ଆସି ରହିଥାନ୍ତୁ ।"

ସ୍ମୃତି କହିଲା, "ଗାଁ ସ୍କୁଲ କଥା ତ ତମେ ଜାଣିଚ ଭଉଜ । ମୁଁ ମାଟ୍ରିକ ପାସ କରିଚି, ଇଂରେଜୀ ଠିକ୍ ପଢି ବୁଝି ପାରୁନାହିଁ । ମନନର କଣ ହେବ ସେମିତି ସ୍କୁଲରେ ପାଠ ପଢି । ସେ ଯୋଉ ସ୍କୁଲରେ ପାଠ ପଢୁଚି, ବହୁତ ଭଲ ସ୍କୁଲ । ଆଉ ମୋର ଚଳିବା ପାଇଁ ଟଙ୍କା କଥା । ମୋର ଯୋଉ ଗହଣା ଅଛି ତାକୁ ବିକ୍ରି କରି ଟଙ୍କା ବ୍ୟାଙ୍କରେ ରଖିଲେ ସେଥିରୁ ବି କିଛି ସୁଧ ମିଳିବ ।"

ସ୍ମୃତି ଯାଇ ବାକ୍ସରୁ ତାର ଗହଣା ସବୁ ବାହାର କଲା । କହିଲା, "ଭାଇ, ଚାଲ ଯାଇ ଗହଣା ବିକ୍ରି କରି ଆସିବା ।"

ଭାଇ କହିଲେ, "ଏତେ ଜଲ୍‌ଦି କାହିଁକି ? ଆଉ କିଛିଦିନ ଯାଉ ।"

Digitized by srujanika@gmail.com

"ନା, ତମେ ତ ତିନି ଦିନରେ ଗ୍ଲଲି ଯିବ । ମୁଁ ଏକା ଏ କାମକୁ ପାରିବି ନାହିଁ ।"

"ତା' ହେଲେ ଏ ସହରରେ ଏକା କେମିତି ଚଳିବୁ ?"

"ମୋର କିଛି ଅସୁବିଧା ହେବନାହିଁ । ତେବେ ଗହଣା ବିକ୍ରି, ଟଙ୍କା ପଇସା କଥା ମୁଁ ଆଗରୁ କେବେ କରିନାହିଁ ତ । ସେଇଥି ପାଇଁ ତମକୁ କହୁଚି ।"

ଭଉଜ ତାକୁ ଜବରଦସ୍ତି ଖୁଆଇଲେ, କିନ୍ତୁ ଖାଇ ସାରିବା ମାତ୍ରେ ହିଁ ସ୍ମୃତି ଜିଦ୍ କଲା ଗହଣା ଦୋକାନକୁ ଯିବାକୁ । ଭାଇ ଭଉଜ ତାକୁ ନେଇ ଦୋଦାନକୁ ଗଲେ । ସ୍ମୃତି ଯେତେବେଳେ ବ୍ୟାଗ ଭିତରୁ ଗହଣା ସବୁ ଦୋକାନୀକୁ ବଢ଼ାଇଲା, ଭଉଜ କହିଲେ, "କିଛି ତ ଗହଣା ରଖିଥାନ୍ତୁ; କେତେ-ବେଳେ ଆପଦ ବିପଦରେ ଦରକାରରେ ଆସିଥାନ୍ତା ।"

ସ୍ମୃତି ହସିଲା । କହିଲା, "ଆଉ କି ଆପଦ ବିପଦ ଆସିବ ମୋର ? ମନନର ପଢ଼ାରେ ଲାଗୁ ଏ ଟଙ୍କା ।"

ଦୋକାନି ଯେତେବେଳେ ଗହଣା ଓଜନ କରୁଥିଲା, କଣ ଭାବି ସ୍ମୃତି ଗହଣା ଭିତରୁ ଗୋଟିଏ ସରୁ ହାର ଫେରାଇ ଆଣିଲା । ଦୋକାନି ଗହଣାର ଦାମ ହିସାବ କରି ପଚାରିଲା, "କଣ କ୍ୟାଶ ଦେବି ନା ଚେକ୍ ?" ଭାଇ କିଛି କହିବା ଆଗରୁ ସ୍ମୃତି କହିଲା, "ଚେକ୍ । ଯା'କୁ ବି ସେଇ ବ୍ୟାଙ୍କରେ ରଖିଦେବି । ସୁଧ ମିଳିବ ।" ଦୋକାନରୁ ଫେରିବା ବେଳେ ମନନକୁ କହିଲା, "ତୁ କାଲି-ଠାରୁ ପୁଣି ସ୍କୁଲକୁ ଯିବୁ । ମନଦେଇ ପଢ଼ିବୁ, ବୁଝିଲୁ ।"

ସେ ଦିନ ସନ୍ଧ୍ୟାବେଳେ ବ୍ୟାଙ୍କରୁ ସୋମନାଥର ଦି' ଜଣ ସାଙ୍ଗ ଆସିଲେ । ସୋମନାଥର ବ୍ୟାଙ୍କରୁ ଆଉ ଯାହା ସବୁ ପଇସା ପାଇବାର ଥିଲା, ତାର ଚେକ୍ ସାଙ୍ଗରେ ଆଣିଥିଲେ ସେମାନେ । କହିଲେ, "ଏଥରକ ଆପଣଙ୍କ ନାଁରେ ଆମ ବ୍ୟାଙ୍କରେ ଗୋଟାଏ ଆକାଉଣ୍ଟ ଖୋଲି ଦିଅନ୍ତୁ ।" ସ୍ମୃତି ଫର୍ମରେ ଦସ୍ତଖତ କରି ଦେବାରୁ ତାଙ୍କ ଭିତରୁ ଜଣେ କହିଲା, "ଆପଣଙ୍କର ବ୍ୟାଙ୍କକୁ ଯିବା ଦରକାର ନାହିଁ, ଆମେ ଆପଣଙ୍କର ଆକାଉଣ୍ଟ ଖୋଲାଇ ଚେକ୍ ବହି ଆଣି ଦେଇଯିବୁ ।" ସ୍ମୃତି କହିଲା, "ନା, ମୁଁ ନିଜେ ବ୍ୟାଙ୍କକୁ ଯିବି ।" ସେ ଏତେ ଜୋରରେ ଏ କଥା କହିଲା ଯେ ସେମାନେ ଚୁପ୍ ରହିଲେ ।

ସ୍ମୃତି କହିଲା, "ମଟର ସାଇକେଲ ପାଇଁ ସେ ଋଣ ନେଇଥିଲେ । ତାର କଣ ହବ ?"

Digitized by srujanika@gmail.com

"ବ୍ୟାଙ୍କରୁ ବାକୀ ଋଣ ଟଙ୍କା ମାଫ କରି ଦିଆହୋଇଛି । ମଟର ସାଇକେଲଟି ଏଥର ଆପଣଙ୍କର । ଆମେ ଭାବୁଥିଲୁ ଆପଣ ଯଦି ଆଉ କୋଉଠି ଠିକ ନ କରନ୍ତି, ଆମ ଅଫିସର ଜଣେ ଲୋକ କିଣିନେବ ।"

"କେତେ ଦାମରେ ?" ସ୍ମୃତି ପଚାରିଲା ।

ତା'ଠାରୁ ଦାମ ଶୁଣି ସ୍ମୃତି କହିଲା, "ମୁଁ କାଲି ଭାବିଚିନ୍ତି କହିବି । ମଟର ସାଇକେଲ ଏବେ କୋଉଠି ଅଛି ?"

"ଯାହା ଭଙ୍ଗାଭଙ୍ଗି ହୋଇ ଯାଇଥିଲା, ମରାମତି ପାଇଁ ଦିଆହୋଇଚି । କାମ ସରିଗଲେ ଆମ ଭିତରୁ କିଏ ଆସି ଏଠାରେ ପହଞ୍ଚାଇ ଦେଇଯିବ ।"

ତା ଆରଦିନ ଆସି ସ୍ମୃତିକୁ ବ୍ୟାଙ୍କକୁ ନେଇଯାଇ ଆକାଉଣ୍ଟ ଖୋଲାଇବେ ବୋଲି କହି ସେମାନେ ବିଦାୟ ନେଲେ । ସେମାନେ ଚାଲିଯିବା ପରେ ସ୍ମୃତି ଭାଇଙ୍କୁ କହିଲା, "ମଟର ସାଇକେଲ ଅଢ଼େଇ ବର୍ଷ ତଳେ କିଣା ହୋଇଥିଲା । ଏମାନେ ଯୋଉ ଦାମ୍ କହିଲେ ଠିକ୍ ଅଛି ତ ?"

ଭାଇ କହିଲେ, "ମଟର ସାଇକେଲର ଅବସ୍ଥା କେମିତି ଅଛି ତା ଉପରେ ଦାମ ନିର୍ଭର କରିବ । ତେବେ ଠିକ ଜଣାପଡୁଛି ।"

ସ୍ମୃତି କହିଲା, "ହଉ ।"

ସେ ଦିନ ରାତିରେ ଖାଇସାରିବା ପରେ ସ୍ମୃତି ଭାଇଙ୍କ ପାଖରେ ବସି ତାର ଟଙ୍କା ପଇସାର ହିସାବ କଲା । କାଗଜ କଲମ ଧରି ସବୁ ମିଶାଇ ଭାଇଙ୍କୁ ପଚାରିଲା ତାକୁ ବ୍ୟାଙ୍କରେ ରଖିଲେ ମାସକୁ କେତେ ସୁଧ ମିଳିବ । ଭାଇ ତାକୁ ସୁଧର ପରିମାଣ କହିବାରୁ ତାର ମୁହଁ ଶୁଖିଗଲା । ଏତେ କମ ଟଙ୍କାରେ ସହରରେ ଚଳିବ କେମିତି । ତା ମୁହଁକୁ ଦେଖି ଭାଇ କଣ କହିବାକୁ ଯାଉଛନ୍ତି ସ୍ମୃତି କହିଲା, "ତମେ ଭାବୁଚ ମାସେ ଦି'ମାସ ପରେ ମୁଁ ମନ ବଦଳାଇ ଦେବି, ନା ? ମନନର ପଢ଼ା ସରିବା ଯାଏ ମୁଁ ଏଇଠି ରହିବି ।" ଟିକିଏ ପରେ କହିଲା, "ଏଇ ଘର ଭଡ଼ାଟାରେ ବେଶୀ ଟଙ୍କା ଚାଲିଯାଉଚି । ମୋର ଏତେ ବଡ଼ ଘର କଣ ଦରକାର ? ଦି' ଜଣଙ୍କ ପାଇଁ ଗୋଟିଏ ବଖରା ହେଲେ ଚଳିଯିବ ।"

ଭାଇ କହିଲେ, "ସୋମନାଥର ଗାଁରେ କଣ ଜମିବାଡ଼ି ଥିଲା ପରା ? ତାଙ୍କ ଭାଇଙ୍କ ପାଖକୁ ଟେଲିଗ୍ରାମ ଯାଇଥିଲା, ସେ ଆସିଲେ ନାହିଁ ।"

ସ୍ମୃତି କହିଲା, "ସେ ସବୁବେଳେ ବେମାର ରହନ୍ତି; କଣ ଦେହ ଖରାପ ହୋଇଥିବ ଆସିପାରି ନ ଥିବେ । ଆର ଭାଇ ତ ଆର୍ମିରେ କୋଉଠି ଅଛନ୍ତି ତାଙ୍କର ଠିକଣା କାହାକୁ ଜଣାନାହିଁ । ନା କେବେ ଚିଠି ଦିଅନ୍ତି, ନା ଚିଠି ଲେଖିଲେ

Digitized by srujanika@gmail.com

ଜବାବ । ମନନର ସ୍କୁଲ ଛୁଟି ହେଲେ ମୁଁ ତାଙ୍କ ଗାଁକୁ ଯାଇ ଜମି କଥା ବୁଝିବି । ତାକୁ ବିକିଲେ କିଛି ହେଲେ ତ ଟଙ୍କା ମିଳିବ ।"

ପରଦିନ ସକାଳେ ନିଦରୁ ଉଠି ସ୍ମୃତି ଭାଇଙ୍କ ପାଖକୁ ଗଲା । ସେ ଏ ପର୍ଯ୍ୟନ୍ତ ଉଠି ନ ଥାନ୍ତି । ତାଙ୍କୁ ନିଦରୁ ଉଠାଇ ସ୍ମୃତି କହିଲା, "ମୋର ମାଟ୍ରିକ୍ୟୁଲେସନ ସାର୍ଟିଫିକେଟଟା ମୁଁ ପାଉନାହିଁ । ବୋଧହୁଏ ଏଠିକି ଆସିଲା ବେଳେ ଘରେ ଛାଡ଼ି ଆସିଲି, ନ ହେଲେ କୋଉଠି ହଜି ଯାଇଛି । ତମେ ଆମ ସ୍କୁଲରୁ ଗୋଟାଏ ଡୁପ୍ଲିକେଟ ସାର୍ଟିଫିକେଟ ପଠାଇ ଦେବ ।" ତାକୁ ଏତିକି କହିସାରି ସ୍ମୃତି ପୂର୍ବଦିନ ଭଳି ତାର ଜିନିଷପତ୍ର ପୁଣି ଖୋଜାଖୋଜି କଲା, କିନ୍ତୁ ସାର୍ଟିଫିକେଟଟିକୁ କେଉଁଠାରେ ପାଇଲା ନାହିଁ ।

ବ୍ୟାଙ୍କରେ ପହଞ୍ଚି ସୋମନାଥର ସାଙ୍ଗ ସ୍ମୃତିକୁ କହିଲା, "ଆପଣ ବସିଥାନ୍ତୁ, ମୁଁ ଆପଣଙ୍କ ନାଁରେ ଆକାଉଣ୍ଟ ଖୋଲାଇ ଚେକ୍ ଜମା କରି ଦେଉଛି ।" କିନ୍ତୁ ସ୍ମୃତି କହିଲା, "ନା, ମୁଁ ନିଜେ ସବୁ କରିବି । ମତେ ଦେଖାଇ ଦିଅନ୍ତୁ ଏଇ ଫର୍ମରେ କୋଉଠି କଣ ଲେଖିବାକୁ ହବ ଏବଂ କୋଉଠି କେମିତ ଚେକ୍ ଡିପୋଜିଟ କରିବାକୁ ହବ ।" ଅତି ଅଧ୍ୟବସାୟର ସହ ନିଜକୁ ବ୍ୟାଙ୍କର ନିୟମ ସହିତ ପରିଚିତ କରାଇଲା ସ୍ମୃତି । ବ୍ୟାଙ୍କ କାମ ସାରି ବାହାରକୁ ବାହାରିଛନ୍ତି, ସ୍ମୃତି କହିଲା, "ଆଜି ତ ଅଣତିରିଶ ତାରିଖ ହେଲଣି; ଆରମାସ ପାଇଁ ଟଙ୍କା ଦରକାର ହବ । ମତେ ଟିକିଏ ବତାଇ ଦିଅନ୍ତୁ ଟଙ୍କା କେମିତି ବାହାର କରିବାକୁ ହବ ।" ଲୋକଟିର ଅନେକ କହିବା ସତ୍ତ୍ୱେ ବି ସ୍ମୃତି ମାନିଲା ନାହିଁ । କ୍ୟୁରେ ଛିଡ଼ା ହୋଇ ନିଜେ ଟଙ୍କା ସଂଗ୍ରହ କଲା ।

ଘରକୁ ଫେରିବା ବେଳେ ଭାଇ ତାକୁ ବୁଝାଇଲେ, "ତୁ ଏ ବୟସରେ ଏକା ସହରରେ କେମିତି ରହିବୁ ? ଏଠାରେ ଆମର ସାଙ୍ଗସାଥୀ କିଏ ଅଛନ୍ତି ? ତା' ଛଡ଼ା ସହର ଲୋକମାନେ ବି ତ ଭଲ ନୁହଁନ୍ତି ।" ସ୍ମୃତି କହିଲା, "ମନନର ପଢ଼ା ନ ସରିବା ଯାଏ ତମେ ମତେ ଆଉ ଏ ସହର ଛାଡ଼ିବା କଥା କହିବ ନାହିଁ । ଏତେ ଲୋକ ତ ପୁଣି ଚଳୁଛନ୍ତି ସହରରେ । ଏଠାରେ ବି ତ ଭଦ୍ର ପରୋପକାରୀ ଲୋକ ଅଛନ୍ତି ।" ଟିକିଏ ପରେ କହିଲା, "ରହିଲା ଟଙ୍କା ପଇସା କଥା । ମତେ ଖର୍ଚ୍ଚ କମାଇବାକୁ ପଡ଼ିବ । ପ୍ରଥମେ ଏ ଘର ବଦଳାଇ ଛୋଟ ଘରକୁ ଯିବାକୁ ପଡ଼ିବ ।"

ଭାଇ କହିଲେ, "ସୋମନାଥର ସାଙ୍ଗ ମଟର ସାଇକେଲ ଦୋକାନର ଠିକଣା ଦେଇଥିଲା । ଗଲାବେଳେ ଦେଖି ଯିବା ?"

Digitized by srujanika@gmail.com

ସ୍ମୃତି କହିଲା, "ନା, ମନନର ସ୍କୁଲରୁ ଫେରିବା ସମୟ ହେଲାଣି । ତା ଛଡ଼ା ମୁଁ ମଟର ସାଇକେଲ ଦେଖି କଣ ବୁଝିବି ? ବ୍ୟାଙ୍କର ଲୋକ କିଣି ନଉ । ତେବେ ତାକୁ କହିବି ଦାମ ଯଦି ଆଉ କିଛି ବଢ଼ାଏ !"

ମନନକୁ ଖୁଆଇ ସାରି ସ୍ମୃତି ଘରମାଲିକଙ୍କ ପାଖକୁ ଗଲା । ସେ ଅତ୍ୟନ୍ତ ଭଦ୍ର ସ୍ୱଭାବର ଲୋକ ଥିଲେ । ସ୍ମୃତିକୁ କହିଲେ "ଆପଣ ଘର କଥା କିଛି ଭାବନ୍ତୁ ନାହିଁ । ପରେ ସେ ବିଷୟରେ କଥାବାର୍ତ୍ତା କରିବା ।" ସ୍ମୃତି କହିଲା, "ମୁଁ ଏ ଘର ଛାଡ଼ିଦେବି । ଆପଣଙ୍କର ଯଦି ଆଉ କୋଉଠି କିଛି ଛୋଟ ଘର ଅଛି, ମୁଁ ନେବି ।" ଭଦ୍ରବ୍ୟକ୍ତି କହିଲେ, "ଆଉ କିଛି ଦିନ ଯାଉ, ସେ କଥା ଦେଖିବା ।" ସ୍ମୃତି କହିଲା, "ନା, ମତେ ଆଜି କହି ଦିଅନ୍ତୁ ।" ଭଦ୍ରବ୍ୟକ୍ତି ତାକୁ ସେଇ ପଡ଼ାରେ ଗୋଟିଏ ଛୋଟ ଘର ଖାଲି ଥିବା କଥା କହିଲେ । ସ୍ମୃତି କହିଲା, "ମୋ ପାଇଁ ସେ ଘରଟା ଠିକ କରି ଦିଅନ୍ତୁ । ମୁଁ ପହିଲା ତାରିଖରେ ଆପଣଙ୍କ ଘର ଖାଲି କରିଦେବି ।"

ଘରକୁ ଆସି ସେ ତାର ଜିନିଷପତ୍ର ବାନ୍ଧିବାରେ ଲାଗିଲା । ଭାଇ କହିଲେ, "ତୁ ଯଦି ଘର ବଦଳାଇବୁ, ମୁଁ ଆଉ ଦିନେ ଦି' ଦିନ ପାଇଁ ଛୁଟି ଦରଖାସ୍ତ କରି ଦଉଛି ।" ସ୍ମୃତି କହିଲା, "ତମେ ଦିନେ ଦି' ଦିନ ଅଧିକା ରହି କଣ କରିବ ? ସାରା ଜୀବନ ତ ମତେ ଏବେ ନିଜ କଥା ନିଜେ ବୁଝିବାକୁ ପଡ଼ିବ ! ମୁଁ ସବୁ କାମ ଚଳାଇ ନେବି, ତମେ ଦେଖିବ ।"

ସନ୍ଧ୍ୟାବେଳେ କଲେଜରୁ ଫେରି ମାଧବ ତାଙ୍କ ଘରକୁ ଆସିଲା । କହିଲା, "କଣ ଦରକାର ଥିଲା ଏଘର ଛାଡ଼ିବାକୁ ?" ସ୍ମୃତି ତାକୁ ବସାଇ ଚା' ଆଣିଦେଲା । କହିଲା, "ଆପଣ ତ ତାଙ୍କର ସବୁ କଥା ଜାଣନ୍ତି । ଇନ୍-ସ୍ୟୁରେନସ ଇତ୍ୟାଦିରୁ ଯେତିକି ଟଙ୍କା ମିଳିଲା, ମତେ ଏଥରକ ତାରି ସୁଧରେ ଚଳିବାକୁ ହେବ । ତା'ଛଡା ମୋର ଏତେ ବଡ଼ ଘର କଣ ଦରକାର ?"

ମାଧବ କହିଲା, "ଠିକ୍ ଅଛି । ଆପଣ ଯଦି ଏକଥା ନିଶ୍ଚୟ କରି ଦେଇଛନ୍ତି, ମୁଁ ଆପଣଙ୍କ ପାଇଁ ବାପା ଯୋଉ ଘର କଥା କହୁଥିଲେ ସେଇଟି ବୁଝି ଦେବି । ଘରଟା ଏଇ ପାଖରେ । ଆପଣଙ୍କର ସେଠାରେ କିଛି ଅସୁବିଧା ହେବନାହିଁ । ସେ ଘରବାଲାଙ୍କୁ ବି ମୁଁ ଚିହ୍ନେ । କେତେ କମ ଭଡ଼ା ହୋଇ ପାରିବ, ମୁଁ ସେ କଥା ବୁଝିବି ।" ମାଧବ ଏତିକି କହି ଚୁପ୍ ରହିଲା । ସ୍ମୃତି ଆଉ କିଛି ନ କହିବାରୁ ସେ ଉଠିଲା; କହିଲା, "ଆପଣ ଜାଣନ୍ତି ସୋମନାଥ

Digitized by srujanika@gmail.com

ମୋର ଘନିଷ୍ଠ ବନ୍ଧୁ ଥିଲ । ଆପଣଙ୍କର ଯାହା ସୁବିଧା ଅସୁବିଧା କଥା ମତେ କହିବେ । ମତେ ପର ବୋଲି ଭବିବେ ନାହିଁ ।"

ଭଇ ଭଉଜ ଥିବା ଭିତରେ ହିଁ ସ୍ମୃତି ଘର ବଦଳାଇଲା । ତାକୁ ଯେତେ କହିଲେ ବି ସେ ଭଉଜଙ୍କୁ ଭଇଙ୍କ ସାଙ୍ଗରେ ଫେରିଯିବା ପାଇଁ ବାଧ୍ୟ କଲା । ସେମାନେ ଯେତେବେଳେ ଗଲେ, ମନନ ସ୍କୁଲକୁ ଯାଇଥିଲା । ସେମାନଙ୍କୁ ବାହାରେ ଛାଡ଼ି ଭିତରକୁ ଆସି କବାଟ ବନ୍ଦ କଲା ଏବଂ ନିଜକୁ ପୂରାପୂରି ନିଃସଙ୍ଗ ବୋଧ କଲା ସ୍ମୃତି । କେହି ନାହାନ୍ତି ତା ସାଙ୍ଗରେ ଆଉ । ଏ ନୂଆ ଘରେ ସୋମନାଥର କୌଣସି ସ୍ମୃତି ବି ନାହିଁ । ସେ କାନ୍ଦିବାକୁ ଆରମ୍ଭ କଲା । ତାର କୋହ କ୍ରମେ କ୍ରମେ ବଢ଼ି ଚାଲିଲା । ଯେତେ ଚେଷ୍ଟା କଲା, ତାର କାନ୍ଦକୁ ବନ୍ଦ କରି ପାରିଲା ନାହିଁ । ବିଛଣାରେ ପଡ଼ି ସେ ଆହୁରି ଜୋରରେ କାନ୍ଦିବାକୁ ଲାଗିଲା ।

ଦିନ ଦୁଇଟା ବେଳେ କିଏ କବାଟ ଖଟ ଖଟ କଲା । ମନନ ! ସ୍ମୃତି ବିଛଣାରୁ ଉଠି ବସିଲା । ହଠାତ୍ କାନ୍ଦ ବନ୍ଦ କରି ମୁହଁ ହାତ ଧୋଇ କବାଟ ଖୋଲିଲା । ମୁହଁକୁ ସାମାନ୍ୟ ହସ ଆଣି ମନନକୁ କହିଲା, "ଆଜି କ୍ଲାସରେ ସବୁ ଠିକ ହେଲା ?" ମନନ କିଛି କହିଲା ନାହିଁ; ତେବେ ଖାଇଲା ବେଳେ କହିଲା, "ମୋ ହାତରେ ଅଙ୍କ ହେଉନାହିଁ ।" ସ୍ମୃତି ତା ଉପରେ ରାଗିଗଲା । ମନନକୁ ଖାଇବା ବନ୍ଦ କରିବା ଦେଖି କହିଲା, "ଠିକ୍ ଅଛି, ଖାଇ ନେ । ତୋର ତ ଆଗରୁ ଅଙ୍କ ଭଲ ହଉଥିଲା । ଅଙ୍କ ଭଲ ନ ହେଲେ ଭଲରେ ପାସ୍ କରିବୁ କେମିତି ? ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟ ହେବୁ କେମିତି ?"

ମନନ କହିଲା, "ଅଙ୍କରେ ଅଧା ପିଲା ଖରାପ କରୁଛନ୍ତି ।"

ସ୍ମୃତି କହିଲା, "ଅଧା ପିଲା ଖରାପ କଲେ ଆମର କଣ ଅଛି ? ଆଉ ଅଧାକ ପିଲା ତ ଭଲ କରୁଛନ୍ତି !"

ମନନ କହିଲା, "ତାଙ୍କ ଘରେ ସବୁ ଟ୍ୟୁଟର ।"

ସ୍ମୃତି ଆଉ କିଛି କହିଲା ନାହିଁ । ତେବେ ସେ ଦିନ ସଂଧ୍ୟାରେ ଯେତେବେଳେ ମାଧବ ତାଙ୍କ ଘରକୁ ଆସିଲା, ସ୍ମୃତି ତାକୁ 'ଚା' ଦେଇ ସାରି ପ୍ରଥମେ ଏଇ ସମସ୍ୟାଟି କଥା କହିଲା । ମାଧବ କହିଲା, "ଏଇ ଛୋଟ କଥା ? ମନନ, ତୋର ଅଙ୍କ ବହି ନେଇଆ । ମୁଁ ତତେ ବୁଝାଇଦେବି ।"

ମନନ ତାର ବହି ଖାତା ନେଇ ଆସି ବସିଲା । ମାଧବ ଅନେକ ଚେଷ୍ଟା କଲା ମନନକୁ ବୁଝାଇବା ପାଇଁ, କିନ୍ତୁ ପାରିଲା ନାହିଁ । ଶେଷରେ ସ୍ମୃତିକୁ

Digitized by srujanika@gmail.com

କହିଲା, "ସତ କହିବାକୁ ଗଲେ ମୋ ନିଜର ଅଙ୍କ ବି ଖରାପ ।" ତିନି ଜଣଯାକ ଏ କଥାରେ ହସିଲେ । ମାଧବ କହିଲା, "କିଛି ବ୍ୟସ୍ତ ହବାର ନାହିଁ । ମୁଁ କାଲି ମୋ ଭଲ ଅଙ୍କ ଜାଣିଥିବା କୋଉ ଛାତ୍ରକୁ କହିବି । ସେ ଆସି ମନନକୁ ଘଣ୍ଟାଏ ଦି' ଘଣ୍ଟା ପଢ଼ାଇ ଦେଇଯିବ ।" ମନନକୁ କହିଲା, "ଯଦି ଇଂରେଜୀରେ କିଛି ଦରକାର ହୁଏ, ମତେ କହିବୁ ।" ମନନ କହିଲା, "ଇଂରେଜୀରେ ମୋର ଏଥରକ ପଞ୍ଚାଅଶି ଅଛି । ଇଂରେଜୀରେ ମତେ ସବୁ ଜଣା ।"

ଏକା ବାହାରକୁ ଯିବା ସ୍ମୃତିର ଅଭ୍ୟାସ ହୋଇଗଲା ଆସ୍ତେ ଆସ୍ତେ । ଯୋଉଦିନ ଡାକରେ ଇନ୍ସ୍ୟୁରନ୍ସ କମ୍ପାନୀର ଚେକ୍ ଆସିଲା, କାହାକୁ କିଛି ନ କହି ସ୍ମୃତି ବ୍ୟାଙ୍କକୁ ଗଲା, ଏବଂ ସେଇ ଲୋକଟି ଯେମିତି ଶିଖାଇ ଦେଇଥିଲା, ତାକୁ ଜମା କରିଦେଲା । ଆଉଥରେ ଆଉ ମାସରେ କାହିଁକି ବ୍ୟାଙ୍କକୁ ଆସିବ ବୋଲି ସେ ଆସନ୍ତା ମାସ ପାଇଁ ମଧ୍ୟ ଖର୍ଚ୍ଚ ବାବଦରେ ଟଙ୍କା ବାହାର କଲା । ଫେରିଲା ବେଳେ ଦୋକାନରୁ ଘରକରଣା ଜିନିଷ କିଣିଲା । ଏ କଥା ନ କରିଥିଲେ ତାକୁ ଦି' ଥର ରିକ୍ସା ଖର୍ଚ୍ଚ କରିବାକୁ ପଡ଼ିଥାନ୍ତା ।

ପଇସାପତ୍ର ବିଷୟରେ ଖୁବ ସତର୍କ ରହୁଥିଲା ସ୍ମୃତି । ନିହାତି ଦରକାର ନ ଥିଲେ ଗୋଟାଏ ପଇସା ବି ଅଯଥା ଖର୍ଚ୍ଚ କରୁ ନ ଥିଲା । ଦୋକାନକୁ ନିଜେ ଯାଇ ଜିନିଷ କିଣି ଆଣୁ ଥିଲା । ଦିନେ ଯୋଉଦିନ ଘରକୁ ଫେରି ଦୋକାନି କମ ଓଜନର ଜିନିଷ ଦେଇ ଥିବାର ଦେଖିଲା, ମନନକୁ ନେଇ ପୁଣି ଦୋକାନକୁ ଗଲା, ଦୋକାନିକୁ ଗାଳି ଦେଇ ପୂରା ଜିନିଷ ନେଇ ଆସିଲା ।

ସଂସାର ଚଳାଇବାରେ କିଛି ଅସୁବିଧା ହେଉ ନ ଥିଲା ତାର । ଜଗି ରଖି ଚଳିଲେ, ଯଦି କୌଣସି ବଡ଼ ଧରଣର ଦରକାର ହଠାତ୍ ଆସି ନ ପଡ଼େ, ତେବେ ଟଙ୍କା ବି ଅଣ୍ଟିଯିବ । ତେବେ ଟିକିଏ ଭୟ ହଉଥିଲା ଏକା ପୁରୁଷହୀନ ଘରେ ରହିବାରେ । କିଛି ଦିନ ପର୍ଯ୍ୟନ୍ତ ସୋମନାଥ ଅଫିସର ଗୋଟାଏ ଲୋକ ତା ଘରକୁ ଆସୁଥିଲା ତାର ଯାହା ସବୁ ଟଙ୍କା ପଇସା ପାଇବାର ଥିଲା ସେ ବିଷୟ ବୁଝିବା ପାଇଁ । ସେ ସବୁ ଛିଣ୍ଡିଯିବା ପରେ ବି ଥରେ ଦି' ଥର ଲୋକଟା ଆସିଲା ସ୍ମୃତିର ଭଲ ମନ୍ଦ ବୁଝିବା ପାଇଁ । ଦିନେ ସନ୍ଧ୍ୟାରେ ମନନ ନ ଥିବା ବେଳେ ଲୋକଟା ଆସିଲା । ଭିତରେ ବସି କହିଲା, "ମୁଁ ଏମିତି ମଝିରେ ମଝିରେ ଆସି ଆପଣଙ୍କର ସୁବିଧା ଅସୁବିଧା ବୁଝି ଯାଉଥିବି ।" ସ୍ମୃତି କିଛି କହିଲା ନାହିଁ । ଲୋକଟା କହିଲା, "କଣ ମୁଁ ଏତେ ଦୂରରୁ ଆସିଛି, ଗ୍ଲ' କପେ ବି ଯାଚିବେ ନାହିଁ ?" ଲୋକଟାର ମତିଗତି ସ୍ମୃତିକୁ ଭଲ ଲାଗିଲା ନାହିଁ ।

Digitized by srujanika@gmail.com

ସେ ତାକୁ ଚା' ଦେଲା ସତ, କିନ୍ତୁ ତା ସାମନାରେ ଚା' ରଖି ଦେଇ ନିଜେ ଭିତରକୁ ଚାଲିଗଲା । ଲୋକଟି ଚା' ପିଇ ସାରି କିଛିକ୍ଷଣ ଅପେକ୍ଷା କରି ତା ପରେ ଉଠି ଠିଆହେଲା । ସ୍ମୃତି ଆସି ତାକୁ କହିଲା, "ମୋର କିଛି ଅସୁବିଧା ନାହିଁ । ଆପଣଙ୍କର ଏଥର ଏଠାକୁ ଆସିବା ଦରକାର ନାହିଁ ।"

ମାଧବ କିନ୍ତୁ ମଝିରେ ମଝିରେ ଆସୁଥିଲା । ମନନ ସାଙ୍ଗରେ ତାର ଭଲ ପଡୁଥିଲା । ସ୍ମୃତି ବି ତା' ସହିତ ବସି ଗଳ୍ପ କରୁଥିଲା । କେବେ କେମିତି ଭଲ ଛୋଟ ସମସ୍ୟା ହେଲେ ସ୍ମୃତି ତାକୁ କହୁଥିଲା । ସେ ପଠାଇଥିବା ଛାତ୍ର ପାଖରୁ ମନନ ମଝିରେ ମଝିରେ ଅଙ୍କ ଶିଖୁଥିଲା ଏବଂ ଇଂରେଜୀରେ କିଛି ବୁଝିବାକୁ ହେଲେ ମାଧବକୁ ପଚାରୁଥିଲା । ମାଧବ ସେମାନଙ୍କ କଲେଜ ଲାଇବ୍ରେରୀରୁ ସ୍ମୃତି ପାଇଁ ଗପ ବହି ଆଣି ଦେଉଥିଲା ପଢ଼ିବା ପାଇଁ । ମାଧବ ଆସିଲେ ସ୍ମୃତି ଖୁସି ହେଉଥିଲା ଏବଂ ତିନିଜଣଯାକ ବସି ଅନେକ ସମୟ ଗପ କରୁଥିଲେ । ମନନର ପାଠ ପଢ଼ା ବାକୀ ଥିଲେ ସ୍ମୃତି ମଝିରେ କହୁଥିଲା, "ତୁ ଭିତରେ ଯାଇ ପାଠପଢ଼ ।"

ଭାଇଙ୍କ ପାଖରୁ ଯୋଉଦିନ ମାଟ୍ରିକୁଲେସନ ସାର୍ଟିଫିକେଟଟି ପାଇଲା, ସେଇ ଦିନ ସ୍ମୃତି ସୋମନାଥର ବ୍ୟାଙ୍କକୁ ଗଲା ତାଙ୍କର ବଡ଼ ସାହେବଙ୍କୁ ଦେଖା କରିବାକୁ । ସାହେବ କଣ ମିଟିଂରେ ବ୍ୟସ୍ତ ଥିଲେ ଏବଂ ତାକୁ ଅପେକ୍ଷା କରିବାକୁ କହିଲେ । ଏଣେ ମନନର ସ୍କୁଲ ଫେରିବା ବେଳ ହୋଇ ଆସୁଥିଲା । ତେଣୁ ସେଠାରେ ଆଉ ଅପେକ୍ଷା ନ କରି ସ୍ମୃତି ଘରକୁ ଫେରି ଆସିଲା । ପରଦିନ ଯେତେବେଳେ ସେ ସାହେବଙ୍କୁ ଯାଇ ଭେଟିଲା, ସେ ତାକୁ ଭଲମନ୍ଦ ପଚାରିଲେ । ସେ ମାତ୍ର ମାଟ୍ରିକ ପଢ଼ିଛି ଶୁଣି କହିଲେ, "ଏତିକି ପାଠରେ ଚାକିରି ପାଇବା ମୁସ୍କିଲ । ଯଦି ଟାଇପିଙ୍ଗ୍ ଇତ୍ୟାଦି ଶିଖିଥାନ୍ତେ, ମୁଁ ଭଲ ଚାକିରି କରାଇ ଦେଇଥାନ୍ତି । ଆପଣ କଣ କିଛି ନିହାତି ଛୋଟ କାମ କରିବାକୁ ଚାହିଁବେ ?" ସ୍ମୃତି ହଠାତ୍ କିଛି ଭାବି ଠିକ କରି ପାରିଲା ନାହିଁ; ଚୁପ୍ ରହିଲା । ସାହେବ କହିଲେ, "ଆପଣ ଭାବନ୍ତୁ । ଯେତେବେଳେ ହବ ଆସି କହିଲେ ମୁଁ କିଛି ବ୍ୟବସ୍ଥା କରିଦେବି ।"

ତାଙ୍କ ପାଖରୁ ଆସି ସ୍ମୃତି ସିଧା ଗଲା ଟାଇପ କରୁଥିବା ଝିଅଟି ପାଖକୁ । ନିଜର ପରିଚୟ ଦେବାରୁ ଝିଅଟି ପାଖରୁ ଗୋଟାଏ ଚଉକି ଆଣି ତାକୁ ବସାଇଲା । ତାକୁ ସ୍ମୃତି ଟାଇପରାଇଟିଂ ଶିଖିବା କଥା ପଚାରିଲା । ଝିଅଟି ସ୍ମୃତିକୁ ତା' ଘର ପାଖରେ କୋଉଠି ଶିଖିବାର ବ୍ୟବସ୍ଥା ଅଛି ଗୋଟାଏ କାଗଜରେ

Digitized by srujanika@gmail.com

ଲେଖି ଦେଲା । ଶିଖିବାକୁ କେତେଦିନ ଲାଗିବ ଇତ୍ୟାଦି କଥା ବି ସ୍ମୃତି ତା ପାଖରୁ ପଚାରି ବୁଝିଲା । ଘରକୁ ଫେରିବା ରାସ୍ତାରେ ସେ ଏ ବିଷୟରେ ଚିନ୍ତା କଲା । ବର୍ତ୍ତମାନ କୌଣସି ଚାକିରି ମିଳିଲେ ବୋଲହାକ କରିବାର ଛୋଟ ଚାକିରି ମିଳିବ । ଯଦି ଛ' ମାସ ଲାଗି ସେ ଟାଇପରାଇଟିଂ ଶିଖିଯିବ, ତେବେ ଗୋଟିଏ ନିୟମିତ ଚାକିରିରେ ପଶି ଯାଇ ପାରିବ । ଛ'ମାସ ସମୟ ବି କଣ ? ମନନକୁ ମଣିଷ ହେବାକୁ ତ ଅନେକ ବର୍ଷ ଲାଗିବ । ସେ ଯଦି ଟିକିଏ ଭଲ ଚାକିରି କରିବ, ଭବିଷ୍ୟତରେ ମନନକୁ ସାହାଯ୍ୟ ହେବ ।

ସେ ଟାଇପରାଇଟିଂ ଶିଖିବା ବିଷୟରେ ବୁଝା ବୁଝି କଲା, କିନ୍ତୁ ସମସ୍ୟା ହେଲା ସମୟକୁ ନେଇ । ଟାଇପ କ୍ଲାସ ସରୁଥିଲା ଚାରିଟାରେ, କିନ୍ତୁ ମନନ ଘରକୁ ଫେରୁଥିଲା ଦୁଇଟାରେ । ସେ ଏକା କେମିତି ଘରକୁ ଆସି ଖାଇବା ପିଇବା କରିବ ? ଦିନେ ଦି' ଦିନ ଏ କଥା ଭାବିବା ପରେ ସ୍ମୃତି ମନନକୁ ପଚାରିଲା, "ମୁଁ ଯଦି ତୋ ପାଇଁ ରନ୍ଧାରନ୍ଧି କରି ରଖି ଦେଇ ଯାଏ, ତୁ ସ୍କୁଲରୁ ଫେରି ଏକା ବାଢ଼ି ଖାଇ ଦେଇ ପାରିବୁ ?" ମନନ ହଁ କଲା । ତା' ପରେ ସ୍ମୃତି ଦୁଇଟି ଚାବି ଥିବା ଗୋଟିଏ ତାଲା ଆଣି ମନନକୁ ଶିଖାଇଲା ସେ କେମିତି ଚାବି ଖୋଲି ଭିତରକୁ ଆସିବ । ଯୋଉଦିନ ସ୍ମୃତି ପ୍ରଥମ ଦିନ ତାର ଟାଇପ-ରାଇଟିଂ କ୍ଲାସରୁ ଫେରିଲା, ମନନ ଖାଇ ପିଇ ସାରିଥିଲା ଏବଂ ଖାଇବା ବାସନ ବି ଧୋଇ ରଖି ଦେଇଥିଲା । ସ୍ମୃତିର କାନ୍ଦିବାକୁ ଇଚ୍ଛା ହେଲା, କିନ୍ତୁ ମନନ ଆଡ଼କୁ ଅନାଇ ଆଖିରୁ ଲୁହ ପୋଛିନେଲା ଏବଂ ତାକୁ କୋଳକୁ ନେଲା ।

ସ୍ମୃତି ତାର କାମ ଶିଖିବାରେ ମନ ଲଗାଇ ଦେଲା । ତାକୁ ଦିନରେ ଦିଆ ଯାଇଥିବା ପାଠକୁ ସେ ମନନ ସହିତ ବସି ସନ୍ଧ୍ୟାବେଳେ ତିଆରି କରୁଥିଲା । ମା'ର ପାଠ ପଢ଼ା ଦେଖି ମନନ ହସୁଥିଲା । ମନନ ତାକୁ କହୁଥିଲା, "ମତେ ତ ସବୁବେଳେ କ୍ଲାସରେ ଫାଷ୍ଟ ହବାକୁ କହୁଚୁ, ତତେ ବି କ୍ଲାସରେ ଫାଷ୍ଟ ହବାକୁ ହବ ।" ମନନ ଭଳି ସେ ବି ଯାହା ବୁଝି ପାରୁ ନ ଥିଲା, ଲେଖି ରଖୁଥିଲା । ମାଧବ ଆସିଲେ ତାକୁ ପଚାରୁ ଥିଲା । ଟାଇପରାଇଟିଂ ଶିଖି ସାରିଲେ ତାକୁ କେତେ ଦରମାର ଚାକିରି ମିଳିବ ସେ ସେଖବର ଦେଇ ସାରିଥିଲା । ମଝିରେ ମଝିରେ ଏ ସବୁର ହିସାବ କରିବା ବେଳେ ଖୁସିରେ ମନ ଭରି ଯାଉଥିଲା ସ୍ମୃତିର । ସେ ତାର ଦରମାରୁ ବେଶ୍ କିଛି ଅଲଗା କରି ରଖିଦେଇ ପାରିବ ମନନର ଭବିଷ୍ୟତ ପାଠ ପଢ଼ା ପାଇଁ ।

ଦିନେ ଭାଇଙ୍କ ପାଖରୁ ହଠାତ ଚିଠି ଆସିଲା ସ୍ମୃତି ପାଖକୁ । ଭାଇ ଲେଖିଥିଲେ, "ଏଠାରେ ଜଣେ ଆସିଷ୍ଟାଣ୍ଟ ଇଞ୍ଜିନିୟର ଅଛନ୍ତି । ତାଙ୍କର

Digitized by srujanika@gmail.com

ସ୍ୱାମୀ ଗଲା ବର୍ଷ ମରିଗଲେ । ତାଙ୍କର ପିଲାପିଲି ନାହାଁନ୍ତି । ତାଙ୍କ ବୟସ ଅବଶ୍ୟ ଟିକିଏ ବେଶୀ, କିନ୍ତୁ ତୁ ଯଦି ରାଜି ହୁଅନ୍ତୁ, କଥାବାର୍ତ୍ତା କରନ୍ତି...” ଇତ୍ୟାଦି । ଭଲ କି ଅଦ୍‌ଭୁତ ଲୋକ, ମନେ ମନେ ଭାବିଲା ସ୍ମୃତି । ସେ କାର୍ଡ ବାହାର କରି ସେଇ ମୁହୂର୍ତ୍ତରେ ଜବାବ ଲେଖିଲା, ତମକୁ ତ ମୋ ଦାୟିତ୍ୱ କଥା ଜଣା । ଭଗ୍ୟକୁ ଅଳ୍ପଦିନ ଭିତରେ ମୋର ବ୍ୟାଙ୍କରେ ଚାକିରି ହୋଇ-ଯିବ । ସେଥିପାଇଁ ମୋ ବିଷୟରେ ଆଉ ଚିନ୍ତା କରିବ ନାହିଁ । କାହା ସାଙ୍ଗେ କଥାବାର୍ତ୍ତା କରିବା ଦରକାର ନାହିଁ । ମୁଁ ଏକା ଭଲ ଅଛି ।”

ମନନ ବାହାରେ ଖେଳୁଥିଲା, ଭିତରକୁ ଆସିବାରୁ କହିଲା, “ଯା, ଚିଠିଟା ଡାକ ବାକ୍‌ସରେ ପକାଇ ଦେଇ ଆସିବୁ ।” ତା ହାତରୁ ଚିଠିଟା ନେଇ ଯାଉ ଯାଉ ମନନ କହିଲା, “ମୁଁ କହିବାକୁ ଭୁଲି ଯାଇଥିଲି, ତୁ କାଲି ସନ୍ଧ୍ୟାବେଳେ ଦୋକାନକୁ ଯାଇଥିବା ବେଳେ ମାଧବ ବାବୁ ଆସିଥିଲେ । ତତେ ଖୋଜୁଥିଲେ ।” ସ୍ମୃତି କହିଲା, “ଚିଠି ପକାଇ ଦେଇ ତାଙ୍କ ଘରକୁ ଯିବୁ । ସଂଧ୍ୟାବେଳେ ତାଙ୍କୁ ଆସିବାକୁ କହିବୁ ।” ମନନ କହିଲା, “ତା’ ହେଲେ ମୁଁ ସାର୍ଟଟା ପିନ୍ଧି ଦଉଡି ।”

ମନନ ଜାମା ବଦଳାଉଥିବା ବେଳେ ତାକୁ ଗଭୀର ଦୃଷ୍ଟିରେ ଅନା-ଇଲା ସ୍ମୃତି । ତାକୁ ଜମା ସାତ ବର୍ଷ । କେତେ ବର୍ଷ ଲାଗିବ ଏଇ ପତଳା ରୋଗା ପିଲାଟିକୁ ମଣିଷ ହେବାପାଇଁ । ସ୍ମୃତିର ବୟସ ମାତ୍ର ଚବିଶ ବର୍ଷ । କେତେବେଳେ ସରିବ ତାର ଏଇ ଦାୟିତ୍ୱ ?

ମନନ ଚାଲିଯିବା ପରେ ସ୍ମୃତି ସୁଟକେଶ ଖୋଲି ନିଜର ଲୁଗାପଟା ଦେଖିଲା ଏବଂ ସେଥିରୁ ପସନ୍ଦ କରି ଗୋଟିଏ ଶାଢ଼ୀ ବାହାର କଲା । ମୁହଁ ହାତ ଧୋଇ ସେ ଶାଢ଼ୀଟିକୁ ଯତ୍ନ କରି ପିନ୍ଧିଲା । ଦର୍ପଣ ଆଗରେ ବସି ସେ ଅନେକ ଦିନ ପରେ ନିଜର ପ୍ରସାଧନ କଲା । ମୁଣ୍ଡରେ ଟିପା ଲଗାଇଲା ଏବଂ ଅଳଙ୍କାର ଭିତରୁ ଯେଉଁ ଛୋଟ ହାରଟିକୁ ରଖିନେଇଥିଲା ତାକୁ ପିନ୍ଧିଲା । ଏଥରକ ଭଲ ଭାବରେ ଦର୍ପଣ ଭିତରେ ନିଜ ଆଡ଼କୁ ଅନାଇଲା ସ୍ମୃତି । କେବଳ ମନନ ପାଇଁ ନୁହେଁ, ସେ ନିଜପାଇଁ ବି ଦାୟୀ । ନିଜର ଦେହ ଓ ବୟସ ପ୍ରତି ବି ତ ତାର ଦାୟିତ୍ୱ ରହିଛି ।

—○—

Digitized by srujanika@gmail.com